

ରଶ୍ମିକା-ବିଜୟ ନିର୍ବନ୍ଧ ଚର୍ଚ୍ଚା

▶ପୃଷ୍ଠା 9 ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-103 •THURSDAY •9 OCTOBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୦୩ •ଗୁରୁବାର •୯ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


ପୁଲିସ ଚାକିରି ବିକ୍ରି

# କାଠଗଡ଼ାରେ ଓପିଆର୍‌ବି

## ଟେଣ୍ଡର ସର୍ତ୍ତାବଳୀ ଉଲ୍ଲଙ୍ଘନ ସତ୍ତ୍ୱେ କାହିଁକି ଚୁପ୍ ଥିଲେ କର୍ତ୍ତୃପକ୍ଷ

■ ଭୁବନେଶ୍ୱର, ୮।୧୦ (ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାକୁ ନେଇ ସାରା ରାଜ୍ୟ ଦୁଲୁକୁଛି । ୨୫ରୁ ୩୦ ଲକ୍ଷ ଟଙ୍କାରେ ପୁଲିସ ଚାକିରି ବିକ୍ରି ଷଡ଼ଯନ୍ତ୍ର ଧରା ପଡ଼ିବା ପରେ ଯେତିକି ତଥ୍ୟ ଲୋକଲୋଚନକୁ ଆସିଛି, ସେଥିରେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋଡର୍ (ଓପିଆର୍‌ବି) ଓ ପରୀକ୍ଷା ପରିଚାଳନା ନିମନ୍ତେ ଦାୟିତ୍ୱ ପାଇଥିବା ଆଇଟିଆଇର ଭୂମିକାକୁ ନେଇ ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି । ରାଷ୍ଟ୍ରାୟତ୍ତ ସଂସ୍ଥା ଆଇଟିଆଇରୁ ସବ୍‌ଲେଟ୍ ନେଇଥିବା ସିଲିକନ୍ ଟେକ୍‌ଲାବ୍ ଓ ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟିର କାର୍ଯ୍ୟକଳାପ ସମ୍ପର୍କରେ ଓପିଆର୍‌ବି ସବୁ ଜାଣି ବି ନିରବ ଥିବା ସ୍ପଷ୍ଟ ହେବାରେ ଲାଗିଛି । ପରୀକ୍ଷା ପରିଚାଳନା ନିମନ୍ତେ ଆଇଟିଆଇକୁ ଟେଣ୍ଡର ଦେବା ବେଳେ ଓପିଆର୍‌ବି କେବଳ ଅନ୍ୟ କମ୍ପାନୀଠାରୁ ମାନବସମ୍ବଳ ସହଯୋଗ ନିମନ୍ତେ ଅନୁମତି ଦେଇଥିଲା । ମାତ୍ର ଆଇଟିଆଇ ପୁରା ପରୀକ୍ଷା

### ଅନୁମତି ନ ଥିବା ସତ୍ତ୍ୱେ ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିଲେ ସିଲିକନ୍ ଓ ପଞ୍ଚସଫ୍ଟ

### ଓପିଆର୍‌ବି ଓ ଆଇଟିଆଇ ଅଧିକାରୀଙ୍କ ପ୍ରତି କୋହଳ ମନୋଭାବ କାହିଁକି

ପରିଚାଳନା ବ୍ୟବସ୍ଥାକୁ ସିଲିକନ୍ ଟେକ୍‌ଲାବକୁ ହସ୍ତାନ୍ତର କରିଥିବାବେଳେ କାହିଁକି ଓପିଆର୍‌ବି ନିରବ ରହିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ସିଲିକନ୍ ଟେକ୍‌ଲାବ୍ ସହ ମିଶି ପଞ୍ଚସଫ୍ଟ କମ୍ପାନୀ ଅନୁମତି ନ ଥିବା ସତ୍ତ୍ୱେ କିପରି ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରିଚାଳନା ଦାୟିତ୍ୱ ପାଇଲେ, ତାହାକୁ ଦେଖିଲେଚାକିରି ବିକ୍ରି ପାଇଁ ମୂଳରୁ ଷଡ଼ଯନ୍ତ୍ର ହୋଇଥିବା ଜଳଜଳ ଦିଶୁଛି । ପରୀକ୍ଷା ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଓପିଆର୍‌ବି ଅଧିକାରୀମାନେ ଏହି ଷଡ଼ଯନ୍ତ୍ର ସମ୍ପର୍କରେ ଅବଗତ ଥାଇ ସୁଦ୍ଧା ଆଖିମୁଦି ବସିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ।

ପୁଲିସ୍ ଏସ୍‌ଆଇ ପରୀକ୍ଷା ପାଇଁ ଓପିଆରବି ଦେଇଥିବା ଟେଣ୍ଡରର ସର୍ତ୍ତ ଅନୁସାରେ ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା କରିବ । ମାତ୍ର କମ୍ପାନୀ ଏଥିପାଇଁ ଅନ୍ୟ କମ୍ପାନୀଠାରୁ ମାନବସମ୍ବଳ ସହଯୋଗ ନେଇପାରିବ । ଅର୍ଥାତ୍ କେବଳ ପରୀକ୍ଷା ସମୟରେ ନିରୀକ୍ଷକ ଭାବରେ ଅନ୍ୟ କମ୍ପାନୀ ବା ସଂସ୍ଥାର ଲୋକଙ୍କୁ ନିୟୋଜିତ କରିପାରିବ । ଯଦି ଅନ୍ୟ କୌଣସି କମ୍ପାନୀକୁ ଆଇଟିଆଇ ସବ୍-କଣ୍ଟ୍ରାକ୍ଟ ପ୍ରଦାନ କରେ, ତେବେ ସେ ସମ୍ପର୍କରେ ଓପିଆର୍‌ବିକୁ ଲିଖିତ ଭାବେ ଅବଗତ କରିବାକୁ ଏଥିରେ ସର୍ତ୍ତ ରହିଥିଲା । ତେଣୁ ସିଲିକନ୍ ପ୍ରାଇଭେଟ୍ ଲିମିଟେଡ୍ ଓ ପଞ୍ଚସଫ୍ଟ କମ୍ପାନୀକୁ ସବ୍ କଣ୍ଟ୍ରାକ୍ଟ ଦିଆଯିବା ସମ୍ପର୍କରେ ନିଶ୍ଚିତ ଆଇଟିଆଇ କର୍ତ୍ତୃପକ୍ଷ ଓପିଆର୍‌ବିକୁ ଅବଗତ କରିଥିବେ । ମାତ୍ର ▶ପୃଷ୍ଠା-୭

ମିଆଁମାର ସେନାର ବର୍ବରତା

# ବୌଦ୍ଧ ମହୋତ୍ସବରେ ବୋମାମାଡ଼

## ୪୭ ମୃତ, ୮୦ ଆହତ



■ ନେପିଡୋ, ୮।୧୦ (ସମିସ): ମ୍ୟାନମାରରେ ବୌଦ୍ଧ ମହୋତ୍ସବ ପାଳନ ବେଳେ ଏକ ବଡ଼ଧରଣର ଅଘଟଣ ଘଟିଛି । ଚାଉଙ୍ଗ ୟୁ ସହରରେ 'ଥାଡିଙ୍ଗ୍ୟ୍‌ଟ୍ ପୂର୍ଣ୍ଣିମା' ପାଳନ କରିବାକୁ ଲୋକ ଏକାଠି ହୋଇଥିବା ବେଳେ ସେନାର ବୋମାମାଡ଼ରେ ୪୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ୮୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଏହି ଉତ୍ସବ ପାଳନ ବେଳେ ସୋମବାର ସନ୍ଧ୍ୟାରେ ସମବେତ ଜନତା ଶାସନାଧିନ ମିଲିଟାରୀ ଜୁଣ୍ଟା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ । ଏହି ସମୟରେ ସେନା ପକ୍ଷରୁ ୭ଟି ବୋମାମାଡ଼ କରାଯାଇଥିବା ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି ।

ଏକ ମୋଟରଚାଳିତ ପାରା ଗ୍ଲାଇଡର ଘଟଣାସ୍ଥଳରେ ଉଡିଥିଲା ଓ ଏଥିରୁ ବୋମାମାଡ଼ କରାଯାଇଥିଲା । ଆକ୍ରମଣ ହେବ ବୋଲି ଲୋକଙ୍କୁ ଆଗୁଆ ସୂଚନା ଦିଆଯାଇଥିଲା । ଫଳରେ ଏକ ତୃତୀୟାଂଶ ଲୋକ ସେଠାରୁ ପଳାଇ ଯାଇଥିଲେ । ନହେଲ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇଥାନ୍ତା ବୋଲି କୁହାଯାଇଛି । ବୋମାମାଡ଼ ପରେ ଅଞ୍ଚଳରେ ଖଣ୍ଡିବିଖଣ୍ଡିତ ଶରୀର ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିବା ବେଳେ ମୃତଦେହଗୁଡିକୁ ଚିହ୍ନଟ କରିବା କଷ୍ଟକର ହୋଇ ପଡ଼ିଛି । ମୃତ୍ୟୁସଂଖ୍ୟ ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ତେବେ ଜୁନଟା ତରଫରୁ ଏହି ବୋମା ମାଡ଼ ସଂକ୍ରାନ୍ତରେ କିଛି କୁହାଯାଇନାହିଁ । ଉଲ୍ଲେଖଥାଉ କି, ୨୦୨୧ ▶ପୃଷ୍ଠା-୭

# ସରକାରଙ୍କୁ ଆଇନଶୃଙ୍ଖଳା ଚିନ୍ତା

## ଅସାମାଜିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



■ ଭୁବନେଶ୍ୱର, ୮।୧୦ (ସମିସ): ଗତ କିଛିଦିନ ମଧ୍ୟରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଭୟଙ୍କର ସମୟ ଦେଇ ଗତି କରୁଛି । ଅରାଜକତା ସୀମା ଅତିକ୍ରମ କରିଛି । କଟକ ଚୌଦ୍ୱାର ଜେଲ୍‌ରୁ ଦୁଇଜଣ କୁଖ୍ୟାତ ହତ୍ୟାକାରୀ ଫେରାର ହୋଇ ଯାଇଛନ୍ତି । ଭଦ୍ରକ ଅଞ୍ଚଳରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଠାଇ ନିଆଯାଇ ଦୁଷ୍କର୍ମ କରାଯାଇଛି । କଟକରେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହୋଇଛି । ସହରରେ କର୍ଫ୍ୟୁ ଜାରି କରାଯାଇଛି । ବ୍ରହ୍ମପୁରରେ ଖୋଦ ଶାସକ ଦଳର ଜଣେ ନେତା ତଥା ଆଇନଜୀବୀଙ୍କୁ ଗୁଳି ମାରି ହତ୍ୟା କରାଯାଇଛି । ଏହି ସମୟରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା ରାଜ୍ୟ ସରକାରଙ୍କ ଛବିକୁ ମଳିନ କରିଛି । ଏହାର ଅନୁଧ୍ୟାନ ନିମନ୍ତେ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡାକିଛନ୍ତି ଗୁରୁତ୍ୱପୂର୍ଣ୍ଣ ବୈଠକ । ଆଇନଶୃଙ୍ଖଳା ଖରାପ କରୁଥିବା ଅସାମାଜିକ ତତ୍ତ୍ୱଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଦୃଢ଼ ହସ୍ତରେ ଦମନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

ନିକଟରେ ରାଜ୍ୟରେ ଘଟିଥିବା ବିଭିନ୍ନ ଅପରାଧଗୁଡ଼ିକ ସମ୍ପର୍କରେ ପୁଲିସ ଡ଼ିଜିଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଟକରେ ପରିସ୍ଥିତି ସାମାନ୍ୟ ହେଲେ ମଧ୍ୟ ପୁଲିସକୁ ସତର୍କ ରହିବାକୁ ପଡିବ ଏବଂ କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ । ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ଫୋର୍ସ ମୁତୟନ ସହିତ ପାଟ୍ରୋଲିଙ୍ଗ୍ ଜାରି ରଖାଯାଉ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରି ଆସିବ ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହିତ ପୁଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ବ୍ରହ୍ମପୁରର ଆଇନଜୀବୀ ତଥା ସମାଜସେବୀ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ▶ପୃଷ୍ଠା-୭

ନୂଆପଡ଼ା ଲଢ଼େଇ

# ନବୀନ ଗଢ଼ିଲେ କମିଟି

ଷ୍ଟିଅରିଂ କମିଟିରେ ଦଳର ୬ ବରିଷ୍ଠ ନେତା

ଜୋନାଲ କମିଟିରେ ୧୦, ଆକ୍ସନ କମିଟିରେ ୩

■ ଭୁବନେଶ୍ୱର, ୮।୧୦ (ସମିସ): ନୂଆପଡ଼ା ଉପ ନିର୍ବାଚନ ପ୍ରରିପେକ୍ଷୀରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବରିଷ୍ଠ ନେତାଙ୍କୁ ନେଇ ୩ଟି କମିଟି ଗଠନ କରିଛନ୍ତି । ଷ୍ଟିୟରିଂ କମିଟି, ଜୋନାଲ କମିଟି ଏବଂ ଲୋକାଲ ଆକ୍ସନ କମିଟିରେ ସ୍ଥାନୀତ ସଦସ୍ୟମାନେ ନିର୍ବାଚନ ପରିଚାଳନା କରିବେ ବୋଲି ବିଜେଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି ।

ଉପନିର୍ବାଚନର ପରିଚାଳନା ଦାୟିତ୍ୱ ଷ୍ଟିୟରିଂ କମିଟି ଉପରେ ନ୍ୟସ୍ତ ହୋଇଛି । ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ନିରଞ୍ଜନ ବିଶି ଓ ମହମ୍ମଦ ଆୟୁବ ଖାନ୍ ପ୍ରମୁଖ ଏହି କମିଟିରେ ରହିଛନ୍ତି । ସେହିପରି ଜିଲ୍ଲା ପରିଷଦ ଜୋନ୍ ଏବଂ ପୌରାଞ୍ଚଳ ଜୋନକୁ ନେଇ ଗଠିତ ଜୋନାଲ କମିଟିରେ ମୋଟ ୧୦ ଜଣ ସ୍ଥାନ ପାଇଛନ୍ତି । ନୂଆପଡା ଏନଏସି ପାଇଁ କଳିକେଶ ନାରାୟଣ ସିଂହଦେଓ ଓ ଶାରଦା ନାୟକଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଖରିଆର ଏନଏସି ପାଇଁ ରୋହିତ ପୂଜାରୀ ଓ ବିକ୍ରମ ପଣ୍ଡାଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସେହିପରି ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ସରୋଜ ମେହେର, ମନୋହର ରନ୍ଧାରୀ, ପ୍ରଦୀପ ମାଝୀ, ଯୋଗେଶ ସିଂଙ୍କୁ ଜିଲ୍ଲା ପରିଷଦ ଜୋନ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି । ଲୋକାଲ ଆକ୍ସନ କମିଟିରେ ବିଧାୟକ ଅଧିରାଜ ପାଣିଗ୍ରାହୀ, ଅବନୀ ଯୋଶୀ ଓ ମନୋଜ ମିଶ୍ର ରହିଛନ୍ତି । ଏହି ୩ କମିଟି ତତ୍ତ୍ୱାବଧାନରେ ବିଜେଡି ନିଜର ଉପ ନିର୍ବାଚନ ରଣନୀତି ପରିଚାଳନା କରିବ ବୋଲି ଜଣାପଡ଼ିଛି ।

ଟ୍ରମ୍ପଙ୍କ ଏଚ୍ ୧-ବି ଭିସା ମାଡ଼ର ପ୍ରଭାବ

# କମୁଛି ଏନ୍‌ଆର୍‌ଆଇ ବରଙ୍କ କ୍ରେଜ୍

■ ନୂଆଦିଲ୍ଲୀ,୮।୧୦ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏଚ୍୧-ବି ଭିସା ବୋମାର ପ୍ରଭାବ ଏବେ ଚାରିଆଡେ ଜୋରଦାର ଅନୁଭୂତ ହେବାରେ ଲାଗିଛି । ଖାସ୍ କରି ଭାରତୀୟ ବିବାହ ବଜାର ମଧ୍ୟ ଏଥିରୁ ବର୍ତ୍ତି ପାରିନାହିଁ । ଦୀର୍ଘ ବର୍ଷ ଧରି ଭାରତରେ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ବରଙ୍କ କ୍ରେଜ୍ କାହିଁ କେତେ ଉପରେ ରହିଥିବା ବେଳେ ଟ୍ରମ୍ପ୍‌ଙ୍କ ଏହି ପରିବର୍ତ୍ତିତ ଭିସା ନୀତି ଏବଂ ଆବେଦନକାରୀଙ୍କ ପାଇଁ ଫି' ୧୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) ବୃଦ୍ଧି ପରେ ଆମେରିକାରେ କାମ କରୁଥିବା ଏନ୍‌ଆର୍‌ଆଇ ବରଙ୍କ ଚାହିଦା ହ୍ରାସ ପାଇଥିବା 'ଭାଓଜ୍ ଫର୍ ଇଟରନିଟି ରିପୋର୍ଟ'ରେ ପ୍ରକାଶ ପାଇଛି ।

ରିପୋର୍ଟ ଅନୁଯାୟୀ, ଆମେରିକାରେ ଥିବା ଭାରତୀୟ କର୍ମଜୀବୀମାନଙ୍କର ଚାକିରି ସ୍ଥିତିରେ ଅନିଶ୍ଚିତତା ଓ ବିପଦ ଦୃଷ୍ଟିରୁ ଏନ୍‌ଆର୍‌ଆଇ ଜୀବନସାଥୀ ଖୋଜୁଥିବା ପରିବାରଗୁଡ଼ିକର ଆଶା ଟ୍ରମ୍ପ୍‌ଙ୍କ ଏପରି ନୀତିରେ ଧୂଳିସାତ ହୋଇଛି । ବର୍ତ୍ତମାନ ସେମାନେ ଝିଅ ପାଇଁ ଏନ୍‌ଆର୍‌ଆଇ ବର ଖୋଜିବା ଯୋଜନା ବିଷୟରେ ପୁନର୍ବିଚାର କରୁଛନ୍ତି । ସମ୍ପ୍ରତି ଆମେରିକା ହେଉଛି ପ୍ରାୟ ୨.୧ ନିୟୁତ ପ୍ରବାସୀ ଭାରତୀୟଙ୍କ ଘର, ଯାହାକୁ ଭାରତରେ ଆଦର୍ଶ ବିବାହ ସମ୍ଭାବନା ଭାବରେ ବିବେଚନା କରାଯାଉଛି । କିନ୍ତୁ ଡୋନାଲ୍ଡ ଟ୍ରମ୍ପ୍ କ୍ଷମତାକୁ ଫେରିବା ଏବଂ ହଜାର ହଜାର କୁଶଳୀ ଭାରତୀୟଙ୍କୁ ନିଯୁକ୍ତି ଦେଉଥିବା ଏଚ୍୧-ବି ଭିସା କାର୍ଯ୍ୟକ୍ରମର ପୁନରୁଦ୍ଧାର ପଦକ୍ଷେପ ▶ପୃଷ୍ଠା-୭







ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

# ରଶ୍ମିକା-ବିଜୟଙ୍କ ନିର୍ବନ୍ଧକୁ ନେଇ ଚର୍ଚ୍ଚା



ସାଉଥ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଯୋଡ଼ି ଭାବେ ଜଣାଯାନ୍ତି ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା । ଦୀର୍ଘଦିନ ପ୍ରେମ ସମ୍ପର୍କରେ ରହିବା ପରେ ଏହି ଯୋଡ଼ିଙ୍କର ନିକଟରେ ନିର୍ବନ୍ଧ ପର୍ବ ଅନୁଷ୍ଠିତ ହୋଇଥିବା ଚର୍ଚ୍ଚା ହେଉଛି । ଖୁବ୍ ଶୀଘ୍ର ସେମାନେ ନିର୍ବନ୍ଧ କଥା ଘୋଷଣା କରିପାରନ୍ତି ବୋଲି କୁହାଯାଉଛି । କେବଳ ସେତିକି ନୁହେଁ ରଶ୍ମିକା ଓ ବିଜୟ ଆସନ୍ତା ଫେବୃଆରୀ ମାସରେ ବିବାହ ବନ୍ଧନରେ ବାନ୍ଧି ହୋଇ ପାରନ୍ତି ବୋଲି ମଧ୍ୟ କୁହାଯାଉଛି । ତେବେ ଏହି ନିର୍ବନ୍ଧ ସମୟରେ କେବଳ ଉଭୟଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିବା କଥା କୁହାଯାଉଛି । ଯଦିଓ ଅନେକ ଦିନରୁ ଉଭୟଙ୍କ ଡେଟିଂ କଥା ସାମ୍ନାକୁ ଆସିଛି କିନ୍ତୁ ଏବେ ଯାଏଁ ଏଯାବତ୍ ବିଧିବଦ୍ଧ ଭାବେ କିଛି କହିନାହାନ୍ତି । ସାଧାରଣତଃ ସେଲିବ୍ରିଟିଙ୍କ ନିର୍ବନ୍ଧ ଖବର ଫଟୋ ଓ ଭିଡିଓଗୁଡ଼ିକ ଭାଇରାଲ ହେଉଥିବାବେଳେ ରଶ୍ମିକା-ବିଜୟଙ୍କ ନିର୍ବନ୍ଧକୁ ଏଯାବତ୍ ଗୁପ୍ତ ରଖାଯାଇଛି । ତେବେ ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଦର୍ଶକେ ଏବେ ସେମାନଙ୍କର ନିର୍ବନ୍ଧ ସମୟର ଫଟୋ ଓ ଭିଡିଓକୁ ଅପେକ୍ଷା କରିଛନ୍ତି । 'ଗୀତା ଗୋବିନ୍ଦମ୍' ଫିଲ୍ମରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା ଚର୍ଚ୍ଚା ହୁଏ ।

# ବିଶ୍ୱ ଡାକ ଦିବସ



ଆଜି ବିଶ୍ୱ ଡାକ ଦିବସ । ଅକ୍ଟୋବର ୯କୁ ସମଗ୍ର ବିଶ୍ୱରେ ଡାକ ଦିବସ ଭାବରେ ପାଳନ କରାଯାଉଛି । ଏହି ଦିନଟି ପାଳନ କରିବାର ଉଦ୍ଦେଶ୍ୟ ହେଉଛି, ଡାକ ସେବା ଏବଂ ଡାକ ବିଭାଗ ବିଷୟରେ ଲୋକଙ୍କୁ ଅବଗତ କରାଇବା । ୧୮୭୪ ମସିହା ଆଜିର ଦିନରେ ୨୨ଟି ଦେଶ ସ୍ୱିଜରଲ୍ୟାଣ୍ଡର ରାଜଧାନୀ ବର୍ନରେ ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନ ଗଠନ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ଏହାପରେ ଜାପାନର ଟୋକିଓରେ ୧୯୬୯ରେ ଅନୁଷ୍ଠିତ 'ୟୁନିଭର୍ସାଲ୍ ପୋଷ୍ଟାଲ୍ ୟୁନିଅନ୍'ର ଅଧିବେଶନରେ, ଅକ୍ଟୋବର ୯କୁ 'ବିଶ୍ୱ ଡାକ ଦିବସ' ରୂପେ ପାଳିବା ପାଇଁ ଭାରତୀୟ ପ୍ରତିନିଧି ଆନନ୍ଦ ମୋହନ ନରୁଲା ପ୍ରସ୍ତାବ ଦେଇଥିଲେ । ତାଙ୍କ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା ଏବଂ ତାହା ପରଠାରୁ ଏହି ଦିବସ ପାଳିତ ହେଉଛି । ଡାକ ସେବା ହେଉଛି ଯୋଗାଯୋଗର ପୁରାତନ ମାଧ୍ୟମ । ଆଜିର ଏହି ଡିଜିଟାଲ ଯୁଗରେ ଡାକସେବାରୁ ଯଦିଓ ଲୋକେ ଟିକେ ଦୂରେଇ ଯାଇଛନ୍ତି ତଥାପି ଅନେକ କାମ ଏହି ଡାକ ମାଧ୍ୟମରେ କରାଯାଉଛି । ଦୀର୍ଘଦିନରୁ ସବୁଠାରୁ ନିର୍ଭରଯୋଗ୍ୟ ଏବଂ ଶସ୍ତା ମାଧ୍ୟମ ପାଲଟିଛି ଡାକସେବା । ଆଜିବି ପ୍ରାଇଭେଟ୍ କୋରିଅର କମ୍ପାନିଗୁଡ଼ିକ ଯେଉଁ ସ୍ଥାନକୁ ପହଞ୍ଚି ପାରୁନାହାନ୍ତି ଡାକ ବିଭାଗ ସେଠାରେ ପହଞ୍ଚିଛି । ଯୋଗାଯୋଗର ଏହି ପୁରୁଣା ଉତ୍ସକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଉଛି । ୧୮୭୬ ଜୁଲାଇ ୧ରେ ଭାରତ ପ୍ରଥମ ଏସୀୟ ଦେଶ ଭିସେବି, ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନର ସଦସ୍ୟ ହୋଇଥିଲା । ୧୮୫୪ ଅକ୍ଟୋବର ୧ରେ ଭାରତ ସରକାର ଡାକ ପାଇଁ ଏକ ବିଭାଗ ପ୍ରତିଷ୍ଠା କରିଥିଲେ । ବିଶ୍ୱର ସର୍ବାଧିକ ଡାକଘର ଥିବା ଦେଶରେ ଅଛି । କୋଲକାତାରେ ଭାରତର ପ୍ରଥମ ଡାକଘର ସ୍ଥାପିତ ହୋଇଥିଲା । ବିଶ୍ୱର ସର୍ବାଧିକ ଉଚ୍ଚତାରେ ଥିବା ଡାକଘର ହେଉଛି ହିମାଚଳ ପ୍ରଦେଶ ଅନ୍ତର୍ଗତ ହିକ୍କିମ ଡାକଘର । ସ୍ମାର୍ଟ ଫୋନ୍, ଇଣ୍ଟରନେଟ ଯୁଗରେ ଯୁବ ପିଢ଼ି ଡାକ ସେବାକୁ ଭୁଲି ଯାଇଛନ୍ତି । ହେଲେ ଆଜି ବି ଯେଉଁଠି ଇଣ୍ଟରନେଟ୍ କିମ୍ବା ଫୋନ୍‌ର ନେଟୱର୍କ ପହଞ୍ଚି ପାରେନି ସେଠାରେ ପହଞ୍ଚିଯାଉଛି ଡାକ ସେବା । ଗ୍ରାମାଞ୍ଚଳରେ ସବୁଠି ବ୍ୟାଙ୍କ ନାହିଁ କିନ୍ତୁ ପୋଷ୍ଟ ଅଫିସ ଥିବା ନିଶ୍ଚିତ । ଏହାଦ୍ୱାରା ଲୋକଙ୍କ ଆବଶ୍ୟକତାକୁ ଆଖିରେ ରଖି ଏବେ ପୋଷ୍ଟ ଅଫିସରେ ବ୍ୟାଙ୍କ ଭଳି ସୁବିଧା ଯୋଗାଇ ଦିଆଯାଉଛି । ସେହିପରି ବିଭିନ୍ନ ସ୍କିମ୍‌ରେ ଟଙ୍କା ରଖି ଭଲ ରିଟର୍ଣ୍ଣ ପାଉଛନ୍ତି ଲୋକେ । ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ଡାକ ବିଭାଗର ଯୋଗଦାନ ବିଷୟରେ ଲୋକଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଡାକ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ସମ୍ମାନ ଓ କୃତଜ୍ଞତା ଜଣାଇବାର ବିଶ୍ୱ ଡାକ ଦିବସ ଏକ ଉତ୍ତମ ମଞ୍ଚ । ଏହି ଦିନ ସମଗ୍ର ବିଶ୍ୱରେ ଡାକ ସାମଗ୍ରୀ ଓ ଡାକ ସେବାର ପ୍ରୋତ୍ସାହନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ ।

## ଆଜିର ଇତିହାସ

- ୧୯୨୦ - ଆଲିଗଡ଼ର ଆଙ୍ଗ୍ଲୋ ଓରିଏଣ୍ଟାଲ କଲେଜ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେଲା ।
- ୧୯୫୪- ଆଫ୍ରିକୀୟ ଦେଶ ଆଲ୍‌ଜେରିଆରେ ଭୂମିକମ୍ପରେ ୧୪୦୦ ଲୋକଙ୍କ ମୃତ୍ୟୁ ।
- ୧୯୯୧- ଜାପାନ ବାହାରେ ପ୍ରଥମ ଥର ଲଣ୍ଡନର ରୟାଲ ଆଲବର୍ଟ ହଲ୍‌ରେ ସୁମୋ ରେସଲିଂ ପ୍ରତିଯୋଗିତା ଆୟୋଜନ କରାଗଲା ।
- ୨୦୦୫- ୟୁରୋପୀୟ ଉପଗ୍ରହ 'କ୍ରାୟୋସେଟ୍' ପ୍ରକ୍ଷେପଣ ବିଫଳ ହେଲା ।
- ୨୦୦୬- ଗୁଗଲ୍ ୟୁଟ୍ୟୁବ୍ ଅଧିଗ୍ରହଣ କଥା ଘୋଷଣା କଲା ।


# ଶୋଇ ଶୋଇ ଲକ୍ଷପତି



ଡିଜିଟାଲ ଯୁଗରେ ଲୋକେ ଅର୍ଥ ଉପାର୍ଜନ ପାଇଁ ଅଜବ ଉପାୟ ସବୁ ଆପଣାଉଛନ୍ତି । ସୋସିଆଲ ମିଡିଆରେ ଭଳିକି ଭଳି କଣ୍ଟେଣ୍ଟ ପ୍ରସ୍ତୁତ କରି ଏଥିରୁ ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରିପାରୁଛନ୍ତି । ଏହି କ୍ରମରେ ଜଣେ ମହିଳା ଶୋଇ ଶୋଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି । ଡେବୋରା ପିକ୍ରୋଟୋ ନାମ୍ନୀ ଏହି ୩୨ ବର୍ଷୀୟା ମହିଳା ବ୍ରାଜିଲରେ ରୁହନ୍ତି । ତେବେ ଲୋକେ ମହିଳାଙ୍କୁ ଶୋଇଥିବା ଅବସ୍ଥାରେ ଦେଖିବା ପାଇଁ ଟଙ୍କା ଦେଇଥାନ୍ତି । ଡେବୋରା ଜଣେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର । ତେବେ ତାଙ୍କୁ ଲୋକେ ଲାଇଭ୍ ଷ୍ଟ୍ରିମିଂରେ ଶୋଉଥିବାର ଦେଖନ୍ତି । ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଡେବୋରାଙ୍କୁ ଶୋଇବାବେଳେ ଦେଖିବା ପାଇଁ ଲୋକେ ଟଙ୍କା ମଧ୍ୟ ଦେଇଥାନ୍ତି । ତେବେ ସେ ଏହି ଲାଇଭ୍ ଷ୍ଟ୍ରିମିଂର ନାମ 'ନାଇଟ୍ ଟାଇମ୍ ରିୟାଲିଟି ଶୋ' ରଖିଛନ୍ତି । ଏଥିରେ ପ୍ରତିଦିନ ତାଙ୍କୁ ୪୦ ଜଣ ଲୋକ ଶୋଇବାର ଦେଖନ୍ତି । ସେହିପରି ତାଙ୍କୁ ଲାଇଭ୍ ଷ୍ଟ୍ରିମିଂରେ ଗୋଟିଏ ରାତି ଦେଖିବା ପାଇଁ ଡେବୋରା ଭାରତୀୟ ମୁଦ୍ରାରେ ୯,୫୦୦ ଟଙ୍କା ଚାର୍ଜ କରିଥାନ୍ତି । ଏହିପରି ଭାବେ ସେ ଶୋଇ ଶୋଇ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରିଥାନ୍ତି । ଅବଶ୍ୟ ଆରମ୍ଭରୁ ଡେବୋରାଙ୍କୁ ଏପରି ଲାଇଭ୍ ଷ୍ଟ୍ରିମିଂ କରିବାକୁ ଟିକେ ଅଜବ ଲାଗୁଥିଲା । ସେହିପରି ତାଙ୍କୁ ଅଧିକାଂଶ ପୁରୁଷ ଲାଇଭ୍ ଷ୍ଟ୍ରିମିଂରେ ଦେଖିବାକୁ ପସନ୍ଦ କରନ୍ତି । ତେବେ ଏଥିପାଇଁ ଡେବୋରା ବେଶୀ କିଛି କରନ୍ତିନି ସେ ନିଜ କୋଠରୀକୁ ସୁନ୍ଦର ଭାବେ ସଜାଇଛନ୍ତି । କୋଠରୀରେ ଲାଇଟ୍ ଓ କ୍ୟାମେରା ବ୍ୟବସ୍ଥା ସେ କରିଛନ୍ତି । ସେହିପରି ଏହି ଲାଇଭ ଷ୍ଟ୍ରିମିଂରେ କୌଣସି ପ୍ରକାର କଟ୍ ନ ଥାଏ । ଏହି ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଲୋକେ ଡେବୋରାଙ୍କୁ ସତରେ ଦେଖିବା ପରି ଅନୁଭୂତି ନେଇଥାନ୍ତି । କୋଠରୀକୁ ଏପରି ଡିଜାଇନ୍ କରାଯାଇଛି ଯାହାକୁ ଦେଖି ଲୋକେ ଭାବିବେ ସେ ଡେବୋରାଙ୍କୁ ସତସତିକା ଘରେ ବସି ପାଖରୁ ଦେଖୁଛନ୍ତି । ତେବେ ୪୦ରୁ ଅଧିକ ଲୋକ ତାଙ୍କର ସବ୍‌ସ୍କ୍ରିପସନ୍ ନେଇଛନ୍ତି । ନିକଟରେ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ସେୟାର କରିଥିଲେ । ଯେଉଁଥିରେ ସେ ଏକ ଧଳା ରଙ୍ଗର ବେଡ୍‌ସିଟ୍ ଘୋଡ଼ାଇ ହୋଇ ଶୋଇଥିବାର ଦେଖିବାକୁ ମିଳିଥିଲେ ।

## ଆଜି ଆସିଥିଲେ...


# ଉତ୍କଳମଣି ଗୋପବନ୍ଧୁ



"ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।" ଗୋପବନ୍ଧୁ ଦାସଙ୍କ ଏହି ଦୁଇ ଧାଡ଼ି କବିତାରୁ ବାରି ହୁଏ ତାଙ୍କ ତ୍ୟାଗ ଓ ବଳିଦାନର ଗାଥା । ସେ ନିଃସ୍ୱାର୍ଥ ସେବାର ମୂର୍ତ୍ତିମନ୍ତ ବିଗ୍ରହ ଥିଲେ । ଆଜୀବନ ତ୍ୟାଗମନ୍ତ୍ରରେ ଦୀକ୍ଷିତ ଗୋପବନ୍ଧୁ ଦୀନ ଦରିଦ୍ରଙ୍କର ବନ୍ଧୁ ଭାବରେ ବେଶ୍ ଜଣାଶୁଣା ଥିଲେ । ଏକାଧାରରେ ସେ ଥିଲେ ସମାଜସେବୀ, ଦେଶପ୍ରେମୀ, ରାଷ୍ଟ୍ରନୀତିଜ୍ଞ, ସଂସ୍କାରକ, ସାମ୍ବାଦିକ, ସୁଲେଖକ, କବି, ଶିକ୍ଷାବିତ୍ ଏବଂ ଆଇନଜ୍ଞ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଅନା କୁଞ୍ଜରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠା କରିଥିଲେ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା ।

ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଆଜିର ଦିନରେ ଦୈତାରି ଦାସ ଓ ସ୍ୱର୍ଣ୍ଣମୟୀ ଦେବୀଙ୍କ ସନ୍ତାନ ଭାବେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ଖୁବ୍ ଅଳ୍ପ ବୟସ ହୋଇଥିବାବେଳେ ତାଙ୍କ ମାତାଙ୍କର ମୃତ୍ୟୁ ହୋଇଯାଇଥିଲା । ଗୋପବନ୍ଧୁ ଦାସ ମାତ୍ର ୧୨ ବର୍ଷ ବୟସରେ ଅପତୀ ଦେବୀଙ୍କୁ ବିବାହ କରିଥିଲେ । ବିବାହ ପରେ ମଧ୍ୟ ସେ ପାଠପଢ଼ା ଜାରି ରଖିଥିଲେ । ପୁରୀରୁ ମାଟ୍ରିକ୍ ପାସ୍ କରି, ସେ କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କଲେ । କଟକରେ ଅଧ୍ୟୟନ ସମୟରେ ଓଡ଼ିଆ ଭାଷାର ବିଲୋପ ଚକ୍ରାନ୍ତ ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଗୋପବନ୍ଧୁ, 'କର୍ତ୍ତବ୍ୟ ବୋଧିନୀ ସମିତି' ଗଠନ କରି ଓଡ଼ିଆ ଭାଷା ବିଲୋପର ତୀବ୍ର ପ୍ରତିବାଦ କଲେ । ୧୯୦୩ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ଆହୂତ ଉତ୍କଳ ସମ୍ମିଳନୀରେ ଗୋପବନ୍ଧୁ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ସମୟରେ, ତାଙ୍କର ପ୍ରଥମ ପୁତ୍ର ସନ୍ତାନଟିର ଅକାଳ ମୃତ୍ୟୁ ଘଟିଥିଲା । ଏହିପରି ନାନାଦି ବାଧାବିଘ୍ନ ସତ୍ତ୍ୱେ ସେ ୧୯୦୪ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ ବିଏ ପାସ୍ କଲେ ଓ କଲିକତାରେ ବିଏଲ୍ ପଢ଼ିଲେ । ସେଠାରେ ପ୍ରବାସୀ ଓଡ଼ିଆଙ୍କ ଦୁଃଖଦୁର୍ଦ୍ଦଶାରେ ବ୍ୟଥିତ ହୋଇ, ସେ 'ଓଡ଼ିଆ ଶ୍ରମିକ ସଂଘ' ଓ 'ସାନ୍ଧ୍ୟ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲେ । ଇତିମଧ୍ୟରେ ତାଙ୍କର ଦ୍ୱିତୀୟ ପୁତ୍ରଟିର ମଧ୍ୟ ମୃତ୍ୟୁ ଘଟିଥିଲା । ଏପରିକି, ଯେଉଁଦିନ ସେ ବିଏଲ୍ ପାସ୍ କରିଛନ୍ତି ବୋଲି ଖବର ପାଇଥିଲେ, ସେହିଦିନ ତାଙ୍କୁ ନିଜ ପତ୍ନୀଙ୍କର ମୃତ୍ୟୁ ସମ୍ବାଦ ମଧ୍ୟ ମିଳିଥିଲା । ଏତେ ସବୁ ଦୁଃଖ କିନ୍ତୁ ତାଙ୍କୁ ନିଜ କର୍ମରୁ ବିଚ୍ୟୁତ କରିପାରିନଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଯୋଗଦାନ ଅତୁଳନୀୟ ରହିଥିଲା । ୧୯୧୮ ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ଘଟିଥିବା ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିବା ସହ ମାନବ ସେବାରେ ଲାଗି ପଡ଼ିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରରୋଚନାରେ ଗୋପବନ୍ଧୁ ୧୯୧୭ରୁ ୧୯୨୧ ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ । ୧୯୨୧ ମସିହାରେ ଗୋପବନ୍ଧୁ ଦାସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ । ଗୋପବନ୍ଧୁଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ଜନ୍ମ ନେଇଥିଲା ଦୈନିକ ଖବରକାଗଜ 'ସମାଜ' । 'ଅବକାଶ ଚିନ୍ତା', 'ଧର୍ମପଦ', 'କାରା କବିତା' ଓ 'ବନ୍ଦୀର ଆତ୍ମକଥା' ପ୍ରମୁଖ ଥିଲା ତାଙ୍କର ସ୍ମରଣୀୟ କାବ୍ୟକୃତି । ୧୯୨୮ ଜୁନ୍ ୧୭ରେ ପଣ୍ଡିତ ଗୋପବନ୍ଧୁ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ।

# ମେକ୍‌ଅପ୍ ନ କରିବା ପାଇଁ ଟାଟୁ



ସୁନ୍ଦର ଓ ଆକର୍ଷଣୀୟ ଦେଖାଯିବା ପାଇଁ ମହିଳାମାନେ ମେକ୍‌ଅପ୍ ନେବାକୁ ପସନ୍ଦ କରନ୍ତି । ଯଦି ମେକ୍‌ଅପ୍ ମାପଚୁପରେ କରା ନ ଯାଏ ତାହେଲେ ଏଥିପାଇଁ ଜଣେ ସମାଲୋଚନାର ମଧ୍ୟ ଶିକାର ହୋଇଥାନ୍ତି । ବିଶେଷକରି ମହିଳାମାନେ ପାର୍ଟି, ଫଙ୍କସନ୍‌ଗୁଡ଼ିକୁ ଯିବା ସମୟରେ ମେକ୍‌ଅପ୍ ନେବାକୁ ପସନ୍ଦ କରନ୍ତି । ହେଲେ ଏବେ ଜଣେ ମହିଳା ବାରମ୍ବାର ମେକ୍‌ଅପ୍ ନ କରିବା ପାଇଁ ଏକ ନିଆରା ଉପାୟକୁ ଆପଣାଇଛନ୍ତି । ସାଧାରଣତଃ ଯୁବଗୋଷ୍ଠୀଙ୍କ ମଧ୍ୟରେ ଟାଟୁ କରିବା କ୍ରେଜ୍ ବଢ଼ିଥିବାବେଳେ ମହିଳା ଜଣକ ନିଜ ମୁହଁରେ ସବୁଦିନ ପାଇଁ ସ୍ଥାୟୀ ମେକଅପ୍ ତଥା ପରମାନେଣ୍ଟ ମେକ୍‌ଅପ୍ ଟାଟୁ କରିଛନ୍ତି । ମହିଳାଙ୍କ ଏଭଳି ଚିନ୍ତାଧାରାକୁ ନେଇ ଏବେ ସବୁଠି ଚର୍ଚ୍ଚା । ମହିଳାଙ୍କ ଟାଟୁ କରିବାର ଭିଡିଓ ଇନ୍‌ଷ୍ଟାଗ୍ରାମରେ ଏଶ୍‌ରୟାଲ-ସାଲୋନ-ହୋସିଆରପୁର ନାମକ ଆକାଉଣ୍ଟରେ ସେୟାର କରାଯାଇଥିଲା । ଏଥିରେ ଜଣେ ଟାଟୁ ଆର୍ଟିଷ୍ଟ ଗୋଲାପି ରଙ୍ଗର ସ୍ୟାହିରେ ମହିଳାଙ୍କ ମୁହଁରେ ଟାଟୁ କରିଥିଲେ । କିଛି କ୍ଷଣ ମଧ୍ୟରେ ମହିଳାଙ୍କ ଗାଲରେ ଫାଉଣ୍ଡସେନ୍ ଓ ବ୍ଲସର୍ ଲଗାଇବା ପରି ଚିକ୍କଣ ଓ ଆକର୍ଷଣୀୟ ଦିଶିଥିଲା । ଏହି ଭିଡିଓରେ କେହି କେହି ମହିଳାଙ୍କ ସୃଜନଶୀଳତାକୁ ପସନ୍ଦ କରିଥିବାବେଳେ ଆଉ କେତେଜଣ ସେ ଜୋକର୍ ଭଳି ଦେଖାଯାଉଛନ୍ତି ବୋଲି କହିଛନ୍ତି ।

# ଟ୍ରେନ୍‌ରେ ଶୋଇବା ମନା



ଟ୍ରେନ୍ ଯାତ୍ରାକୁ ସୁବିଧା ଓ ସହଜଜନକ ଯାତ୍ରା କୁହାଯାଏ । ଏହି କାରଣରୁ ଆମ ଦେଶରେ ନିୟମିତ ଲକ୍ଷଲକ୍ଷ ଲୋକ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି । ଜାପାନ ତା'ର ଟ୍ରେନ୍‌ଗୁଡ଼ିକର ସମୟାନୁବର୍ତ୍ତିତା ପାଇଁ ସାରା ବିଶ୍ୱରେ ଚର୍ଚ୍ଚିତ । ଏଠାରେ ଯେ, କେବଳ ଟ୍ରେନ୍‌ଗୁଡ଼ିକ ସଠିକ୍ ସମୟରେ ଆସେ ତାହା ନୁହେଁ, ଏଠାକାର ଯାତ୍ରୀମାନେ ମଧ୍ୟ ଅନୁଶାସନରେ ରହିବାକୁ ଓ ନିୟମ ପାଳନ କରିବା ପାଇଁ ଜଣାଯାନ୍ତି । ଏହି ଦେଶରେ ବ୍ୟସ୍ତ ଟ୍ରେନ୍ ମଧ୍ୟରେ ନିଜ ସିଟ୍‌ରେ ଶୋଇବା, ଅନ୍ୟକୁ ବସିବା ପାଇଁ ସୁଯୋଗ ନ ଦେବା ନିମନ୍ତେ ଫାଇନ୍ ଦେବାକୁ ହୋଇଥାଏ । ଜାପାନର ମେଟ୍ରୋ ଓ ବୁଲେଟ୍ ଟ୍ରେନ୍‌ଗୁଡ଼ିକ ସକାଳେ ଏବଂ ସଂଧ୍ୟାବେଳେ ବେଶ୍ ଭିଡ଼ ହୁଏ । ଏହି ସମୟରେ ଯାତ୍ରୀମାନଙ୍କୁ ସିଟ୍ ସେୟାର୍ କରିବାକୁ ପଡ଼େ । କେବଳ ସେତିକି ନୁହେଁ ଏଠାକାର ଯାତ୍ରୀମାନେ ଯଥାଶୀଘ୍ର ସ୍ଥାନ ଖାଲିକରି ଅନ୍ୟ ଯାତ୍ରୀଙ୍କୁ ବସିବା ପାଇଁ ସୁଯୋଗ ଦେଇଥାନ୍ତି । ଜଣେ ଯାତ୍ରୀ ସିଟ୍‌ରେ ଯଦି ଶୋଇଯାନ୍ତି କିମ୍ବା ଅନ୍ୟ ଯାତ୍ରୀଙ୍କୁ ସିଟ୍‌ରେ ବସିବା ପାଇଁ ସୁଯୋଗ ନ ଦିଅନ୍ତି ଏହା ଏକ ଅପରାଧ ଭାବେ ଜଣାଯାଏ । ତେବେ ପ୍ରଥମ ଥର ଏଭଳି ଭୁଲ୍ କଲେ ଜଣକୁ ଚେତାବନୀ ଦିଆଯାଇ ଛାଡ଼ି ଦିଆଯାଏ । ଲଗାତାର ଜଣେ ଯାତ୍ରୀ ଏଭଳି କରୁଥିବାର ଧରାପଡ଼ିଲେ ମୋଟା ଅଙ୍କର ଜରିମାନା ସହ ଷ୍ଟେସନ୍‌ରୁ ବାହାର କରି ଦିଆଯାଏ । ଯାତ୍ରୀମାନଙ୍କ ମଧ୍ୟରେ ସହଯୋଗ ରକ୍ଷା କରିବା ଓ ସର୍ବସାଧାରଣ ପରିବହନର ସମ୍ମାନାର୍ଥେ ଜାପାନରେ ଏଭଳି ନିୟମ କରାଯାଇଛି । ଯଦି ଜଣେ ଟ୍ରେନ୍‌ରେ ଶୋଇବ ଅନ୍ୟ ଯାତ୍ରୀମାନଙ୍କୁ ଠିଆ ହେବାକୁ ପଡ଼ିବ । ସେଥିପାଇଁ ଏଠାରେ ସକାଳେ ଓ ସଂଧ୍ୟାବେଳେ ଯାତ୍ରୀମାନେ ସିଟ୍ ସେୟାର୍ କରିଥାନ୍ତି । ଯଦ୍ୱାରା ସମସ୍ତେ ବେଶ୍ ଆରାମରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବେ । ଅବଶ୍ୟ ଜାପାନକୁ ଆସୁଥିବା ବିଦେଶୀ ପର୍ଯ୍ୟଟକମାନେ ଏହାକୁ ବୁଝି ନ ପାରି ଭୁଲ୍ କରି ବସନ୍ତି ।

## ଆଜିର ରାଶିଫଳ

**ମେଷ:** ନିଜ ରୁଚି ଅନୁସାରେ କାମ କରିବେ । ବନ୍ଧୁ ମିଳନ ଯୋଗ ରହିଛି । ଛାତ୍ରଛାତ୍ରୀମାନେ ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ । ପରିବାରର ବରିଷ୍ଠ ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ । ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କ ସମ୍ପର୍କରେ ଆସିପାରନ୍ତି । ଅଚାନକ କୌଣସି ପ୍ରକାର ସମସ୍ୟାରେ ପଡ଼ିପାରନ୍ତି । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ । ମାନସିକ ଶାନ୍ତି ମିଳିବ । ଦୂରସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ । ଅଫିସ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ପରିଶ୍ରମ ଅନୁସାରେ ଫଳ ମିଳିବ ।

**କର୍କଟ:** ଆଜି ପ୍ରଭାବଶାଳୀ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି । ଯୁବପିଢ଼ି ନିଜର ଭବିଷ୍ୟତକୁ ନେଇ ଗମ୍ଭୀର ରହିପାରନ୍ତି । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ ।

**କନ୍ୟା:** କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ । ନିଜର କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଖର୍ଚ୍ଚାନ୍ତ ହୋଇପାରନ୍ତି । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ ।

**ତୁଳା:** ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି । ପାରିବାରିକ ମାହୋଲ ଶାନ୍ତିପୂର୍ଣ୍ଣ ରହିବ । ଶାରୀରିକ ଏବଂ ମାନସିକ ଥକ୍କାପଣ ଅନୁଭବ କରିପାରନ୍ତି ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରନ୍ତୁ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହୋଇପାରେ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ବନ୍ଧୁ ମିଳନ ଯୋଗ ଅଛି । ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ମତ ଭେଦ ହୋଇପାରେ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ । ଅଧିକ ଖର୍ଚ୍ଚାନ୍ତ ହେବେ ।

**ଏସ୍‌ଆଇ ପରୀକ୍ଷା ଜାଲିଆତି ପ୍ରସଙ୍ଗ**

# ଗିରଫ ୧୧୯ ଜଣଙ୍କ ଜାମିନ ଖାରଜ

ବ୍ରହ୍ମପୁର,୮ ।୧୦(ସମିସ): ବହୁଚର୍ଚ୍ଚିତ ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଥିବା ୧୧୪ଜଣ ପରୀକ୍ଷାର୍ଥୀ ଓ ୫ଜଣ ଦଲାଲଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ପାଇଁ ସେମାନଙ୍କ ଅଧିବକ୍ତାମାନେ ପୂର୍ବରୁ ବ୍ରହ୍ମପୁର ଜେଏମ୍‌ଏଫସି (ଗ୍ରାମୀଣ) ଙ୍କ ଅଦାଲତରେ ଆବେଦନ କରିଥିଲେ। ବୁଧବାର ଉକ୍ତ ଆବେଦନଗୁଡ଼ିକର ଶୁଣାଣି ହୋଇଥିଲା। ସରକାରୀ ଓକିଲ ଜାମିନ ଆବେଦନର ତୀବ୍ର ବିରୋଧ କରିଥିଲେ। ସେହିକ୍ରମରେ ବିଚାରପତି ସମସ୍ତ ୧୧୯ ଜଣ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଥିବା ପିପି ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ୧୧୪ଜଣ ଚାକିରି ଆଶାୟୀ ଓ ୩ ଜଣ ଦଲାଲଙ୍କୁ ନେଇ ବିଜୟନଗରମ ଅଭିମୁଖେ ଯାଉଥିବା ୩ଟି ବସ୍‌ର ୬ଜଣ କର୍ମଚାରୀଙ୍କ ବୟାନ ରେକର୍ଡ କରାଯାଇଛି। ଏହି କର୍ମଚାରୀମାନେ ବସ୍ ଭଡ଼ା ବାବଦକୁ କାହାଠାରୁ ନିର୍ଦ୍ଦେଶ ପାଇଥିଲେ। ସେମାନେ କେଉଁ ସ୍ଥାନରୁ ପରୀକ୍ଷାର୍ଥୀ ଓ ଦଲାଲଙ୍କୁ ବସ୍‌କୁ ଉଠାଇଥିଲେ ଓ କେଉଁ ସ୍ଥାନକୁ ନେଉଥିଲେ ସେ ସମ୍ପର୍କିତ ତଥ୍ୟ ହାସଲ ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ମିଳିଛି।

**୬ ବସ୍ କର୍ମଚାରୀଙ୍କ ବୟାନ ରେକର୍ଡ**

ପ୍ରକାଶଥାଉକି, ଚଳିତମାସ ୫ ଓ ୬ତାରିଖରେ ରାଜ୍ୟ ପୁଲିସ ଏସ୍‌ଆଇ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ତେବେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଓ ଉତ୍ତର ପାଇବା ଉଦ୍ଦେଶ୍ୟରେ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲ ୨୯ ତାରିଖରେ ୩ଟି ବସ୍‌ରେ ଆନ୍ଧ୍ରପ୍ରଦେଶ ବିଜୟନଗରମ ଅଭିମୁଖେ ଯାତ୍ରା କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ୬ ଜଣ ବସ୍ କର୍ମଚାରୀଙ୍କ ସମେତ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲଙ୍କୁ କାବୁ କରି ବ୍ରହ୍ମପୁର ଅଣାଯାଇଥିଲା। ପରେ ପୁଲିସ ବସ୍ କର୍ମଚାରୀଙ୍କୁ ବାଦ ଦେଇ ମୋଟ ୧୧୭ ଜଣଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇଥିଲା। ଘଟଣାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେବା ପରେ କଟକ ଓ ବାଲେଶ୍ୱରର ଏକାଧିକ ଦଲାଲଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଗିରଫ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ସେପଟେ ପରୀକ୍ଷା ଜାଲିଆତି ଘଟଣାର କିଙ୍ଗପିନ୍ ବା ମାଷ୍ଟର ମାଇଣ୍ଡ କୁହାଯାଉଥିବା ଶଙ୍କର ପ୍ରୁଷ୍ଟି ଓ ତାର ମୁଖ୍ୟ ସହଯୋଗୀ ମୁନା ମହାନ୍ତିଙ୍କ ଟେର ପାଉନି କ୍ରାଇମବ୍ରାଞ୍ଚ।

# ଚିରଞ୍ଜୀବ ବିଶ୍ୱାଳ ବିଜେଡି ଉପସଭାପତି ନିଯୁକ୍ତ

- ପୁଷ୍ପେନ୍ଦ୍ର, ଗଣେଶ୍ୱର ବରିଷ୍ଠ ସାଧାରଣ ସମ୍ପାଦକ
- ୫ ସାଧାରଣ ସମ୍ପାଦକଙ୍କ ମଧ୍ୟରେ ୨ଜଣ ମହିଳା

ଭୁବନେଶ୍ୱର,୮।୧୦(ସମିସ): ବିଜୁ ଜନତା ଦଳର ରାଜ୍ୟ ପଦାଧିକାରୀ ଭାବେ ଆଉ ୧୧ ଜଣ ନେତାଙ୍କୁ ନିଯୁକ୍ତି ମିଳିଛି। ସେମାନଙ୍କ ମଧ୍ୟରେ ଜଣେ ଉପ ସଭାପତି ଥିବାବେଳେ ୨ ଜଣ ବରିଷ୍ଠ ସାଧାରଣ ସମ୍ପାଦକ, ୫ ଜଣ ସାଧାରଣ ସମ୍ପାଦକ ଓ ୩ ଜଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି।

ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କୁ ଉପ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ପୁଷ୍ପେନ୍ଦ୍ର ସିଂହଦେଓ ଓ ଗଣେଶ୍ୱର ବେହେରାଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଲମ୍ବୋଦର ନିଆଲ, ଅଳକା ମହାନ୍ତି, ଇରାନୀ ରାୟ, ସୁଧୀର ଦାସ ଓ ମନୋଜ ମିଶ୍ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ରାଜେଶ ନିଗମ, ସନ୍ତୋଷ ପଟ୍ଟନାୟକ ଓ ରାଜୁ ଘିବେଲାଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି।

**ବିଜେପି ନେତା ତଥା ଆଇନଜୀବୀ ପୀତବାସ ହତ୍ୟା ଘଟଣା**

# ଓକିଲଙ୍କ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ




ବ୍ରହ୍ମପୁର/କଟକ,୮ ।୧୦(ସମିସ): ବ୍ରହ୍ମପୁର ସହରର ବିଚ୍ ରାସ୍ତାରେ ଜଣେ ଆଇନଜୀବୀଙ୍କୁ ଗୁଳିକରି ହତ୍ୟା ଭଳି ସମ୍ବେଦନଶୀଳ ଘଟଣା ନେଇ ଏବେ ପଲ୍ଲୀରୁ ଦିଲ୍ଲୀ ସବୁଠି ଚର୍ଚ୍ଚା। ଶାସକ ବିଜେପି ଦଳର ଜଣେ ଆଗଧାଡିର ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କ ହତ୍ୟାକୁ ୪୮ଘଣ୍ଟା ବିତିଛି। ଶେଷ ହୋଇଯାଇଛି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ମହଲତ। ବୁଧବାର ରାଜ୍ୟବ୍ୟାପୀ ଓକିଲମାନେ କଲମ ଛାଡ଼ ବା ୨୪ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବର୍ଷିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ମୃତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ଓ ରାଜ୍ୟରେ ତୁରନ୍ତ ଓକିଲଙ୍କ ପାଇଁ କଡ଼ା ସୁରକ୍ଷା ଆଇନ ଲାଗୁ ପାଇଁ ଆଇନଜୀବୀଙ୍କ ପକ୍ଷରୁ ଦୃଢ ଦାବି କରାଯାଇଛି।

**ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ପ୍ରତିବାଦ**

ଓଡ଼ିଶା ହାଇକୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତରେ ମାମଲାଗୁଡିକର ଶୁଣାଣି ହୋଇପାରି ନାହିଁ। ଏଥିପାଇଁ ପ୍ରାୟତଃ ସମସ୍ତ ମାମଲାର ଶୁଣାଣିକୁ ହାଇକୋର୍ଟଙ୍କ ବିଭିନ୍ନ ଖଣ୍ଡପୀଠ ଘୁଞ୍ଚାଇଥିବା ଜଣାପଡିଛି। ଓଡିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ଓ ଉପସଭାପତି ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ଏହି ହତ୍ୟା ଘଟଣା ପ୍ରତିବାଦରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିଭଳି ରାଜ୍ୟ ବାର କାଉନସିଲ କାର୍ଯ୍ୟାଳୟରେ କାଉନସିଲର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ସଦସ୍ୟ ଅକ୍ଷୟ ପତି, ମାନସ ଚାନ୍ଦ, ଅରୂପାନନ୍ଦ ଦାସ, ସୌରଚନ୍ଦ୍ର ମହାପାତ୍ର, ବିଭୂପ୍ରସାଦ ତ୍ରିପାଠୀ, ଭକ୍ତଭୂଷଣ ବାରିକ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ହତ୍ୟା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, ମୃତକ ଆଇନଜୀବୀଙ୍କ ପରିବାରକୁ ୧କୋଟି ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବା, ଏହାର ବିଚାର ବିଭାଗୀୟ ତଦନ୍ତ ସହ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଆଇନଜୀବୀ ସଂଘଗୁଡିକ ପକ୍ଷରୁ ଦାବି କରାଯାଇଛି। କଟକରେ କ୍ରିମିନାଲ କୋର୍ଟସ ବାର ଆସୋସିଏସନ, ସିଭିଲ କୋର୍ଟ ବାର ଆସୋସିଏସନ ସମେତ ସମସ୍ତ ଓକିଲ ସଂଘ କର୍ମକର୍ତ୍ତା ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଦୁର୍ବୃତ୍ତଙ୍କ ବାଇକ ନମ୍ବର ନକଲି, ୯ ଏମ୍‌ଏମ୍ ଗୁଳି ନୁହେଁ; ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା:ଏସ୍‌ପି

ବ୍ରହ୍ମପୁର,୮ ।୧୦(ସମିସ):ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ୪୮ଘଣ୍ଟା ପରେ ମଧ ଅନ୍ଧାରରେ ବାଡ଼ି ବୁଲାଉଥିବା ପୁଲିସ ହତ୍ୟାର ଖିଅ ପାଉନାହିଁ। ଘଟଣା ଦିନ ଛୁଟିରେ ଥିବା ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ କାର୍ଯ୍ୟରେ ଯୋଗ ଦେଇ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ବଛା ବଛା ତଥା ଅଭିଜ୍ଞ ଅଧିକାରୀଙ୍କୁ ନେଇ ୬ଟି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରି ତଦନ୍ତ ଚଳାଇଛନ୍ତି। ସହରରେ ବିଭିନ୍ନ ସ୍ଥାନରେ ଲାଗିଥିବା ପ୍ରାୟ ୫୦ରୁ ଉଦ୍ଧ୍ୱର୍ ସ୍ଥାନରୁ ସିସିଟିଭି ଫୁଟେଜ୍‌କୁ ସଂଗ୍ରହ କରି ତଦନ୍ତ କରାଯାଇଛି। ମିଳିଥିବା ଫୁଟେଜରୁ ଆତତାୟୀମାନେ ବ୍ୟବହାର କରିଥିବା ବାଇକ୍ ନମ୍ବର ଫେକ ବୋଲି ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଥିବା ଏସ୍‌ପି କହିଛନ୍ତି। ସେପଟେ ମୃତ ଆଇନଜୀବୀ ପୀତବାସଙ୍କ ଶରୀରରୁ ବ୍ୟବଚ୍ଛେଦ ବେଳେ ବାହାରିଥିବା ଗୁଳି '୯-ଏମ୍‌ଏମ୍' ନୁହେଁ ବରଂ ଏହାର ପ୍ରକାର ଓ କେଉଁଭଳି ପିସ୍ତଲ ବା ମାଉଜରରୁ ବ୍ୟବହାର କରାଯାଇଛି ସେନେଇ ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଏସ୍‌ପି କହିଛନ୍ତି।

- ବଛାବଛା ଅଧିକାରୀଙ୍କୁ ନେଇ ଗଠିତ ହୋଇଛି ୬ ସ୍ୱତନ୍ତ୍ର ଟିମ୍, ୫୦ରୁ ଉର୍ଦ୍ଧ୍ୱ ସିସିଟିଭିର ହେଲାଣି ଯାଞ୍ଚ
- ବାଲି ମାଫିଆ ଅଥବା ସୁଧ କାରବାର ଜନିତ ଦିଗକୁ ମଧ୍ୟ କରାଯାଇଛି ତଦନ୍ତ ପରିସରଭୁକ୍ତ

କୁମାର ପୂର୍ଣ୍ଣିମା ପାଇଁ ଛୁଟି ଥିବାବେଳେ ବୁଧବାର କୋର୍ଟ ଖୋଲିବା ପରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଶୋକସଭାର ଆୟୋଜନ କରାଯାଇଥିଲା। ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ସମେତ ଗତ ମଙ୍ଗଳବାର ହାଇଦ୍ରାବାଦ୍‌ଠାରେ ଏକ ଘରୋଇ ହସ୍ପିଟାଲରେ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ କିଶୋର ମିଶ୍ରଙ୍କ ଦେହାନ୍ତକୁ ନେଇ ଯୁଗ୍ମ ଶୋକସଭାର ଆୟୋଜନ କରାଯାଇଥିଲା। ପୀତବାସ ପଣ୍ଡାଙ୍କୁ ହତ୍ୟା ନେଇ ନିନ୍ଦା ପ୍ରସ୍ତାବ ଆଗତ ହୋଇ ଗୃହୀତ କରାଯାଇଥିଲା। ପରେ ସଂଘର ଶତାଧିକ ସଦସ୍ୟ ଶୋଭାଯାତ୍ରାରେ କୋର୍ଟ ପରିସରରୁ ବାହାରି ସହର ପରିକ୍ରମା କରିବା ସହିତ ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନୀତି ଶେଖରଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ସହରର ଆଇନଶୃଙ୍ଖଳା ସ୍ଥିତିରେ ସୁଧାର ଆଣିବାକୁ ଦାବି କରିଥିଲେ। ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି ଏବଂ ଖୁବ୍‌ଶୀଘ୍ର ଏହାର ପର୍ଦ୍ଦାଫାସ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ ଆଇଜି। ପୀତବାସ ପଣ୍ଡାଙ୍କୁ ହତ୍ୟା ପଛର କାରଣକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ବୃତ୍ତିଗତ କାରଣକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ଜଣେ କମ୍ୟୁନିଷ୍ଟ ଚିନ୍ତାଧାରାର ବ୍ୟକ୍ତି ପରେ କଂଗ୍ରେସ ଓ ତା'ପରେ ବିଜେପିରେ ସାମିଲ ହେବା ଏବଂ ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ନିକଟତର ହୋଇ ଖୁବ୍ କମ୍ ଦିନରେ ରାଜନୀତିରେ ଚର୍ଚ୍ଚାରେ ରହିବା ମଧ୍ୟ ଅନ୍ୟ ଏକ କାରଣ ବୋଲି ଆଲୋଚନା ହେଉଛି। ବୃତ୍ତିଗତ ଓ ରାଜନୈତିକ କାରଣକୁ ବାଦ୍ ଦେଲେ ବ୍ୟକ୍ତିଗତ ଓ ପୂର୍ବଶତ୍ରୁତା ଭଳି ଦିଗକୁ ମଧ୍ୟ ସନ୍ଦେହ ପରିସରରୁ ବାଦ୍ ଦିଆଯାଇନପାରେ। ବିଭିନ୍ନ ସମୟରେ ଯଦିଓ ପୀତବାସ ପଣ୍ଡା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସଂଗ୍ରହ କରି ଅନ୍ୟମାନଙ୍କ ପାଇଁ ଅଡୁଆ ସୃଷ୍ଟି କରୁଥିଲେ ଏଥିପାଇଁ ମଧ୍ୟ ତାଙ୍କର ଅନେକେ ଶତ୍ରୁ ଥିଲେ। ଏସବୁ ଦିଗକୁ ଛାଡ଼ି ଗଞ୍ଜାମ ଜିଲ୍ଲାରେ ଚାଲିଥିବା ବାଲି, ପଥର ଓ ମୋରମ ଭଳି ଲଘୁ ଖଣିଜ ସମ୍ପଦର ଅସାଧୁ କାରବାରରେ ହସ୍ତକ୍ଷେପ କରି କାଳେ ପୀତବାସ ବଳିପଡ଼ିଲେ କି ବୋଲି ମଧ୍ୟ ଅନେକଙ୍କ ମନରେ ପ୍ରଶ୍ନ ଉଠିଛି। ସେହିଭଳି କଳନ୍ତର ବା ସୁଧ କାରବାରକୁ ନେଇ ମଧ୍ୟ ଟଙ୍କା ହାତେଇବାକୁ ଅଥବା ଫେରସ୍ତ ନକରିବାକୁ ନେଇ କାଳେ ପୀତବାସ ଗୁଳିର ଶୀକାର ହେଲେ କି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ତେବେ ପୁଲିସ ହାତରେ ଅଭିଯୁକ୍ତ ଧରାପଡ଼ିବା ପରେ ହିଁ ଘଟଣା ପଛର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରିବ।

**ଜାରି ରହିବ ବର୍ଷାର ପ୍ରଭାବ**

# ଅକ୍ଟୋବରରେ ହେଲାଣି ୮୦.୪ ମିମି ବର୍ଷା



ଭୁବନେଶ୍ୱର,୮।୧୦(ସମିସ): ଓଡ଼ିଶା ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ବୁଧବାର ଅପରାହ୍ଣରେ ବିଶେଷ କରି ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଘଣ୍ଟାଏ ପର୍ଯ୍ୟନ୍ତ ଜନଜୀବନ ବର୍ଷାଯୋଗୁଁ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ବିଜୁଳି ଘଡ଼ଘଡ଼ି ସହ ବର୍ଷା ଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗିଛନ୍ତି।

ଭୁବନେଶ୍ୱର ବ୍ୟତୀତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ମଧ୍ୟ ବର୍ଷା ସାଙ୍ଗକୁ ୩୦-୪୦ କିଲୋମିଟର ବେଗରେ ପବନ ବହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଗୁରୁବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବାର ଆଶଙ୍କା କରାଯାଉଛି। ୧୦ ତାରିଖ ମଧ୍ୟ ସମାନ ପାଗ ରହିବ ଏବଂ ମୟୂରଭଞ୍ଜ, କେନ୍ଦୁଝର ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ବର୍ଷା ସମ୍ଭାବନା ରହିଛି। ଅନ୍ୟପଟେ ୧୦ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ଏହା ପରେ ପୁଣି ବର୍ଷାର ପ୍ରଭାବ ବଢ଼ିବା ଆଶଙ୍କା କରାଯାଉଛି।

ଗତ ୩୬ ଘଣ୍ଟାରେ ଅନେକ ସ୍ଥାନରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ଗୋଟିଏ ଦୁଇଟି ସ୍ଥାନରେ ଅତିପ୍ରବଳ ଓ ୬ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇ ଯାଇଛି। ରାଜ୍ୟରେ ମୌସୁମୀରେ ଭଲ ବର୍ଷା ହୋଇଥିବା ବେଳେ ମୌସୁମୀ ପରବର୍ତ୍ତୀ ସମୟ ଅର୍ଥାତ ଅକ୍ଟୋବର ମାସରେ ମଧ୍ୟ ଭଲ ବର୍ଷା ରେକର୍ଡ ହୋଇଛି।

ଅକ୍ଟୋବର ମାସରେ ୧୧୨ ମିମି ସ୍ୱାଭାବିକ ବର୍ଷା ତୁଳନାରେ ବର୍ତ୍ତମାନ ସୁଦ୍ଧା ୮୦.୪ ମିମି ବର୍ଷା ହୋଇସାରିଛି। ଗତ ମୌସୁମୀରେ ଅର୍ଥାତ ଜୁନ ୧ ତାରିଖରୁ ସେପ୍ଟେମ୍ବର ୩୦ ମଧ୍ୟରେ ୧୧୫୦.୭ ମିମି ବର୍ଷା ରେକର୍ଡ ହୋଇଛି। ମୌସୁମୀରେ ୪ ମାସରେ ଓଡିଶା ପାଇଁ ସାଧାରଣ ବର୍ଷାର ଅନୁପାତ ୧୧୫୦.୨ ମିମି ଥିବା ବେଳେ ଏଥର ମୌସୁମୀରେ ଠିକ ବର୍ଷା ରେକର୍ଡ ହୋଇଛି।

**ନୂଆପଡ଼ା ଉପନିର୍ବାଚନ**

## ଆଜି ବିଜେପିର କୋର୍ କମିଟି ବୈଠକ

ଭୁବନେଶ୍ୱର,୮।୧୦(ସମିସ): ନୂଆପଡ଼ା ଉପ ନିର୍ବାଚନ ପାଇଁ ଆସନ୍ତା ୧୩ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ। ଇତିମଧ୍ୟରେ ବିରୋଧୀ କଂଗ୍ରେସ ନିଜର ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେପି ଓ ବିଜେଡି ପ୍ରାର୍ଥୀଙ୍କ ଉପରେ ସଭିଙ୍କ ନଜର ରହିଛି। ତେବେ ବିଜେପି ପକ୍ଷରୁ ଖୁବଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ସୂଚନା ଦେଇଛନ୍ତି।

ଶ୍ରୀ ତୋମାରଙ୍କ ଅନୁଯାୟୀ ବିଜେପି ପକ୍ଷରୁ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଆସନ୍ତାକାଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ କୋର କମିଟି ବୈଠକ ଅନୁଷ୍ଠିତ ହେବ। ବୈଠକରେ ନୂଆପଡ଼ା ନିର୍ବାଚନକୁ ନେଇ ଆଲୋଚନା ହେବାକୁ ଥିବାବେଳେ ପ୍ରାର୍ଥୀତ୍ୱ ସଂକ୍ରାନ୍ତରେ ମଧ୍ୟ ମାନସ ମନ୍ଥନ କରାଯିବ। ସେହିପରି ଆସନ୍ତାକାଲି ରାଜ୍ୟ କାର୍ଯ୍ୟାଳୟରେ ଦଳର ଜନଜାତି ବିଧାୟକ ଓ ସାଂସଦଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପିର ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ୍ ସନ୍ତୋଷ , ରାଷ୍ଟ୍ରୀୟ ସଂଗଠକ ଭି. ସତୀଶ ମଧ୍ୟ ଯୋଗ ଦେବେ। ନିଜ ନିଜ ଅଞ୍ଚଳର ୨୦ରୁ ୨୫ ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦିଆଯିବ ବୋଲି ଶ୍ରୀ ତୋମାର ସୂଚନା ଦେଇଛନ୍ତି।

# କଟକ ବାଲିଯାତ୍ରାରେ ସହଭାଗୀ ହେବ ଇଣ୍ଡୋନେସିଆ


**କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ଦିଆଯିବ ଆର୍ଥିକ ସହାୟତା**

ଭୁବନେଶ୍ୱର,୮।୧୦(ସମିସ): ଚଳିତ ବର୍ଷର ବାଲିଯାତ୍ରାକୁ ଭବ୍ୟ ଏବଂ ସ୍ମରଣୀୟ କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ନଭେମ୍ବର ୫ ତାରିଖରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଇଣ୍ଡୋନେସିଆକୁ ସହଭାଗୀ ଦେଶ ହିସାବରେ ଆମନ୍ତ୍ରିତ କରାଯିବ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ସାମିଲ କରାଯିବ। ଦକ୍ଷିଣ ଏସିଆର କେତେକ ରାଷ୍ଟ୍ରଙ୍କୁ ସେମାନଙ୍କର ସାଂସ୍କୃତିକ ଦଳ ପ୍ରେରଣ ପାଇଁ ମଧ୍ୟ ଅନୁରୋଧ କରାଯିବ। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ନିଆଯାଇଛି ନିଷ୍ପତ୍ତି।

ସୂଚନା ଅନୁଯାୟୀ କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଏବଂ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ(ଥିମ ପାଭିଲିୟନ) ନିର୍ମାଣ କରାଯିବ। ଯାହା ଓଡ଼ିଆ ସାହିତ୍ୟକୁ ଆହୁରି ଆଦୃତ କରିପାରିବ। ସେହିପରି ପୁରୀସ୍ଥିତ ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ 'ପାଥେର ପୁରୀ'ର ପୁନରୁଦ୍ଧାର କରାଯାଇ ଏହାକୁ ଗୁରୁଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ।


ଚଳିତ ବର୍ଷ ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାକୁ ରାଜ୍ୟ ସରକାର ସହାୟତା ପ୍ରଦାନ କରିଥିଲେ। ଏହିକ୍ରମରେ କେନ୍ଦ୍ରାପଡ଼ାର ମହାକାଳପଡ଼ା ବିଧାୟକଙ୍କ ସମାନ ଅନୁରୋଧ ପରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ସଂସ୍କୃତି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ ଓ କେନ୍ଦ୍ରାପଡା ଜିଲ୍ଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ରହଣ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଂସ୍କୃତି ବିଭାଗ ଅଧିନସ୍ଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୂତି କାନୁନଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଅତିଶୀଘ୍ର ପୂରଣ କରାଯିବ। ଅପରପକ୍ଷେ ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ହେବାକୁଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## ବାଲିଯାତ୍ରା ପଡ଼ିଆ 'ନୋ ଡ୍ରୋନ୍ ଜୋନ୍'



କଟକ: ଆସନ୍ତା ନଭେମ୍ବର ୫ରୁ ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଐତିହାସିକ କଟକ ବାଲିଯାତ୍ରାରେ ଜନସାଧାରଣଙ୍କ ସୁରକ୍ଷା ଏବଂ ମହୋତ୍ସବର ସୁପରିଚାଳନା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବଡ଼ ପଦକ୍ଷେପ ଗ୍ରହଣ କରାଯାଉଛି। ଏହିକ୍ରମରେ ବାଲିଯାତ୍ରା ପଡ଼ିଆକୁ 'ନୋ ଡ୍ରୋନ୍ ଜୋନ୍' ଘୋଷଣା କରିଛନ୍ତି କଟକ ଜିଲ୍ଲାପାଳ। ନଭେମ୍ବର ୧ରୁ ୧୫ ତାରିଖ ମଧ୍ୟରେ ବାଲିଯାତ୍ରା ଗ୍ରାଉଣ୍ଡର ୫ କିମି ପରିଧି ପର୍ଯ୍ୟନ୍ତ ଏହି କଟକଣା ରହିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ସେହିପରି ପାରା ଗ୍ଲାଇଡର୍ସ, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ୍ ଗ୍ଲାଇଡର୍ସ ଉଡ଼ାଣ ମନା ହୋଇଛି। ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ, ୟୁଏଭି, ଡ୍ରୋନ୍‌କୁ ବି ମନା କରାଯାଇଛି। ବାଲିଯାତ୍ରାକୁ ପ୍ରାୟ ୫୦ ଲକ୍ଷ ଲୋକଙ୍କ ସମାଗମ ହେବା ଆଶଙ୍କା କରାଯାଉଛି।

# ଲୋକସେବା ଭବନ ଏବେ ବିଜେପିର ଚାକିରି ବିକ୍ରୟ କେନ୍ଦ୍ର: ବିଜେଡି




- ରାଜ୍ୟବ୍ୟାପୀ ଯୁବ, ଛାତ୍ର ବିଜେଡିର 'ନ୍ୟାୟ ଆନ୍ଦୋଳନ' ଡକରା
- ସିବିଆଇ ତଦନ୍ତ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ

ଭୁବନେଶ୍ୱର,୮।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷାରେ ଜାଲିଆତି ଘଟଣା ରାଜ୍ୟର ଯୁବ ଓ ଛାତ୍ର ସମାଜକୁ ବ୍ୟଥିତ କରିଛି। ଏହି ମହାଦୁର୍ନୀତିକୁ ପଦାକୁ ଆଣିବା ପାଇଁ ବିଜୁ ଯୁବ ଜନତା ଦଳ ସିବିଆଇ ତଦନ୍ତ ଦାବି କରିଛି। ଏହାସହ ରାଜ୍ୟ ସରକାର ଏଥିରେ ସମ୍ପୃକ୍ତ ବଡମୁଣ୍ଡମାନଙ୍କୁ ଖସାଇ ଦେବା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଥିବା ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ରଜନତା ଦଳ ରାଜ୍ୟବ୍ୟାପୀ 'ନ୍ୟାୟ ଆନ୍ଦୋଳନ' ଡକରା ଦେଇଛି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଏହି ମହାଦୁର୍ନୀତିର ଚେର ରାଜ୍ୟର ମନ୍ତ୍ରିମଣ୍ଡଳର ସଦସ୍ୟଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲମ୍ବିଛି। ଆମେ ମୁଖ୍ୟ ଅଭିଯୁକ୍ତର ଫଟୋ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ ମାନଙ୍କ ସହ ଥିବା ଫଟୋ ଜାରି କରିଥିଲୁ। କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପରିବର୍ତ୍ତେ କିପରି ତଥ୍ୟ ପ୍ରମାଣକୁ ନଷ୍ଟ କରାଯିବ ସେହି କାମରେ ବ୍ୟସ୍ତ ଅଛି। ରାଜ୍ୟ ସରକାରଙ୍କ ପ୍ରାୟୋଜନରେ ଚାକିରି ବିକ୍ରିର ନିଲାମ ପାଇଁ ଦୁଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ଓପିଆରବି କେଉଁ ନିୟମରେ ଏହି ସଂସ୍ଥା ଗୁଡିକୁ ପରୀକ୍ଷା କରିବା ପାଇଁ ନିଯୁକ୍ତି ଦେଇଥିଲା ସେ ପ୍ରଶ୍ନର ଉତ୍ତର ସରକାର ରଖୁନାହାନ୍ତି । ବିଜେପି ଏବେ ଲୋକସେବା ଭବନକୁ ଚାକିରି ବିକ୍ରୟକେନ୍ଦ୍ରରେ ପରିଣତ କରିଛି। ତେଣୁ ଏହି ମହାଦୁର୍ନୀତି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ ଆରମ୍ଭ ହେବ ଏବଂ ଏହା ଆମର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀ ସାହୁ କହିଥିଲେ। ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଥିଲେ ଯେ ନିଯୁକ୍ତି ଆଶାରେ ଥିବା ରାଜ୍ୟର ହଜାର ହଜାର ଯୁବକ ଯୁବତୀ ଏବେ ହତାଶ ଅନୁଭବ କରୁଛନ୍ତି। ସେମାନଙ୍କ ଭିତରୁ ଅନେକ ଆମ ସହ ଯୋଗାଯୋଗରେ ଅଛନ୍ତି । ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏହି ନ୍ୟାୟ ଆନ୍ଦୋଳନ ପାଇଁ ଡକରା ଦେଇଛି। ବିଜେପି ପକ୍ଷରୁ ସରକାରକୁ ଆସିଲେ ଦୁଇ ବର୍ଷରେ ଦେଢ଼ ଲକ୍ଷ ସରକାରୀ ଚାକିରି ଦେବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଚାକିରି ଦେବା ପରିବର୍ତ୍ତେ ଏବେ ଚାକିରି ବିକ୍ରି କରାଯାଉଛି। ଓଡ଼ିଶାର ଯୁବ ଓ ଛାତ୍ର ମାନେ ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବେ ଓ ସରକାରଙ୍କୁ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

**ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା**

# କ୍ରାଇମବ୍ରାଞ୍ଚ ଗିରଫଦାରି ଘଟଣାକୁ ଖଣ୍ଡନ କଲେ ଚନ୍ଦନ



ବାଲେଶ୍ୱର, ୮।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ କ୍ରାଇମବ୍ରାଞ୍ଚ ସାରା ରାଜ୍ୟରେ ତନାଘନା ଚଳାଇଛି। ଏପଟେ ବାଲେଶ୍ୱରରୁ ଉକ୍ତ ଘଟଣାର ଆଜି ଟୁଇଷ୍ଟ ଦେଖିବାକୁ ମିଳିଛି। ଗତ ୬ ତାରିଖରେ ବାଲେଶ୍ୱରର ଚନ୍ଦନ ମଲ୍ଲିକଙ୍କୁ କ୍ରାଇମବ୍ରାଞ୍ଚର ଗିରଫଦାରି ଘଟଣାକୁ ଆଜି ଖୋଦ ଚନ୍ଦନ ଏକ ସାମ୍ବାଦିକ ସମ୍ମିଳନୀରେ ଖଣ୍ଡନ କରିଛନ୍ତି । ସୋରରୁ କ୍ରାଇମବ୍ରାଞ୍ଚ ଗିରଫ କରି ବ୍ରହ୍ମପୁର ଜେଏମ୍‌ଏଫସି କୋର୍ଟକୁ ଚାଲାଣ କରିବା ଘଟଣା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ ଦର୍ଶାଇଛନ୍ତି।

ଉକ୍ତ ୬ ତାରିଖ ଦିନ ୧୨ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାର ଗୋପାଳପୁର ଥାନା ସନ୍ନିକଟ ବଜାର ଅଞ୍ଚଳରେ ବିଭିନ୍ନ କାମରେ ଥିଲେ। ତେବେ କ୍ରାଇମବ୍ରାଞ୍ଚ ତାଙ୍କୁ କେତେବେଳେ ତଦନ୍ତ ପରିସରକୁ ନେଲେ ସେ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେହିଦିନ ତାଙ୍କର ମୋବାଇଲ ହଜି ଯାଇଥିବାରୁ ସୁଇଚ ଅଫ ଥିଲା ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। କିନ୍ତୁ ବିଭିନ୍ନ ଗଣମାଧ୍ୟମରେ ତାଙ୍କର ଗିରଫଦାରି ଖବର ପ୍ରକାଶ ପାଇବା ପରେ ସେ ତଥା ତାଙ୍କ ପରିବାର ଚକିତ ହୋଇଯାଇଥିଲେ। ଚନ୍ଦନ ମଲ୍ଲିକ ଜଣେ ସମାଜସେବୀ ଭାବେ ବାଲେଶ୍ୱରରେ ବେଶ ଜଣାଶୁଣା । ସେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ ଦଲାଲ କାମ ସ୍ୱପ୍ନରେ ବି ଭାବି ନାହାନ୍ତି । ଏଭଳି ତାଙ୍କ ନାଁ କ୍ରାଇମବ୍ରାଞ୍ଚର ଗିରଫଦାରି ତାଲିକାରେ ପ୍ରକାଶ ପାଇବା ସମ୍ପୂର୍ଣ୍ଣ ଭିତ୍ତିହୀନ। ନ୍ୟାୟ ନ ମିଳିଲେ ଜିଲ୍ଲା ଏସପି କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଆତ୍ମାହୁତି ପାଇଁ ସେ ଚେତାବନୀ ଦେଇଛନ୍ତି । ଓଡିଶାରେ ତାଙ୍କୁ ଦଲାଲ ସଜେଇ ଦେଲେ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ? ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ନିଜକୁ ଦର୍ଶାଇଥିବା ବେଳେ ଆଗକୁ ଯଦି ଏନେଇ କୌଣସି ପ୍ରମାଣ ଦେବାକୁ ପଡ଼େ ଯଥେଷ୍ଟ ପ୍ରମାଣ ଯୋଗାଇ ଦେବେ ବୋଲି ଚନ୍ଦନ ଆଜି ଗଣମାଧ୍ୟମକୁ କହିଛନ୍ତି।

# ସୁବର୍ଣ୍ଣରେଖା ନଦୀକୂଳରେ ଅତଡ଼ା ଧସିଲା




ଜଳେଶ୍ୱର, ୮।୧୦ (ସମିସ)

ସୁବର୍ଣ୍ଣରେଖା ନଦୀର କୂଳ ଧସିଲା ଗ୍ରାମ ପ୍ରତି ବିପଦ ବଢ଼ିଲା, ଗ୍ରାମବାସୀଙ୍କ ମଧ୍ୟରେ ବନ୍ୟାର ଆତଙ୍କ। ଜଳେଶ୍ୱର ବ୍ଲକ କୋଟସାହି ଗ୍ରାମ ପଂଚାୟତର ସାନ ରାଉତପଡା ଗ୍ରାମ ଓ କୋଟସାହି ଗ୍ରାମ ନିକଟ ସୁବର୍ଣ୍ଣରେଖା ନଦୀବନ୍ଧ ଉପରେ ତିଆରି ହୋଇଥିବା ଜଳେଶ୍ୱର-ଚୋରମରା ଜମାଲପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅନ୍ତର୍ଗତ ରାସ୍ତା କଡେ କଡେ ନଦୀର କୂଳ ଅତଡା ଖସିବାରେ ଲାଗିଛି। ଯଦି ଏହିପରି କୂଳରୁ ଅତଡା ଖସିବାରେ ଲାଗିବ ତେବେ ନଦୀବନ୍ଧ ରାସ୍ତା ମଧ୍ୟ କିଛିଦିନ ମଧ୍ୟରେ ନଦୀଗର୍ଭକୁ ଚାଲିଯିବା ସହିତ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ସହିତ ବହୁ ଗ୍ରାମପଂଚାୟତ ନଦୀ ଗର୍ଭକୁ ଚାଲିଯିବାର ଯଥେଷ୍ଟ ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ ବୋଲି କୋଟସାହି ଗ୍ରାମ ପଂଚାୟତବାସୀ କହିବା ସହିତ ଆତଙ୍କରେ ରହିଛନ୍ତି ବୋଲି ଜଣାଇଛନ୍ତି। ତେଣୁ ତୁରନ୍ତ ପଦକ୍ଷେପ ନେବାପାଇଁ ବିଭାଗୀୟ କର୍ମକର୍ତ୍ତାଙ୍କୁ ସୂଚନା ଦିଆଯାଇଛି ବୋଲି କୋଟସାହି ପଂଚାୟତର ଯୁବନେତା ଅଶୋକ କୁମାର ପରିଡା ସୂଚନା ଦେଇଛନ୍ତି।

ଚଳିତ ବର୍ଷ ବାରମ୍ବାର ଲଘୁଚାପଜନିତ ବର୍ଷା ଯୋଗୁଁ ନଦୀରେ ବନ୍ୟା ଆସିବା ତଥା ଉକ୍ତ ଅଞ୍ଚଳଟି ବାଲି ମାଟିର ସ୍ତର ହୋଇ ଥିବାରୁ ନରମ ମାଟିରେ ଫାଟ ସୃଷ୍ଟି ହୋଇ ନଦୀକୁ ଅତଡା ଖସୁଥିବା ଗ୍ରାମବାସୀ କହିଛନ୍ତି। ଉକ୍ତ ଜାଗାଟି ନଦୀର ସବୁଠାରୁ ଗଭୀର ତମ ଜାଗା ହୋଇଥିବାରୁ ସବୁ ସମୟରେ ଏହି ସ୍ଥାନରେ ନଦୀର କୂଳ ଅତଡା ଖାଇଥାଏ। ଗ୍ରାମବାସୀଙ୍କ ବହୁ ଦାବି ଫଳରେ ପ୍ରାୟ ୧୯୭୮ରୁ ୮୦ ମସିହା ସମୟରେ ଏହି ଜାଗାରେ ୩ଟି ବହୁ ନିମ୍ନମାନର ସ୍ପର ତିଆରି କରାଯାଇଥିଲା। ମାତ୍ର ବର୍ତ୍ତମାନ ତାହାର ଉଚ୍ଚତା ବହୁତ କମି ଆସିଲାଣି। ୩ଟି ସ୍ପର ମଧ୍ୟରୁ ପ୍ରଥମ ସ୍ପର ନିକଟରେ ଏହି କୂଳର ଅତଡା ଧସିବାରେ ଲାଗିଛି।

ପରବର୍ତ୍ତୀ ସମୟରେ ଏଠାରେ ନଦୀର କୂଳକୁ ରକ୍ଷା କରିବା ପାଇଁ ପଥର ପେଚିଂର ଆବଶ୍ୟକତା ରହିଥିବାର ଗ୍ରାମବାସୀଙ୍କ ବହୁ ଦାବି ଫଳରେ ଗତ ବର୍ଷ ପଥର ପେଚିଂ ଓ ସ୍ପର ପାଇଁ ବିଭାଗୀୟ କର୍ମକର୍ତା ସ୍ଥାନ ପରିଦର୍ଶନ କରିବା ସହିତ ତଦନ୍ତ କରାଯାଇ ପ୍ରକଳ୍ପ ପାଇଁ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବା ସହିତ କାର୍ଯ୍ୟାଦେଶ ମଧ୍ୟ ମିଳିଥିଲା ମାତ୍ର ରାଜନୈତିକ ଛକାପଂଝା ମଧ୍ୟରେ ସେହି ପ୍ରକଳ୍ପର କାର୍ଯ୍ୟକାରୀ ହୋଇ ନ ପାରି ଅର୍ଥ ଫେରି ଯାଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାଯାଇଛି। ବର୍ତ୍ତମାନ ନଦୀକୂଳ ଗ୍ରାମର ଅବସ୍ଥା ସଙ୍କଟାପନ୍ନ। ତେବେ ସ୍ଥାନୀୟ ଯୁବ ନେତା ଅଶୋକ କୁମାର ପରିଡାଙ୍କ ସୂଚନା ପରେ ସୁବର୍ଣ୍ଣରେଖା ଉଠାଜଳ ସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରୀୟବ୍ରତ ସିଂ, କନିଷ୍ଠ ଯନ୍ତ୍ରୀ ବସନ୍ତ ବେହେରା ପ୍ରମୁଖ ଉକ୍ତ ସ୍ଥାନକୁ ପରିଦର୍ଶନ କରିବା ସହିତ ଉପରିସ୍ଥ ବିଭାଗୀୟ କର୍ମକର୍ତ୍ତାଙ୍କ ସହିତ ଯୋଗାଯୋଗ କରିଥିବା ଜଣାଯାଇଛି। କୋଟସାହି ଗ୍ରାମର କାଳିଚରଣ ଭୂୟାଁଙ୍କ ଘର ନିକଟ ଓ ସାନ ରାଉତପଡା ଗ୍ରାମ ପାଶ୍ୱର୍ରେ ଏହି ଅତଡା ଖାଇଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ପରିଦର୍ଶନ କରିଥିବା ବେଳେ ଗ୍ରାମବାସୀ ଉପସ୍ଥିତଥିଲେ। ଏ ବିଷୟରେ ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ସୂଚନା ଦିଆଯିବା ପରେ ତୁରନ୍ତ ପଦକ୍ଷେପ ନେବେ ବୋଲି ଗ୍ରାମବାସୀଙ୍କୁ ଆଶ୍ୱସନା ଦେଇଥିବା ଗ୍ରାମବାସୀ ଜଣାଇଛନ୍ତି।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ



ବାଲିଆପାଳ, ୮।୧୦ (ସମିସ): ବାଲିଆପାଳ ବ୍ଲକ ସଭାଗୃହ ମଧ୍ୟରେ ବୁଧବାର ଅପରାହ୍ନରେ ଆନ୍ତର୍ଜାତିକ ବରିଷ୍ଠ ଦିବସ ପାଳିତ ହୋଇଯାଇଛି। ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ ଯୋଗଦେଇ ପ୍ରତ୍ୟେକ ପରିବାରର ଥିବା ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନ ଦେବା ସହିତ ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ବାଲିଆପାଳ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ପ୍ରସାଦ ସାହୁ, ଡ. ବଙ୍କିମ ଚନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ରାଉଳ, ଅଜୟ କୁମାର ଭୂୟାଁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଅକ୍ଟୋବର ଏକ ତାରିଖରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ବ୍ଲକ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ପିଏଲ ସରକାରୀ ଉଚ୍ଚବିଦ୍ୟାଳୟ ଜଗାଇର ଛାତ୍ରୀ ନିବେଦିତା ରାଜ, ଏସବିଏସଏନ ଉଚ୍ଚବିଦ୍ୟାଳୟ ନିଖିରାର ଛାତ୍ର ଭବଶଙ୍କର ଦାସ,କେଭି ଉଚ୍ଚବିଦ୍ୟାଳୟ ନାରାୟଣପୁର ଛାତ୍ର ସୁଶ୍ରୀ ମାମାଲି ଗିରି ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ ଓ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭବେଶ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ ବାଣ ତିଆରିର ଏନ୍ତୁଡିଶାଳ ପାଲଟିଛି ବାଲିକୁଟି

କାଳିପଦା, ୮।୧୦ (ସମିସ): ସରକାରଙ୍କ ପକ୍ଷରୁ ବାଣ ଫୁଟା ଉପରେ କଟକଣା ଥିଲେ ମଧ୍ୟ ମାନୁ ନାହାନ୍ତି ବ୍ୟବସାୟୀ, ଗ୍ରାହକ କି ଅନୁଷ୍ଠାନର କର୍ମକର୍ତ୍ତା। ଯାହାକି ଦେଖିବାକୁ ମିଳିଥିଲା ବିଗତ ଦିନରେ ରାବଣ ପୋଡିରେ। ଶହଶହ ଅନୁଷ୍ଠାନରେ ରାବଣ ପୋଡିରେ ବାଣ ବିସ୍ଫୋରଣ କରି ମଜା ନେଇଥିଲେ ଲୋକେ। ବାୟୁ ପ୍ରଦୂଷଣ କି



ଜନଜୀବନ ଉପରେ ସରକାରଙ୍କ ନିୟମ ପ୍ରଣୟନ କେବଳ ନାମକୁ ମାତ୍ର। ଆଗକୁ ଆସୁଛି ଦିପାବଳୀ ବାଣ ତିଆରି କରିବାରେ ଲାଗିପଡିଛନ୍ତି ବ୍ୟବସାୟୀଙ୍କ ସହିତ ପରିବାର ବର୍ଗ ଓ ସାଇପଡିଶାର ଲୋକମାନେ। ଅସାବଧାନତା ପାଇଁ ବଡ଼ବଡ଼ ଅଘଟଣ ଘଟିଯାଇ ଧନଜୀବନ ନଷ୍ଟ ହୋଇଯାଏ ବାଲିଆପାଳ ବ୍ଲକର ବାଲିକୁଟୀ ପଞ୍ଚାୟତର ଛଡ଼ା ଗାଁ ରେ ଚାଲିଛି ରୀତମତ ବାଣ ତିଆରି ହେଉଛି। ମାତ୍ର ପୁଲିସ ସବୁ ଜାଣି ମଧ୍ୟ ଚୁପ୍ ରହିଛି। କିଛି ବର୍ଷ ତଳେ ବାଲିକୁଟୀ ଗ୍ରାମରେ ବାଣ ବିସ୍ଫୋରଣରେ ଜଣେ ୬୦ ବର୍ଷର ବୃଦ୍ଧ ଓ ୩ ବର୍ଷର ଜଣେ ଶିଶୁର ମୃତ୍ୟୁହେବା ସହିତ ବଡାଶ ଗ୍ରାମର ଜଣେ ଯୁବକ ଙ୍କର ହାତ ପୋଡି ଯାଇଥିଲା।ଏହି ବେଆଇନ ବାଣ ତିଆରି ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ଝଲସୁଛି ବିଶୁନପୁର ହରିହାଟ ଲକ୍ଷ୍ମୀ ମଣ୍ଡପ ମେଢ଼



ଖଇରା, ୮।୧୦ (ସମିସ): ଖଇରା ବ୍ଲକ ଅଧୀନ ବିଶୁନପୁର ଗ୍ରାମର ଶହେ ବର୍ଷରୁ ଉର୍ଦ୍ଧ ସମୟ ଧରି ପାଳିତ ହୋଇ ଆସୁଥିବା ହରିହାଟ ଲକ୍ଷ୍ମୀ ମଣ୍ଡପ ପୂଜା ଧୁମଧାମରେ ଚାଲିଛି। ସୋମବାର ସଂଧ୍ୟାରେ କମିଟି ସଦସ୍ୟ ଲକ୍ଷ୍ମଣ ସାହୁ, ଦୟାନିଧି ଜେନା ଓ ପର୍ଶୁରାମ ନାୟକଙ୍କ ଦ୍ୱାରା କଳସ ଅଣାଯାଇଥିବା ବେଳେ ପରମାନନ୍ଦ ପଣ୍ଡା ଓ ଆଦିକନ୍ଦ ପଣ୍ଡାଙ୍କ ଦ୍ୱାରା ଗଜଲକ୍ଷ୍ମୀଙ୍କ ପୂଜା ଓ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ଜଗତାନନ୍ଦ ମହାନ୍ତି, ନୀଳମଣି ପ୍ରଧାନ, ଯଦୁନାଥ ସାହୁ, ଦୟାନିଧି ସାହୁ, ସୁରେଶ ଜେନାଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଚଳିତ ବର୍ଷ ପୂଜାର ସମସ୍ତ କାର୍ଯ୍ୟ ସମ୍ପନ୍ନ ହେଉଛି। ପ୍ରତ୍ୟେକ ଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି।

## ୨୬ରେ ଜଳେଶ୍ୱରରେ ଆଦିବାସୀ ମେଳା

ଜଳେଶ୍ୱର,୮।୧୦(ସମିସ): ଜଳେଶ୍ୱର ବଡ଼ ବଜାରଠାରେ ଆଦିବାସୀ ମେଳା ଆୟୋଜନ ନେଇ ରବିବାର ସନ୍ଧ୍ୟାରେ ଏଚ୍ଡିଏଫସି ବ୍ୟାଙ୍କ ସମ୍ମୁଖରେ ଗୌରହରି ସାହୁଙ୍କ ସଭାପତିତ୍ୱ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମହିଳା ଓ ଯୁବ ଗୋଷ୍ଠୀଙ୍କୁ ଗୁରୁତ୍ୱ ଦେଇ ଆସନ୍ତା ୨୬ ତାରିଖରୁ ୩୦ ତାରିଖ ଯାଏ ୫ ଦିନ ବ୍ୟାପି ଆଦିବାସୀ ମେଳା ସ୍ଥାନୀୟ ସାଇ ମନ୍ଦିର ଟାଉନ୍ ହଲ୍ ପଡ଼ିଆରେ ହେବାକୁ ସ୍ଥିରୀକୃତ ହୋଇଛି। ବୈଠକରେ ଆଦିବାସୀ ନେତା ସର୍ବେଶ୍ୱର ଟୁଡୁ, କୁଆଁର ସିଂ, ସନାଇ ହେମ୍ବ୍ରମ, ହରିଆ ମାରାଣ୍ଡି, ରଘୁନାଇ ମୁର୍ମୁ, ପ୍ରଭାକର ହାଁସଦା, ନିରଞ୍ଜନ ମାରାଣ୍ଡି, ବୁଦ୍ଧିରାମ ବାସ୍କେ ଓ ରତ୍ନାକର ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ମହିଳା ଓ ଯୁବ ଗୋଷ୍ଠୀଙ୍କ ଲାଗି ୨ ଦିନ ଧରି ଆଦୀବାସୀ ସଂସ୍କୃତି, ପରମ୍ପରା ସମ୍ପର୍କିତ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମେଳାର ସଫଳ ଆୟୋଜନ ସମ୍ପର୍କରେ ବକ୍ତବ୍ୟ ରଖି କାଉନ୍ସିଲର ଗୋବିନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

## ଚାରାରୋପଣ ଓ ବଣ୍ଟନ




ବାଲିଆପାଳ, ୮।୧୦ (ସମିସ): ବାଲିଆପାଳ ବ୍ଲକରେ ଆଜାଦ୍ ହିନ୍ଦ୍ ଫାଉଣ୍ଡେସନ ପକ୍ଷରୁ ଚାରା ରୋପଣ ଏବଂ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମେ ବଞ୍ଚିବା ଜୀବ ଜଗତକୁ ବଞ୍ଚାଇବା,ପରିବେଶ ଆମର ଦାୟିତ୍ୱ , ପରିବେଶ ସୁରକ୍ଷା ଜୀବନ ରକ୍ଷା, ପୃଥିବୀ ଉତ୍ତାପ ପାଇଁ ଦାୟୀ କିଏ ନାରା ଦେଇ ବାଲିଆପାଳର ବିଭିନ୍ନ ସ୍ଥାନରେ ୫୦୦ରୁ ଉର୍ଦ୍ଧ୍ୱର ବୃକ୍ଷ ରୋପଣ କରିବା ସହିତ ଚାରା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ମହାଲ୍ଲିକ, ସଭାପତି ସନାତନ ଗଙ୍ଗାଇ, ସମ୍ପାଦକ ବିଶ୍ୱ ରଞ୍ଜନ ସେଠି, ଉପସଭାପତି ପ୍ରଭାତ ରଞ୍ଜନ ଦାସ, ଉପସମ୍ପାଦକ ଭୋଳା ସିଂହ, ସଦସ୍ୟ ସଞ୍ଜୟ ଦାସ,ମଦନ ମୋହନ ଦାସ, ଦେବପ୍ରସାଦ ଦାସ, ବିକ୍ରମ ଦେ,ଅନୁଜ କୁମାର ରାଉତ, କମଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କବାଡ଼ି ପ୍ରତିଯୋଗିତା; ଟିକରାପଡା ଚାମ୍ପିଅନ



ବାଲିଆପାଳ/କାଳିପଦା, ୮।୧୦ (ସମିସ): ବାଲିଆପାଳ ବ୍ଲକ୍ ଜମ୍ବୀରାଇ ପଞ୍ଚାୟତ ଅଧିନସ୍ଥ ସୁନ୍ଦରକୋଇଲି ଗ୍ରାମରେ ଦୁର୍ଗାପୂଜା ଏବଂ ଲକ୍ଷ୍ମୀପୂଜା ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଜମ୍ବୀରାଇ ଦୁର୍ଗାପୂଜା କମିଟି ପକ୍ଷରୁ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ସୁନ୍ଦରକୋଇଲି ଦଳକୁ ହରାଇ ଟିକରାପଡା ଦଳ ଚାମ୍ପିଅନ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଜଗତ ଜନନୀ ମା' ଦୁର୍ଗା ଏବଂ ଆଦିଶକ୍ତି ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷା କରି ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। କ୍ରୀଡ଼ାକୁ ନେଇ ଆୟୋଜକଙ୍କ ମଧ୍ୟରେ ଥିବା ଉତ୍ସାହ ପାଇଁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟଅତିଥି ବିଧାୟିକା ଶ୍ରୀମତୀ ଜେନା ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚମ୍ପିୟାନ ଏବଂ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜମ୍ବୀରାଇ ପଞ୍ଚାୟତ ସମିତି ସଦସ୍ୟ ସୁଦର୍ଶନ ପଣ୍ଡିତ, ସଚ୍ଚିନ୍ଦ୍ର ପାତ୍ର, ପ୍ରଦୀପ ଜେନା, ମହେନ୍ଦ୍ର ବିଶ୍ୱାଳ, ମୃତ୍ୟୁଞ୍ଜୟ ରାଉତ, ଶ୍ରୀନିବାସ ସାହୁ, ବାସୁଦେବ ସାହୁ, ଶୈଳେନ୍ଦ୍ର ଆଚାର୍ଯ୍ୟ, ପୁରସ୍ତମ ନାୟକ, ରତ୍ନାକର ବିଶ୍ୱାଳ ପ୍ରମୁଖ ବହୁ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ଜମ୍ବୀରାଇ ଦୁର୍ଗାପୂଜା କମିଟିର ସଦସ୍ୟମାନେ କବାଡ଼ି ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ସୋନମ ୱାଙ୍ଗଚୁକଙ୍କୁ ନିସର୍ତ୍ତ ମୁକ୍ତ ଦାବି




ବାଲିଆପାଳ, ୮।୧୦ (ସମିସ): କେନ୍ଦ୍ର ସରକାର କର୍ପୋରେଟ୍ ହାଉସ, ଶିଳ୍ପପତି ଓ ପୁଞ୍ଜିପତିଙ୍କ କଥାରେ ପରିଚାଳିତ ହୋଇ ବିଶିଷ୍ଟ ସମାଜସେବୀ ପରିବେଶବିତ ସମାଜ ସଂସ୍କାରକ ସମ୍ବିଧାନ ରକ୍ଷକ, ବୈଜ୍ଞାନିକ ସୋନମ ୱାଙ୍ଗଚୁକଙ୍କ ବିରୁଦ୍ଧରେ କେନ୍ଦ୍ର ସରକାର ଦେଶ ଦ୍ରୋହ ମାମଲା ରୁଜୁ କରି ଗିରଫ କରିଛନ୍ତି। ତାଙ୍କୁ ନିସର୍ତ୍ତ ଏବଂ ଯଥାଶୀଘ୍ର ଜେଲରୁ ମୁକ୍ତ କରିବା ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆଜି ପୂର୍ବାହ୍ନରେ ବାଲିଆପାଳ ଭିଟାମାଟି ସୁରକ୍ଷା କମିଟି ଓ ନାଗରିକ ଅଧିକାର ସୁରକ୍ଷା ମଞ୍ଚର ମିଳିତ ଉଦ୍ୟମରେ କୃଷକ ନେତା ଅରୁଣ ଜେନାଙ୍କ ନେତୃତ୍ୱରେ ବାଲିଆପାଳ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଏକ ପ୍ରତିବାଦ ସଭା ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାଭିମାନ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି, ବସ୍ତା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତୀର୍ଥ କୁମାର ନାଗ, ସୂଚନା ଅଧିକାର ସଂଘର ସଭାପତି ଅନୁଜ ମହାପାତ୍ର, କାଳିପଦା ଗଣଚେତନା ମଞ୍ଚର ସଭାପତି କୁଶଧ୍ୱଜ ଜେନା, ଗୌତମ ପାତ୍ର, ବିଜୟ ନାୟକ, ସେକ କମିରୁଦ୍ଦିନ,ହରେକୃଷ୍ଣ ସେନାପତି, ନରହରି ଜେନା ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବର୍ଷିଥିଲେ।

### ପୁଣି ବିବାଦରେ ତୁଳସୀ ଗଣନାଟ୍ୟ

## ଅଗ୍ରୀମ ଟଙ୍କା ଫେରସ୍ତ ନ କରିବାରୁ ଗାଡ଼ି ଅଟକ



ବସ୍ତା ବ୍ଲକ/ରାଜଘାଟ, ୮।୧୦ (ସମିସ): କିଛି ଦିନ ଧରି ଯାତ୍ରାରେ ବିଭିନ୍ନ ପ୍ରକାରର ବିବାଦ ଦେଖା ଦେଇ ଥିବା ବେଳେ ପୁଣି ବିବାଦକୁ ଆସିଛି ତୁଳସୀ ଗଣନାଟ୍ୟ। ବାଲେଶ୍ୱର ଜିଲ୍ଲା ବସ୍ତାର ମାଆ ମଙ୍ଗଳା ଯାତ୍ରା କମିଟି ପାଖରୁ ଯାତ୍ରା ଦେବା କହି ଅଗ୍ରୀମ ଟଙ୍କା ନେଇ ଯାତ୍ରା ନ ଦେବା ସହିତ ଟଙ୍କା ନ ଫେରାଇବାରୁ କମିଟି ପକ୍ଷରୁ ଯାତ୍ରା ଗାଡ଼ିକୁ ଗାନ୍ଧୀଛକ ନିକଟରେ ଅଟକ ରଖିବା ପରେ ଟଙ୍କା ଫାଙ୍କି ନ ପାରି ତୁଳସୀ ମାଲିକ ଟଙ୍କା ଫେରାଇବା ପରେ ଗାଡ଼ି ଛାଡ଼ିବା ଘଟଣା ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁଙ୍କୁ ପୁଣି ବିବାଦ ଘେରକୁ ଟାଣି ନେଇଛି। ଯାତ୍ରା କମିଟି ଅଭିଯୋଗ ଅନୁସାରେ ବସ୍ତା ଯାତ୍ରା ପେଣ୍ଡାଲକୁ ଯାତ୍ରା ଦେବା ନେଇ ମାଲିକ ଅନନ୍ତ ନାରାୟଣ ଧଳ ବସ୍ତା ମା' ମଙ୍ଗଳା ଯାତ୍ରା କମିଟି ସହ ଯୋଗାଯୋଗ କରିଥିଲେ। କମିଟି ରାଜି ହେବା ସହିତ ୨୦୨୬ ମସିହା ଜାନୁୟାରୀ ୨୪,୨୫ ଓ ୨୬ ତାରିଖ ଯାତ୍ରା ଆଣିବା ପାଇଁ ସର୍ତ୍ତ ରଖି ଥିଲା। ଏହାକୁ ମାଲିକ ରାଜି ହେବା ପରେ ୧ ସେପ୍ଟେମ୍ବରରେ କମିଟି ପକ୍ଷରୁ ଅଗ୍ରୀମ ବାବଦକୁ୨ ଲକ୍ଷ ଟଙ୍କା ମାଲିକଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆ ଯାଇଥିଲା। ପରେ କମିଟି ମାଲିକ ଠାରୁ ଧାର୍ଯ୍ୟ ତାରିଖ ଲିଖିତ ଭାବେ ମାଗିଥିଲେ। ଟଙ୍କା ପାଇ ସାରିବା ପରେ ଅନନ୍ତ ଧଳଙ୍କ ସ୍ୱର ବଦଳି ଯାଇଥିଲା। କମିଟି ମାଗିଥିବା ତାରିଖରେ ସେ ଯାତ୍ରା ଦେବାକୁ ମନା କରିଥିଲେ। ଫଳରେ ଅଲଗା ତାରିଖକୁ କମିଟି ମନା କରି ଟଙ୍କା ଫେରାଇବାକୁ କହିଥିଲେ ମଧ୍ୟ ମାଲିକ ଅନନ୍ତ ଧଳ ଧରା ଦେଇ ନ ଥିଲେ। ଏପରିକି ଆଜି କାଲି ଦେବେ କହି ଶେଷରେ ଫୋନ ଉଠାଇ ନ ଥିଲେ। ତୁଳସୀ ଗଣନାଟ୍ୟ ବାଲିଆପାଳରେ ଯାତ୍ରା ସାରି ବୁଧବାର ଅନ୍ୟ ପେଣ୍ଡାଲକୁ ଯାଉଥିବା ବେଳେ ବସ୍ତା ଯାତ୍ରା କମିଟି କୁଡିଆ ପୋଲଠାରେ ଯାତ୍ରା ସରଞ୍ଜାମ ନେଇ ଯାଉଥିବା ଟ୍ରକ୍ ଗୁଡ଼ିକୁ ଅଟକ ରଖିଥିଲେ। ଫଳରେ ଆଉ କମିଟି ପାଖରୁ ଖସି ନ ପାରି ଶେଷରେ ଟଙ୍କା କମିଟିକୁ ଫେରସ୍ତ କରିବା ପରେ କମିଟି ସଦସ୍ୟମାନେ ଗାଡ଼ି ଛାଡ଼ି ଥିଲେ। ଏହି ଘଟଣା ବସ୍ତାରେ ଚର୍ଚ୍ଚାର ବିଷୟ ହୋଇଛି।

## ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମଞ୍ଚ ବୈଠକ



ଖଇରା, ୮।୧୦ (ସମିସ): ଖଇରା ବ୍ଲକ ଅନ୍ତର୍ଗତ ତୁଡିଗଡିଆଠାରେ ଶହୀଦ ସ୍ମୃତି ଭବନରେ ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ଦିବସ ପାଳିତ ହୋଇ ଯାଇଛି। ଉକ୍ତ ସଭାରେ ୧୧ପଞ୍ଚାୟତର ଅଧିବାସୀ ତୁଡିଗଡିଆଠାରେ ବ୍ଲକ ଓ ଥାନା ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି। ଏଥିପାଇଁ ପ୍ରଥମେ ଦାବିପତ୍ର ଓ ପରେ ଆନ୍ଦୋଳନ ଓ ଗଣଧାରଣାକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି। ମଞ୍ଚର ସଭାପତି ବିଷ୍ଣୁ ମୋହନ ଶତପଥି ଏଥିରେ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ଉପେନ୍ଦ୍ର ପ୍ରସାଦ ପାଢୀ ବକ୍ତବ୍ୟ ରଖିବା ଅବସରରେ ସୋର ବ୍ଲକର ୩ ପଞ୍ଚାୟତ ଆଟପୁର, ମାଣିପୁର ଓ ମଧୁସୂଦନପୁର ଏବଂ ଖଇରା ବ୍ଲକର ୮ପଞ୍ଚାୟତ ଗଗନଧୂଳି, ଡାଲଙ୍ଗ, ଡଗରପଡା, ଅଚ୍ୟୁତପୁର, ଜଳଦା, ମାଖନପୁର, କୁରୁଣ୍ଟା, ଶ୍ୟାମସୁନ୍ଦରପୁର ପଞ୍ଚାୟତ ମଧ୍ୟସ୍ଥଳ ତୁଡିଗଡିଆ ହୋଇଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବ୍ୟବସାୟ ବାଣିଜ୍ୟ ସହିତ ସବୁ ଦୃଷ୍ଟିରୁ ନୂତନ ବ୍ଲକ ପାଇଁ ଭିତ୍ତିଭୂମି ସୁଦୃଢ ଅଛି ବୋଲି କହିଥିଲେ। ରାଜ୍ୟ ସରକାର ଏହି ସବୁ ବିଷୟକୁ ଦୃଷ୍ଟିରେ ରଖି ନୂତନ ବ୍ଲକ ପୁନର୍ଗଠନ ପ୍ରକ୍ରିୟାରେ ତୁଡିଗଡିଆକୁ ବ୍ଲକର ମାନ୍ୟତା ପ୍ରଦାନ କରିବା ସହ ଥାନା ପ୍ରତିଷ୍ଠା ପାଇଁ ୧୧ ପଞ୍ଚାୟତରୁ ଆସିଥିବା ଲୋକପ୍ରତିନିଧି ଓ ପୂର୍ବତନ ଲୋକପ୍ରତିନିଧି ମାନେ ଦାବି କରିଥିଲେ। ସୋର ବରିଷ୍ଠ ନାଗରିକ ମଞ୍ଚର ସଭାପତି ନବ କିଶୋର ଦାସ ଓ ସମ୍ପାଦକ ଦାମୋଦର ଦାସମହାପାତ୍ର, ତୁଡିଗଡିଆ ବରିଷ୍ଠ ମଞ୍ଚର ଉପଦେଷ୍ଟା ରାଧାକାନ୍ତ ପଣ୍ଡା,ଲୋକନାଥ ପଣ୍ଡା, ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାରଣା, ଉପସଭାପତି ଉପେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ କବି ସୁବୋଧ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୁବଶୀଘ୍ର ବ୍ଲକ କ୍ରିୟାନୁଷ୍ଠାନ କମିଟି ଗଠନ କରି ବିଧାୟକଙ୍କ ଠାରୁ ଆରମ୍ଭ କରି ଏମପି, ଜିଲାପାଳ, ପଞ୍ଚାୟତିରାଜମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଶହିଦ ଜନକଲ୍ୟାଣ ପରିଷଦ ସଭାପତି ବସନ୍ତ କୁମାର ସାହୁ ନିଜ ମନ୍ତବ୍ୟରେ ସିମୁଳିଆ ବିଧାୟକ ତୁଡିଗଡିଆରେ ଥାନା ଓ ବ୍ଲକ ପ୍ରତିଷ୍ଠା ପାଇଁ ପ୍ରତିଶୃତି ଦେଇଥିବା କଥା ବୈଠକରେ ଘୋଷଣା କରିଥିଲେ।

# ନିଜ ଠିକଣା ଖୋଜୁଛି ଡାକ ବିଭାଗ

**ଆଜି ବିଶ୍ୱ ଡାକ ଦିବସ**

ବସ୍ତା ବ୍ଲକ, ୮।୧୦ ( ଦୀପକ କୁମାର ପରିଡ଼ା)

ବାର୍ତ୍ତା ପରିବହନର ଏକମାତ୍ର ମାଧ୍ୟମ ଥିଲା ଚିଠି। ଦିନେ ସମୟ ଥିଲା ଡାକ ପିଅନ ଆସିବା ସମୟକୁ ସମସ୍ତେ ଚାତକ ପରି ଅନାଇ ବସୁଥିଲେ। କାଲେ ଆମର କିଛି ଚିଠି ଆସିବ କି? ଯେତେବେଳେ ଡାକ ବାଲା ଗ୍ରାମ ଭିତରେ ଚିଠି ଚିଠି ଡାକ ପକାଇ ଯାଉଥିଲା ସେତେବେଳେ ନିଜ ସମ୍ପର୍କୀୟଙ୍କ ଚିଠି ଆସି ଥିବା ଭାବି ପିଣ୍ଡାରେ ବସି ଡାକକୁ ଅପେକ୍ଷା କରି ବସିଥିବା ପରିବାର ଲୋକେ ଡାକ କର୍ମଚାରୀ ପାଖକୁ ଦୌଡ଼ି ଯାଇ ପଚାରନ୍ତି ଭାଇ ଆମର କିଛି ଚିଠି ଆସିଛି କି? ସେତେବେଳେ ଡାକ ପିଅନ ପଚାରେ କ'ଣ ନାମ ଅଛି, ନା ଆସିନି ବା ଆସିଛି। ଯାହାର ଆସିନି ତା ପରିବାର ଲୋକ ଭାଙ୍ଗି ପଡନ୍ତି। ଏତେ ଦିନ ହେଲାଣି ଗଲାନି କିଛି ଖବର ନାହିଁ। ବାପ ମାଆ ଭାଇ ଭଉଣୀ କେମିତି ଅଛନ୍ତି ଜାଣିବା ପାଇଁ ଟିକେ ବେଳ ନାହିଁ। ସେଇଠି ମା କୁହେ ଠାକୁର ତାକୁ ଭଲରେ ରଖନ୍ତୁ। ଆଉ ଯାହାର ଚିଠି ଆସିଥାଏ ପରିବାର ଲୋକେ ଏକା ଜାଗାରେ ବସି କହନ୍ତି ଚିଠି ଖୋଲି ପଢ଼। ଚିଠିର ପ୍ରତ୍ୟେକ ଧାଡ଼ି କାହା ମନରେ ଆନନ୍ଦ ଦିଏ ତ କାହା ମନରେ ଅଭିମାନ ଭରିଦିଏ। କିଏ ଚିଠିକୁ ଲୁଚାଇ ବାରମ୍ବାର ପଢେ ତ କିଏ ରାତିରେ ସମସ୍ତେ ଶୋଇ ଗଲାପରେ ଚିଠି ଲେଖି ବସେ। ନିଜ ସୁଖ ଦୁଃଖ ବାଣ୍ଟି ବାର ମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଥିଲା ଡାକ ବିଭାଗ। ପୋଷ୍ଟ କାର୍ଡ, ଇଁଲାଣ୍ଡ ଲେଟର, ଲଫାପା ସାଧାରଣ ଭାବେ ବ୍ୟବହାର ହେଉଥିବା ବେଳେ ଜରୁରୀ ସନ୍ଦେଶ ପାଇଁ ଟେଲି ଗ୍ରାମ ଓ ଟଙ୍କା ନେଣ ଦେନ ମିନି ଅଡ଼ର ମାଧ୍ୟମ ଥିଲା। ଚାକିରି, ପାଠପଢ଼ା ପାଇଁ ଆବେଦନ ଓ ନିଯୁକ୍ତି ପତ୍ର ମଧ୍ୟ ଡାକ ସେବା ଯୋଗାଇ ଆସୁଥିଲା। ସେନା ବାହିନୀ କାର୍ଯ୍ୟରତ ସୈନିକଙ୍କ ଚିଠି ଆସୁଥିଲା। ଏହି ଡାକ ସେବା ପୂର୍ବରୁ ଲୋକଙ୍କ ପାଇଁ ମଧ୍ୟ ଦୁଃଖ ଦେଇଥିବା କୁହା ଯାଇଛି। ବିଳମ୍ବରେ ଡାକ ପହଞ୍ଚିବା ପାଇଁ ଅନେକ ପାଠ ପଢାରୁ ବଞ୍ଚିତ ହୋଇଥିବା ବେଳେ ଅନେକ ଚାକିରି ହରାଇଛନ୍ତି ବୋଲି ଲୋକେ ପ୍ରକାଶ କରିଛନ୍ତି। ଅନେକ ସୁଖ ଦୁଃଖ ଖବର ବିଳମ୍ବ ପାଇବା ପାଇଁ ଅନେକ ଲୋକେ ଆଜି ବି ଭୁଲି ପାରି ନାହାନ୍ତି। କୋଟି କୋଟି ଲୋକଙ୍କୁ ଠିକଣା ସହ ସନ୍ଦେଶ ଯୋଗାଇ ଆସୁଥିବା ଡାକ ବିଭାଗ ଆଜି ନିଜ ଠିକଣା ଖୋଜୁଛି। ଟେକ୍ନୋଲୋଜି ଉନ୍ନତି ଆଜି ଡାକ ସେବାକୁ ପ୍ରଭାବିତ କରିଛି। ଇଣ୍ଟରନେଟ ଯୁଗରେ ଏବେ ମୋବାଇଲରେ ସବୁ ପ୍ରକାର ସୁବିଧା ଲୋକଙ୍କୁ ହାତ ପାଆନ୍ତାରେ ମିଳୁଛି। ମୋବାଇଲ କଥାବାର୍ତ୍ତା ଫେସ୍ ବୁକ୍, ଇନ୍ଷ୍ଟା ଗ୍ରାମ, ମେଲ, ହ୍ୱାଟ୍ସଆପ, ଟେଲି ଗ୍ରାମ ଭଳି ଅନେକ ଡିଜିଟାଲ ଆପ୍ସରେ ଲୋକେ ଭାବ ବିନିମୟରେ ଦୈନନ୍ଦିନ ବ୍ୟବହାର କରୁଛନ୍ତି। ଆବଶ୍ୟକ ନଥିବା ରୁ ବର୍ଷ ବର୍ଷ ଧରି ପୋଷ୍ଟ ଅଫିସକୁ ଆଉ ପୋଷ୍ଟ କାର୍ଡ, ଇନ୍ ଲ୍ୟାଣ୍ଡ ଲେଟର, ଲଫାପା ଆସୁନଥିବା ଡାକ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଫୋନ୍ ପେ, ଗୁଗଲ ପେ ଭଳି ଅନେକ ଡିଜିଟାଲ ଆପରେ ଟଙ୍କା କାରବାର ହେଉଛି। ଫଳରେ ମନି ଅର୍ଡର ବିଶେଷ ହେଉ ନାହିଁ। ଅପରପକ୍ଷେ ଲୋକେ ଏହା ଦ୍ୱାରା ଠକାମୀର ଶିକାର ହେଉଛନ୍ତି। ପୋଷ୍ଟ ଅଫିସ ଏବେ ବ୍ୟାଙ୍କ ଭଳି ଟଙ୍କା କାରବାର କରୁଛି। ଶୀଘ୍ର ଚିଠି ପତ୍ର ପ୍ରଦାନ ପାଇଁ ଡାକ ସେବା ଅପେକ୍ଷା ଘୋରଇ କୋରିଆର ସର୍ଭିସ ଉପରେ ଅଧିକ ଭରସା କରୁଛନ୍ତି। ବିଶେଷ କରି କେବଳ ରେଭନ୍ୟୁ ଟିକେଟ, ଆଇପିଓ ବିକ୍ରି ହେଉଥିବା ବେଳେ ସରକାରୀ କାର୍ଯ୍ୟାଳୟର ଚିଠି ମଧ୍ୟ ଡାକରେ ନ ଯାଇ କୋରିଅର ରେ ଯାଉଥିବା ଦେଖିବାକୁ ମିଳିଛି। କେବଳ ଜମି ରେଜିଷ୍ଟ୍ରିର ଦଲିଲ ଡାକ ରେ ଆସୁଛି। ଯାହା ଫଳରେ ସରକାର ରାଜସ୍ୱ ହରାଉଛନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ସହର ଗ୍ରାମର ବିଭିନ୍ନ ସ୍ଥାନରେ ଡାକ ବାକ୍ସ ଟଙ୍ଗା ଯାଉଥିଲା। ଡାକ କର୍ମଚାରୀ ଅପରାହ୍ନରେ ବାକ୍ସ ଖୋଲି ଚିଠି ନେଇ ଯାଉଥିଲେ। ମାତ୍ର ଆଜକୁ ବର୍ଷ ବର୍ଷ ଧରି କିଛି ବାକ୍ସର ତାଲା ଖୋଲିନି। ଅନେକ ବାକ୍ସ ଭାଙ୍ଗି ରୁଜି ପଡିଛି। ପୋଷ୍ଟ ଅଫିସରେ ବ୍ୟାଙ୍କ ଭଳି ଟଙ୍କା କାରବାର ହେଉଥିବା ବେଳେ କର୍ମଚାରୀ ଅଭାବ ସହିତ ଅନେକ ଅବ୍ୟବସ୍ଥା ରହିଛି। ସରକାର ପୋଷ୍ଟ ଅଫିସ ପ୍ରତି ଲୋକଙ୍କ ଆଗ୍ରହ ବଢ଼ାଇବା ପାଇଁ ଅନେକ ଯୋଜନା କରୁଥିଲେ ମଧ୍ୟ ଲୋକେ ବିମୁଖ ହେଉଛନ୍ତି। ଇଣ୍ଟରନେଟ ନ ଚାଲିଲେ କାରବାର ପୁରା ଠପ୍ ହେଉଛି। ଅନ୍ୟ ପକ୍ଷେ ଗ୍ରାମୀଣ ଡାକ ସେବା ଅଫିସ ମଧ୍ୟ ଠିକ୍ ଭବେ ଚାଲୁ ନାହିଁ। ଭିତ୍ତି ଭୂମି ନଥିବାରୁ ଗ୍ରାମାଞ୍ଚଳ ର ଲୋକେ ଟଙ୍କା କାରବାର କୁ ଭରସା କରୁ ନାହାନ୍ତି। ଡିଜିଟାଲ ଯୁଗରେ ଡାକ ସେବା କୋମାରେ ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



## ଷଷ୍ଠ ପର୍ଯ୍ୟାୟ ସନ୍ତରଣ ପ୍ରଶିକ୍ଷଣ ଶିବିର



ବାଲେଶ୍ୱର,୮ ।୧୦(ସମିସ): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସ୍ଥାନୀୟ ପଦ୍ମାବତୀ ଜଳ ଉଦ୍ୟାନ ସଭାଗୃହଠାରେ ଯୁବପିଢ଼ିଙ୍କ ପାଇଁ ସନ୍ତରଣ ଓ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଥିରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ଜରୁରୀ ଅଧିକାରୀ ସାଇ କୃଷ୍ଣ ଜେନା , ଓଡ୍ରାଫ୍ ଅଧିକାରୀ ମନୋରଞ୍ଜନ ବେହେରା ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ ଯୋଗ ଦେଇଥିଲେ । ପାଣିରେ ବୁଡ଼ି କୌଣସି ପ୍ରାଣହାନି ଜନିତ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ଯୁବପିଢ଼ିଙ୍କ ପାଇଁ ଉପଯୋଗୀ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଚତୁର୍ଥ ପର୍ଯ୍ୟାୟରେ ୮ ରୁ ୧୩ ତାରିଖ ପର୍ଯ୍ୟନ୍ତ ୩୦ ଜଣିଆ ଅଂଶ ଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ । ୧୦ ଦଳ ମୋଟ ୩୦୦ ଜଣ ଅଂଶ ଗ୍ରହଣକାରୀଙ୍କୁ ସ୍ଥାନୀୟ ବାଲେଶ୍ୱର ଓଡ୍ରାଫ୍ ଟିମ୍ ପ୍ରଶିକ୍ଷଣ ଦେବେ । ବାଲେଶ୍ୱରରୁ ୨୦ ଜଣିଆ ଓଡ୍ରାଫ୍ ଟିମ୍ ଜିଲ୍ଲାରେ ଏହି ପ୍ରଶିକ୍ଷଣ ପାଇଁ ଯୋଗ ଦେଇଛନ୍ତି । ଜରୁରୀ କାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଭୂୟାଁ ଓ ନେହରୁ ଯୁବ କେନ୍ଦ୍ରର ସଂଯୋଜକ ବିକ୍ରମ ବାରିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣା

# କୋର୍ଟରେ ହାଜର ହେଲେ ଗିରଫ ୪ ଜଣ

ବାଲେଶ୍ୱର, ୮ ।୧୦(ସମିସ)

ଗତ ଜୁଲାଇ ମାସ ୧୨ତାରିଖରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିଲା ଏକ ସାଂଘାତିକ ଘଟଣା । ଉକ୍ତ କଲେଜର ବିଏଡ ଛାତ୍ରୀ ସୌମ୍ୟାଶ୍ରୀ ବିଶି ସେହି ବିଭାଗର ଏଚଓଡ଼ିଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ନେଇ କଲେଜ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢ଼ାଳି ନିଜ ଦେହରେ ନିଆଁ ଲଗାଇଦେଇଥିଲେ । ସେହି ମାସ ୧୪ତାରିଖରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏହି ଘଟଣା ଘଟିବା ଠାରୁ କ୍ରାଇମବ୍ରାଂଚ ଏହାର ତଦନ୍ତ କରୁଥିଲା । ପାଖାପାଖି ଏକମାସରୁ ଅଧିକ ଦିନ ଧରି ଏହି ଘଟଣାରେ ତଦନ୍ତ କରିବା ସହ ଦୁଇଜଣ



ଛାତ୍ର ଶୁଭ୍ରସମ୍ବିତ ନାୟକ, ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କ ସହ ଏଚଓଡ଼ି ସମୀର ସାହୁ ଏବଂ ନିଲମ୍ବିତ ଅଧକ୍ଷ ଦିଲ୍ଲୀପ ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତେବେ ଆଜି ସେମାନଙ୍କୁ ଏସଡିଜେଏମ କିଶୋର କୁମାର ନାଥଙ୍କ କୋର୍ଟରେ ଶେଷ ଥର ପାଇଁ ହାଜର କରାଯାଇଛି । କାରଣ ଏହି କୋର୍ଟରୁ ଏବେ ଜିଲ୍ଲା ଦୌରାଜଜଙ୍କ କୋର୍ଟକୁ ବିଚାର ପାଇଁ ସମସ୍ତ ରେକର୍ଡପତ୍ର ଯିବ । ଏହାପୂର୍ବରୁ ଜଜ ସେମାନଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ । ସେମାନଙ୍କ

**ବିଚାର ପାଇଁ ଉପରକୋର୍ଟକୁ ଗଲା ରେକର୍ଡପତ୍ର**

ବିରୋଧରେ ଯାହା ଦଫା ଗୁଡିକ ଲାଗିଥିଲା ସେଇ ଦଫା ଉପରେ ତର୍ଜମା ହୋଇଥିଲା । ସେମାନଙ୍କୁ ଜଜ୍ ଦୋଷ କରିଛନ୍ତି କି ନାହିଁ ତାହା ବି ପଚାରିଥିଲେ । ଏ ନେଇ ଏସଡିଜେଏମ କୋର୍ଟର ସରକାରୀ ଓକିଲ ବିଜୟ କୁମାର ଦାସ କହିଛନ୍ତି ଯେ, ଆଜି ସୌମ୍ୟାଶ୍ରୀ ଘଟଣାରେ ପୁଲିସ ଚାର୍ଜସିଟ ଦାଖଲ କରିଛି । ଆଜି ତାଙ୍କର କମିଟିମେଟ ହେଲା । ତାଙ୍କ ଓକିଲ ଶିଘ୍ର ବିଚାର ପାଇଁ ଜିଲ୍ଲା ଦୌରାଜଜଙ୍କ କୋର୍ଟରେ ଆବେଦନ କରିଥିଲେ । ଏଣୁ ଆଜି ମାମଲାଟି ଉପର କୋର୍ଟକୁ ଯାଇଛି । ଏ ନେଇ ଆଡଭୋକେଟ ଗୁରୁ ପ୍ରସାଦ ବେହେରା କହିଛନ୍ତି ଯେ, ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଉପର କୋର୍ଟରେ ବିଚାରକୁ ତ୍ୱରାନ୍ୱିତ କରିବା ପାଇଁ ଆଜି ଏସଡିଜେଏମ କୋର୍ଟ ପଠାଇଛନ୍ତି ଏବଂ ସେଠାରେ ସେମାନଙ୍କର ବିଚାର ହେବ । ବିଚାର ପରେ ଯାହା ଫାଇନାଲ ଜଜମେଣ୍ଟ ହେବ । ୮୪୦ ପୃଷ୍ଠାର ଦସ୍ତାବିଜ ପ୍ରଦାନ କରାଯାଇଛି । ଏପରିକି ଜାମିନ ପାଇଁ ହାଇକୋର୍ଟରେ ଆବେଦନ ହୋଇ ରହିଛି ବୋଲି କହିଛନ୍ତି ।

## ମାର୍କେଟ କମ୍ପ୍ଲେକ୍ସରୁ ଚୋରି ଘଟଣାରେ ୬ ଗିରଫ

ବାଲେଶ୍ୱର,୮ ।୧୦(ସମିସ): ବାଲେଶ୍ୱର ଶିଳ୍ପାଂଚଳ ଥାନା ଅଂଚଳରେ ଥିବା ଏକ ଆରଏମସି ମାର୍କେଟ କମ୍ପ୍ଲେକ୍ସରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା । ଏହିଘଟଣାରେ ପୁଲିସ ୬ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ୬ଜଣ ରେମୁଣା ଥାନା ଅର୍ନ୍ତଗତ ମନ୍ଦାରପୁର ଅଞ୍ଚଳର ବୋଲି ଶିଳ୍ପାଞ୍ଚଳ ଥାନା ଅଧିକାରୀ ଶ୍ୟାମଘନ ବେହେରା ସୂଚନା ଦେଇଛନ୍ତି । ଥାନା ନିକଟରେ ରହିଛି ଆରଏମସି ମାର୍କେଟ କମ୍ପ୍ଲେକ୍ସ । ଏହାରି ମଧ୍ୟରେ ପିଏଚଡି ବିଭାଗର ପାଇପ ଗୁଡିକ ଷ୍ଟକ କରି ରଖାଯାଇଛି । କୌଣସି ସୁରକ୍ଷା ବ୍ୟବସ୍ଥା ନଥିବା ସୁଯୋଗ ନେଇ ମନ୍ଦାରପୁର ଅଂଚଳର କିଛି ଯୁବକ ରାତିରେ ଟ୍ରକ ଲଗାଇ ସେଠାରୁ





ଲୁହା ରଡ, ପାଇପ, ବ୍ୟାଟେରୀ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରୁଥିଲେ । ଖବର ପାଇ ପୁଲିସ ସେଠାରେ ପହଁଚିବା ପରେ ଟ୍ରକରେ ସାମଗ୍ରୀ ଗୁଡିକ ଲଦା ହୋଇଥିବା ଦେଖିବା ସହ ସେଠାରେ ଦୁଇ ଜଣକୁ ଧରିଥିଲେ । ପୁଲିସ ଗାଡି ଦେଖି ବାକି କିଛି ଲୋକ ସେଠାରୁ ପଳାଇ ଯାଇଥିଲେ । ଖୋଜାଖୋଜି କରିବା ପରେ ୬ଜଣକୁ ଧରିଥିଲେ । ଚୋରି ହୋଇଥିବା ୨୭ଟି ପାଇପ,ଟ୍ରକକୁ ଜବତ କରାଯାଇଛି । ଜବତ ସାମଗ୍ରୀ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ । ଏ ନେଇ ପିଏଚଡି ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର ହିରାଲାଲ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ମହିଳାଙ୍କୁ ମାଡ଼ ଘଟଣାରେ ଜଣେ ଗିରଫ

ବାଲେଶ୍ୱର,୮ ।୧୦(ସମିସ): ଗତ ସେପ୍ଟେମ୍ବର ମାସରେ ବିଶ୍ୱକର୍ମା ପୂଜାର ପୂର୍ବ ରାତିରେ ବାଲେଶ୍ୱର ରେଳଷ୍ଟେସନ ନିକଟରେ ଜଣେ ମହିଳାଙ୍କୁ ଏକ ଯୁବକ ତଳେ ପକାଇ ନିସ୍ଠୁର ମାଡ ମାରିବା ସହ ଗୋଇଠା ମଧ ମାରିଥିଲେ । ଏହାକୁ ନେଇ ଆରପିଏଫ ଅଧିକାରୀ ସହଦେବଖୁଂଟା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୩୪୨/୨୫ନମ୍ବରରେ ଏକ ମାମଲା ରୁଜୁ କରି ମାଡ ମାରିଥିବା ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ହୋଇଥିବା ଯୁବକ ଜଣକ ହେଲେ ସହଦେବଖୁଂଟା ଥାନା ଅର୍ନ୍ତଗତ ଭାସ୍କରଗଞ୍ଜ(ବି) ଅଂଚଳର ବିଜୟକୁମାର ଗିରି(୨୮) ।

### ● ବାଲେଶ୍ୱର ମହାବୀର ଆଖଡାର ୧୦୦ ବର୍ଷ ପୂର୍ତ୍ତି

## ମଠସାହି ଆଖଡାକୁ ମିଳିଲା ପ୍ରଥମ ପୁରସ୍କାର

ବାଲେଶ୍ୱର,୮ ।୧୦(ସମିସ): ଆଖଡାର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲେଶ୍ୱରର ବହୁ ଆଖଡା ଦଳ ନିଜର ଖେଳ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ବାଲେଶ୍ୱର ମଠସାହି ଆଖଡା ଦଳ ଉଭୟ ବୀରାଷ୍ଟମୀରେ ମାକଲପୁରର ହନୁମାନ ମନ୍ଦିର ଓ ବିଜୟାଦଶମୀରେ ସିନେମା ଛକରେ ନିଜର ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ମଠସାହି ଆଖଡା ଦଳର ସର୍ଦାର ରବୀନ୍ଦ୍ର ବେହେରା ଏବଂ ସଭାପତି ମନୋଜ ରାଉତଙ୍କ ତତ୍ୱାବଧାନରେ ଶତାଧିକ ମଠସାହି ଗ୍ରାମର ଆବାଳବୃଦ୍ଧବନିତା ଏହି ଆଖଡା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ ।





ଗତ କୁମାର ପୂର୍ଣ୍ଣିମାରେ ବାଲେଶ୍ୱର ମହାବୀର ଆଖଡା ସଂଘର ବାର୍ଷିକ ଉତ୍ସବରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ମାନେ ମଠସାହି ଆଖଡା ଦଳକୁ ପ୍ରଥମ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ମଠସାହି ଆଖଡା ଦଳର ସଭାପତି ମନୋଜ ରାଉତ ସମସ୍ତ ଆଖଡା ଦଳ ସହ ଆଖଡା ସଂଘର ସମସ୍ତ କର୍ମକର୍ତ୍ତା ଓ ମଠସାହିର ସମସ୍ତ ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

## କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ



ବାଲେଶ୍ୱର,୮ ।୧୦(ସମିସ): ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅବସରରେ ବ୍ଲକସ୍ତରୀୟ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ସଦର ବ୍ଲକରେ କୃତି ପ୍ରତିଯୋଗୀମାନଙ୍କୁ ଆଜି ଏକ ସ୍ୱତନ୍ତ୍ର ଉତ୍ସବ ମାଧ୍ୟମରେ ପ୍ରମାଣପତ୍ର, ନଗଦ ଅର୍ଥରାଶି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି । ଏଥିପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସମ୍ପାଦକ ଦାମୋଦର ନାୟକ ମୁଖ୍ୟ ଅତିଥି ଭାବେ ଓ ମଞ୍ଚର ବରିଷ୍ଠ କର୍ମକର୍ତ୍ତା ଗୌରାଙ୍ଗ ପାଣିଗ୍ରାହୀ, ଶିକ୍ଷାବିତ ଦେବେନ୍ଦ୍ରନାଥ ଚୌଧୁରୀ, ବ୍ଲକର ସେକ୍ସନ ଅଫିସର ମହେଶ୍ୱର ଶିଅଳ ଓ ଫାଇନାନ୍ସ ଅଫିସର ସୁକାନ୍ତ କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଏବଂ ବକ୍ତାଭାବେ ଯୋଗଦେଇ କୃତି ପ୍ରତିଯୋଗୀ ଟାଉନ ହାଇସ୍କୁଲର ଉର୍ବଶୀ ବାଇ ଓ ପ୍ରିୟଙ୍କା ଆଢ୍ୟ, ପୁଲିସ ହାଇସ୍କୁଲର ଅଙ୍କିତା ପାଢ଼ୀଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରିଥିଲେ । ଉତ୍ସବରେ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଶର୍ମିଷ୍ଠା ପାତ୍ର ମଂଚ ପରିଚାଳନା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ପ୍ରକାଶ ଚନ୍ଦ୍ର ଜେନା,ଲକ୍ଷ୍ମଣ ମଲ୍ଲିକ ଓ ଶରତ ତରେଇ ସହଯୋଗ କରିଥିଲେ ।

### ଆନ୍ତର୍ଜାତିକ ଦିବ୍ୟାଂଙ୍ଗ ସମ୍ଭବ-୨୦୨୫ ପ୍ରତିଯୋଗିତା

## ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ଛାତ୍ରୀଙ୍କୁ ସଫଳତା

ବାଲେଶ୍ୱର, ୮ ।୧୦(ସମିସ): ଅକ୍ଟୋବର ୪ ଓ ୫ ଦୁଇ ଦିନ ଧରି ଦିଲ୍ଲୀ ଠାରେ ଭାରତୀୟ ଅନ୍ତର୍ଜାତୀୟ କେନ୍ଦ୍ର ଠାରେ ଗୁରୁ ଆଲପନା ନାୟକଙ୍କ ଅନୁଷ୍ଠାନ ଆଲପନା ଦ୍ୱାରା ଅନ୍ତର୍ଜାତୀୟ ଦିବ୍ୟାଂଙ୍ଗ ସମ୍ଭବ- ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତ ବ୍ୟତୀତ ଅଷ୍ଟ୍ରେଲିଆ, ଭୁଟାନ, ଇରାନ, ମିଆମାର, ନେପାଳ,ଋଷିଆ, ଶ୍ରୀଲଙ୍କା,ତେଜକିସ୍ଥାନ, ଥାଇଲାଣ୍ଡ, ଉଜବେକିସ୍ଥାନ ଓ ଭିଏତନାମ ଦେଶ ମାନଙ୍କରୁ ପ୍ରାୟ ୨୨ଟି ଦିବ୍ୟାଂଙ୍ଗଜନ ସଂଗଠନର କଳାକାର ଅଂଶଗ୍ରହଣ କରି ଦିବ୍ୟାଂଙ୍ଗମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ପ୍ରଦର୍ଶନୀ ସହିତ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅଂଶ ଗ୍ରହଣ



କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ଛାତ୍ରୀ ପଦ୍ମିନୀ ଟୁଡୁ, ପାର୍ବତୀ ମାର୍ଣ୍ଡି,ମିନି ମହନ୍ତ, ମଗ୍ନା ସିଂ, ସୁଲୋଚନା ସିଂ, ସୁନିତା ସିଂ ନୃତ୍ୟ ଗୁରୁ ଆରତୀ ଭୋଇ ଭାଗନେଇ ଦ୍ରୌପଦୀ ବସ୍ତ୍ର ହରଣ ଆଧାରିତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିବା ସହିତ ଶ୍ରେଷ୍ଠ ବିବେଚିତ ତଥ୍ୟ ଭିତ୍ତିକ ନୃତ୍ୟ ପରିବେଷଣ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା । ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ, ଆଲପନା ଅନୁଷ୍ଠାନର କାର୍ଯ୍ୟକାରିଣୀ ସଭ୍ୟା ଅର୍ଚ୍ଚନା ନନ୍ଦୀ ଉପସ୍ଥିତ ଥିଲେ । ପରିଶେଷରେ ସମସ୍ତ ପ୍ରତିଯୋଗୀ ମାନଙ୍କୁ ପ୍ରଶଂସା ପ୍ରମାଣପତ୍ର ସହିତ ବିଦ୍ୟାଳୟକୁ ଏକ ଟ୍ରଫି ପ୍ରଦାନ କରାଯାଇଥିଲା ।

## ଯାତ୍ରୀ ଫେରିପାଇଲେ ହଜିଥିବା ମୋବାଇଲ

ବାଲେଶ୍ୱର,୮ ।୧୦(ସମିସ): ଯାତ୍ରୀମାନେ ଟ୍ରେନରେ ଯାତ୍ରା କରୁଥିବା ସମୟରେ ଯଦି ସେମାନଙ୍କର କୌଣସି ସାମଗ୍ରୀ ହଜିଯାଏ ତେବେ ସେମାନଙ୍କର ସାମଗ୍ରୀକୁ ଫେରାଇ ଆଣିବା ପାଇଁ ଏହି ଅପରେସନ ଅମାନତ ଗଠନ ହୋଇଛି । ଯାହାଫଳରେ ଯାତ୍ରୀମାନଙ୍କ ଅଭିଯୋଗ ପରେ ତୁରନ୍ତ ଆରପିଏଫ କର୍ମଚାରୀମାନେ ସେମାନଙ୍କ ସାମଗ୍ରୀକୁ ଉଦ୍ଧାର କରି ସେମାନଙ୍କୁ ଫେରାଉଛନ୍ତି । ତେବେ ଏହାରି ମଧ୍ୟରେ ବାଲେଶ୍ୱରରେ ଜଣେ ଯାତ୍ରୀଙ୍କ କ୍ଷେତ୍ରରେ ମଧ ଏମିତି ଏକ ଘଟଣା ଘଟିଥିଲା । ଯାତ୍ରୀ ଜଣଙ୍କ ୧୮୪୧୦ଡାଉନ ଟ୍ରେନରେ ଯାତ୍ରା କରୁଥିବା ତାଙ୍କ ମୋବାଇଲଟି ବାଲେଶ୍ୱର ଷ୍ଟେସନରେ ପଡିଯାଇଥିଲା । ଯାହାର ମୂଲ୍ୟ ୩୩ହଜାର ଟଙ୍କା ହେବ । ଏ ନେଇ ଆରପିଏଫ ପକ୍ଷରୁ ଖୋଜାଖୋଜି କରି ତାଙ୍କ ମୋବାଇଲକୁ ଉଦ୍ଧାର କରି ତାଙ୍କୁ ଫେରାଇଛନ୍ତି ବୋଲି ଜଣାଯାଇଛି ।

## ନୀଳରକ୍ତ କଙ୍କଡ଼ା ସୁରକ୍ଷା କାର୍ଯ୍ୟକ୍ରମ





ବାଲେଶ୍ୱର, ୮ ।୧୦(ସମିସ): ଜାତୀୟ ବନ୍ୟପ୍ରାଣୀ ସ୍ୱରକ୍ଷା ସପ୍ତାହ ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ପକ୍ଷରୁ ପାଳନ କରାଯାଇଛି । ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ବନ୍ୟ ଜନ୍ତୁ ସୁରକ୍ଷା ସମ୍ବନ୍ଧୀୟ ଏକ ସାଇକେଲ ରାଲି ମୁନ କମ୍ୟୁନିକେସନର ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ରଣସାହି ହିଡିଗାଁ, ସାରଗାଁ, ଗୁଡୁ ଗ୍ରାମ ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ଜଳଧର ବେହେରା, ରେଜେନ୍ଦ୍ର ବେହେରା, ଜଗନ୍ନାଥ ବେହେରା, କାର୍ତ୍ତିକ ଚନ୍ଦ୍ର ନାୟକ, ସୂର୍ଯ୍ୟ ପ୍ରସାଦ ମାହାନ୍ତି, ଅମ୍ବିକା ପ୍ରସାଦ ନାୟକ ଯୋଗ ଦେଇ ବନ୍ୟ ଜନ୍ତୁଙ୍କ ପାଇଁ ଜଙ୍ଗଲର ସୁରକ୍ଷା ସହ ଆକାର ବୃଦ୍ଧି ପାଇଁ ବ୍ୟାପକ ବୃକ୍ଷରୋପଣ କରିବାକୁ ସମସ୍ତଙ୍କୁ ନିବେଦନ କରାଇଥିଲେ । ମହିଁଶାଳୀ ମୁହାଣଠାରେ ନୀଳ ରକ୍ତ କଙ୍କଡା ସୁରକ୍ଷା କାର୍ଯ୍ୟକ୍ରମରେ ଅତିଥି ଭାବେ ମୁରଲୀଧର ମହାନ୍ତି ନୀଳରକ୍ତ କଙ୍କଡାର ଜୀବନଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ ।


**SBI**
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.10.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**


# ମାସ ମାସ ବିତୁଛି; ଦିବ୍ୟାଙ୍ଗଙ୍କୁ ମିଳୁନି ବ୍ୟାଟେରି ଗାଡ଼ି

ବାଲେଶ୍ୱର, ୮ ।୧୦(ସମିସ)

ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରାଯାଉଛି । ଏହି ଯୋଜନା ମଧ୍ୟରେ ସେମାନେ କିପରି ଲାଭବାନ ହୋଇପାରିବେ ସେଥିପାଇଁ ସାମାଜିକ ଭିନ୍ନକ୍ଷମ ସୁରକ୍ଷା ବିଭାଗ ମଧ କାର୍ଯ୍ୟ କରୁଛି । ଏହି ବିଭାଗ ମାଧ୍ୟମରେ ଭିନ୍ନକ୍ଷମମାନଙ୍କୁ ଭତା ସାଙ୍ଗକୁ ବିଭିନ୍ନ ପ୍ରକାର ଉପକରଣ ମଧ ପ୍ରଦାନ କରାଯାଉଛି । ହେଲେ ଦିବ୍ୟାଙ୍ଗମାନଙ୍କ ପାଇଁ ବ୍ୟାଟେରୀଚାଳିତ ଗାଡି ପ୍ରଦାନ କରିବା ପାଇଁ ଏବେ ଜିଲ୍ଲାରେ ଗୋଟିଏ ହେଲେ ବି ଗାଡି ନାହିଁ । ଯାହାର ଆବଶ୍ୟକ ହେଉଛି ତାହା ବିଭାଗ ପକ୍ଷରୁ ରାଜ୍ୟକୁ ମଗାଯିବା ପରେ ମିଳୁଛି । ଫଳରେ ବ୍ୟାଟେରୀ ଚାଳିତ ଗାଡି ଉପରେ ନିର୍ଭର କରୁଥିବା ଦିବ୍ୟାଙ୍ଗମାନେ ଏବେ ହତାଶ ହୋଇପଡ଼ିଛନ୍ତି ।

ଅନ୍ୟପଟେ ଜିଲ୍ଲାର ସମସ୍ତ ବ୍ଲକରେ ରହିଥିବା ବିଭିନ୍ନ ଉପକରଣ ଗୁଡିକ ଷ୍ଟକ ଖାତା ଗୁଡିକ ରାଜ୍ୟକୁ ଭେରିଫିକେସନ ପାଇଁ ଯାଇଥିବା ବେଳେ କେବେ ତାହା ଭେରିଫେକେସନ ହୋଇ ଆସିବ ଏବଂ ଦିବ୍ୟାଙ୍ଗମାନଙ୍କୁ ତାଙ୍କର ଆବଶ୍ୟକ ଅନୁସାରେ ଉପକରଣ ମିଳିବ ତାହା ଏବେ ଅନିଶ୍ଚିତତାରେ ।

ଭିନ୍ନକ୍ଷମ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ ଉପକରଣମାନ ସେମାନଙ୍କୁ ଯୋଗାଇ ଦିଆଯାଉଛି । ବିଶେଷ କରି ଟ୍ରାଇ ସାଇକେଲ, ହୁଇଲଚେୟାର, ଅନ୍ଧବାଡି, ଶ୍ରବଣଯନ୍ତ୍ର ଆଦି ୧୬ପ୍ରକାର ଉପକରଣ ସେମାନଙ୍କୁ ପ୍ରଦାନ କରାଯାଉଛି । ଏହାରି ମଧ୍ୟରେ ରହିଛି ବ୍ୟାଟେରୀ ଚାଳିତ ଗାଡି ମଧ । ଜିଲ୍ଲାର ୧୨ଟି ବ୍ଲକରେ ବର୍ତ୍ତମାନ ସୁଦ୍ଧା ଦିବ୍ୟାଙ୍ଗ ଯୁବକମାନଙ୍କ ପାଇଁ ଟ୍ରାଇସାଇକେଲ୧୫୪ଟି, ହୁଇଲଚେୟାର ୩୩୯ଟି, ଛୋଟ ପିଲାମାନଙ୍କ ପାଇଁ ଗୋଟିଏ ହୁଇଲଚେୟାର ସହ କମୋଡ ୧୩ଟି, ଶ୍ରବଣଯନ୍ତ୍ର ୧୩୯ଟି, ବ୍ଲାଇଣ୍ଡ ଷ୍ଟିକ୧୩ଟି, ୱାକର ୧୫ଟି, ବଡ କ୍ରଚେସ ୪ଟି, ମଧ୍ୟମ ଧରଣର କ୍ରଚେସ ୯୦ଟି, ଛୋଟ କ୍ରଚେସ ୨୨ଟି, ସାନ ରେଲେଟର ୨ଟି, ୮ଟି ଟ୍ରଇପଏଡ, ୬୯ଟି ଚାଲିବା ବାଡି,୧୯ଟି ଏଲବୋ କ୍ରଚେସ, ୬ଟି ଆଣ୍ଠୁ ବ୍ରେସ, ୪ଟି ଆନି ଆଦି ମୋଟ ଉପରେ ୮୯୮ଟି ଉପକରଣ ଷ୍ଟକ ରହିଛି । ଗତ ଅଗଷ୍ଟମାସ ୫ତାରିଖ ଠାରୁ ଏହି ସବୁ ଉପକରଣ ଷ୍ଟକ ରେଜିଷ୍ଟାର ଭେରିଫିକେସନ ହେବା ପାଇଁ ରାଜ୍ୟ ସରକାରଙ୍କ ବିଭାଗ



ପକ୍ଷରୁ ପଠାଯାଇଛି । ହେଲେ ଏବେ ପ୍ରଶ୍ନ ଉଠୁଛି ଯେ ଜିଲ୍ଲାରେ ଷ୍ଟକ ରହିଥିବା ଏହି ସବୁ ଉପକରଣ କିପରି ମିଳିବ । ଅନ୍ୟପଟେ ଦେଖିବାକୁ ଗଲେ ବ୍ୟାଟେରୀ ଚାଳିତ ଗାଡି ଦିବ୍ୟାଙ୍ଗମାନଙ୍କୁ ପ୍ରଦାନ କରାଯିବା ପାଇଁ ଗୋଟିଏ ବି ନାହିଁ । ଯେଉଁ ଦିବ୍ୟାଙ୍ଗମାନଙ୍କର ଆବଶ୍ୟକତା ରହୁଛି ସେମାନେ ଅଭିଯୋଗ ବିଭାଗଠାରେ କରୁଛନ୍ତି । ବିଭାଗ ରାଜ୍ୟ ସରକାରଙ୍କୁ ପଠାଇବା ପରେ ଅତିକମରେ ଗୋଟିଏ ମାସ ପାଇବା ପାଇଁ ସେମାନଙ୍କୁ ଲାଗିଯାଉଛି । ଯାହାଫଳରେ ଦିବ୍ୟାଙ୍ଗମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି । ଯାହାର ଏକ ଉଦାହରଣ ହେଉଛନ୍ତି ନୀଳଗିରି ବ୍ଲକ ଅଧିନ କାହାଳିଆ ଅଞ୍ଚଳର ଲିପିପୁଷ୍ପା ଭୋଳ । ସେ ଗତମାସରୁ ଗୋଟିଏ ବ୍ୟାଟେରୀ ଚାଳିତ ଗାଡି ପାଇଁ ଆବେଦନ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା ମିଳିପାରି ନାହିଁ । ପିଲାଟି ବେଳୁ ତାଙ୍କର କ୍ରୀଡା ପ୍ରତି ଅଧିକ ରୁଚି ରହିଥିଲା । ଦୁର୍ଘଟଣା ପରେ ତାଙ୍କର ସ୍ୱପ୍ନ ଭାଙ୍ଗିବାକୁ ଲାଗିଥିଲା । ହେଲେ ସେ ଧର୍ଯ୍ୟହରା ନ ହୋଇପଡି ଭିନ୍ନକ୍ଷମ ହୋଇବି କ୍ରୀଡାକୁ ଆଦରିଥିଲେ । ସେ ଜାଭଲିନ,ସଟପୁଟ,ଡିସକସ ଖେଳରେ ପାରଙ୍ଗମ ଦେଖାଇ ସାରିଥିବା ବେଳେ ଆଗକୁ ହୁଇଲଚେୟାର ରେସିଙ୍ଗରେ ଭାଗ ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଅଧିକ ଦକ୍ଷତା ସମ୍ପନ୍ନ ଖେଳ ପାଇଁ ଏବେ କଟକ ସ୍ଥିତ ଅଲଟପୁର ଠାରେ ଥିବା ଏସଭି ନିରତାର କ୍ରୀଡା ଏକାଡେମୀରେ ତାଲିମ ଗ୍ରହଣ କରୁଛନ୍ତି । ହେଲେ ତାଙ୍କର ଏକ ବ୍ୟାଟେରୀଚାଳିତ ଗାଡିର ଆବଶ୍ୟକତା ରହିଥିବା ବେଳେ ଆଜି ପର୍ଯ୍ୟନ୍ତ ତାଙ୍କୁ ମିଳିପାରି ନାହିଁ । ଆଜି ମଧ ସେ ବିଭାଗୀୟ ଅଧିକାରୀଙ୍କୁ ଦେଖାକରିଛନ୍ତି ବୋଲି କହିଛନ୍ତି । ଏ ନେଇ ସାମାଜିକ ଭିନ୍ନକ୍ଷମ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା କହିଛନ୍ତି ଯେ, ଜିଲ୍ଲାରେ ଯେଉଁସବୁ ଷ୍ଟକ ଗୁଡିକ ରହିଛି ତାହାର ଖାତା ରାଜ୍ୟକୁ ଭେରିଫିକେସନ ପାଇଁ ଯାଇଛି । ଯଦି କାହାର କିଛି ଆବଶ୍ୟକ ଥାଏ ତାଙ୍କୁ ଆଉ ଏକ ନୂଆ ଖାତା କରି ପ୍ରଦାନ କରାଯାଉଛି । ଅନ୍ୟପଟେ ବ୍ୟାଟେରୀ ଚାଳିତ ଗାଡି ଗୋଟିଏ ହେଲେ ବି ନାହିଁ । ଚଳିତ ମାସ ଶେଷ ସୁଦ୍ଧା କିଛି ନୂଆ ମୋଟର ଚାଳିତ ଗାଡି ଆସିବା ପରେ ଯାଇ ତାଙ୍କୁ ପ୍ରଦାନ କରାଯିବ । ପୂର୍ବରୁ ମାନୁଆଲରେ ଉପକରଣ ପ୍ରଦାନ ହେଉଥିଲା କିନ୍ତୁ ଏବେ ଅନଲାଇନ ମାଧ୍ୟମରେ ସବୁ ହେଉଥିବା ବେଳେ ଗୋଟିଏ ଦିନରେ ବ୍ୟାଟେରୀ ଚାଳିତ ଗାଡି ଛାଡି ଆଉ ସବୁ ଉପକରଣ ମିଳିପାରିବ ବୋଲି ସେ କହିଛନ୍ତି ।

# ସମ୍ପାଦକୀୟ



ଭୋଟ ଏକ ବନ୍ଧୁକ ପରି । ଏହାର ଉପଯୋଗିତା ବ୍ୟବହାରକାରୀର ଚରିତ୍ର ଉପରେ ନିର୍ଭର କରେ ।

-ଟି. ରୁଜଭେଲ୍ଟ

ସକାଳ
THE SAKALA

## ଆସ୍ଥାର ସ୍ଖଳନ

ସର୍ବୋଚ୍ଚ ନ୍ୟାୟାଳୟରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗଭାଇଙ୍କ ଉପରକୁ ଜନୈକ ଆଇନଜୀବୀଙ୍କ ଜୋତା ଫିଙ୍ଗିବା ଭଳି ହୀନ ଉଦ୍ୟମ ସମଗ୍ର ଦେଶକୁ ସ୍ତବ୍ଧ ଓ ଚକିତ କରିଛି । ନ୍ୟାୟର ମନ୍ଦିର ରୂପେ ସ୍ୱୀକୃତ ନ୍ୟାୟାଳୟରେ ନ୍ୟାୟମୂର୍ତ୍ତିଙ୍କ ପ୍ରତି ଏଭଳି ଅଭାବନୀୟ ଓ ଆକସ୍ମିକ ଘଟଣା ଏକପକ୍ଷରେ ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥା ଓ ଧୈର୍ଯ୍ୟର ସ୍ଖଳନର ପ୍ରତିଫଳନକୁ ସୂଚିତ କରୁଥିବା ବେଳେ ଅପରପକ୍ଷରେ ଘଟଣାକୁ ଜାତିବାଦ ଓ ଧର୍ମ ସହିତ ଯୋଡ଼ିବାର ଉପକ୍ରମ ମଧ୍ୟ ଆରମ୍ଭ ହୋଇସାରିଛି । ଦଳମତ ନିର୍ବିଶେଷରେ ତୁଙ୍ଗ ନେତୃବୃନ୍ଦ ଏହି ଘଟଣାକୁ ନିନ୍ଦା କରିବା ପରେ ଆପାତତଃ ଘଟଣାର ରାଜନୀତିକରଣ ଆଶଙ୍କା ଦୂର ହୋଇଛି ।

ରାକେଶ କିଶୋର ନାମକ ସମ୍ପୃକ୍ତ ଆଇନଜୀବୀଙ୍କ ଏତାଦୃଶ ଅଶୋଭନୀୟ ଆଚରଣକୁ ଯେ ତାଙ୍କର ଧର୍ମୀୟ ଭାବନା ଓ ଅସହିଷ୍ଣୁତା ପ୍ରରୋଚିତ କରିଛି ତାହା ଖୋଦ୍ ତାଙ୍କ ଉଚ୍ଚାରଣରୁ ପ୍ରମାଣିତ ହୋଇଛି । ଘଟଣାର ପୃଷ୍ଠଭୂମି ମଧ୍ୟପ୍ରଦେଶର ଖଜୁରାହୋ ବିଷ୍ଣୁମୂର୍ତ୍ତି ପୁନରୁଦ୍ଧାର ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲା ସହିତ ଜଡ଼ିତ । ଗତ ମାସରେ ମାମଲାର ଶୁଣାଣି ସମୟରେ ପ୍ରଧାନବିଚାରପତି ଏହାକୁ 'ପ୍ରଚାର ସର୍ବସ୍ୱ ମାମଲା' ଭାବେ ଅଭିହିତ କରି ଘଟଣାର ସମାଧାନ ପାଇଁ ବିଷ୍ଣୁ ଭଗବାନ୍‌ଙ୍କୁ ଫେରାଦ ହେବାକୁ ମାମଲା ଦାୟର କରିଥିବା ଆଇନଜୀବୀ ରାକେଶ କିଶୋରଙ୍କୁ କହିଥିଲେ । ଏହାର ପ୍ରତିକ୍ରିୟା ସ୍ୱରୂପ କିଛି ସପ୍ତାହ ପରେ ରାକେଶ ଏଭଳି କାଣ୍ଡ ଭିଆଇଥିଲେ ବୋଲି କୁହାଯାଉଛି । ଏତାଦୃଶ କାର୍ଯ୍ୟକଳାପ ପରେ ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ରାକେଶଙ୍କ ମନ୍ତବ୍ୟ ଥିଲା - 'ସନାତନ ଧର୍ମର ଅପମାନକୁ ଭାରତ ବରଦାସ୍ତ କରିବ ନାହିଁ ।' ତେଣୁ ସ୍ୱାଭାବିକ ଭାବରେ ଘଟଣାକୁ ଜାତିବାଦର ରଙ୍ଗ ଦେବାକୁ ଉଦ୍ୟମ ହେଉଛି ଏବଂ ଏକଲବ୍ୟଙ୍କଠାରୁ ଆରମ୍ଭ କରି ଆମ୍ବେଦକର ଓ ଗଭାଇଙ୍କୁ ନେଇ ସମାଜତନ୍ତ୍ରର ଏକ ସଂଯୋଗସୂତ୍ରୀ ପରିକଳ୍ପନା ମଧ୍ୟ ଆରମ୍ଭ ହୋଇଛି ।

ଘଟଣା ପରେ ପ୍ରଧାନ ନ୍ୟାୟମୂର୍ତ୍ତି ବି ଆର ଗଭାଇ ଦଣ୍ଡିବା ଶକ୍ତି ଥାଇ ମଧ୍ୟ କ୍ଷମା ଆଚରଣ କରି ରାକେଶଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଭିତରେ କିନ୍ତୁ ଯେଉଁ ପ୍ରଶ୍ନ ଚିହ୍ନଟିଏ ସୃଷ୍ଟି ହୋଇସାରିଛି ତାହା ଅତି ସମ୍ବେଦନଶୀଳ ଓ ଚିନ୍ତା ଉଦ୍ରେକକାରୀ । ଏତାଦୃଶ ଆଚରଣ ବ୍ୟବସ୍ଥା ପ୍ରତି ଆସ୍ଥାର ସ୍ଖଳନକୁ ସୂଚିତ କରୁଛି, ଯାହାର ସୁଦୂରପ୍ରସାରୀ କୁପ୍ରଭାବ ଅରାଜକତାକୁ ଜନ୍ମ ଦେବା ଅସମ୍ଭବ ନୁହେଁ । ତେଣୁ ଏହି ଅବାଞ୍ଛିତ ଅଧ୍ୟାୟର ପୁନରାବୃତ୍ତି ଯେପରି ନ ଘଟେ ସେଥିପ୍ରତି ଗଣତନ୍ତ୍ରର ସମସ୍ତ ସ୍ତମ୍ଭ ଯତ୍ନବାନ ହେବା ବିଧେୟ । ଆଇନଜୀବୀଙ୍କ ଆଚରଣ ନିନ୍ଦନୀୟ, ଏହା ଅନସ୍ୱୀକାର୍ଯ୍ୟ । କିନ୍ତୁ ସର୍ବୋପରି ସମ୍ବିଧାନ ସ୍ୱୀକୃତ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଆସୀନ ବିଶିଷ୍ଟ ଓ ଅତିବିଶିଷ୍ଟ ବ୍ୟକ୍ତିତ୍ୱମାନେ ମନ୍ତବ୍ୟ/ରାୟ ଦେବା ବେଳେ ନିଜ ପଦମର୍ଯ୍ୟାଦା, ଅନୁଷ୍ଠାନର ଗରିମା, ସାମ୍ବିଧାନିକ ମୂଲ୍ୟବୋଧ ଯେପରି କ୍ଷୁଣ୍ଣ ନହୁଏ ସେଥିପ୍ରତି ସର୍ବାଦୌ ଯତ୍ନଶୀଳ ହେବା ଆବଶ୍ୟକ । ବିଶେଷକରି ଜାତି-ଧର୍ମ-ସମ୍ପ୍ରଦାୟ ସହିତ ଜଡ଼ିତ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ବ୍ୟକ୍ତିଗତ ଭାବନା, ଭାବନା ଓ ଆଦର୍ଶରୁ ଊର୍ଦ୍ଧ୍ୱରେ ରହିଲେ ସମ୍ବିଧାନ ଓ ଆଇନର ଶାସନ ସୁସଂହତ ହେବ ।

## ଐତିହ୍ୟର ଘରୋଇକରଣ!

ରୁଗ୍‌ଣ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ଅନୁକ୍ରମରେ ଦେଶର ଐତିହ୍ୟ ଓ ସ୍ମାରକୀଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦେବା ପାଇଁ ବିଚାରବିମର୍ଶ ହେଉଥିବା ସୂଚନା ମିଳିଛି । ଯଦି ଏହା ବାସ୍ତବ ରୂପ ନିଏ ତେବେ ଭାରତୀୟ ଅନନ୍ୟ ସଂସ୍କୃତି ଓ ଗୌରବାବହ ପରମ୍ପରାର ସ୍ୱାକ୍ଷର ବହନ କରୁଥିବା ପ୍ରାଚୀନ କୀର୍ତ୍ତିରାଜିଗୁଡ଼ିକ ବଜାର ଅର୍ଥନୀତିର ଏକ ଅଂଶ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଦେଶର ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ପ୍ରତି ରାଷ୍ଟ୍ରର ଏକ ଅଲିଖିତ ଓ ଅପରିହାର୍ଯ୍ୟ ଦାୟିତ୍ୱବୋଧ ରହିଛି । ଅଥଚ ଅର୍ଥ ଓ ମାନବ ସମ୍ବଳ ଅଭାବ ଆଳରେ ସରକାରଙ୍କ ଦାୟିତ୍ୱମୁକ୍ତ ଉଦ୍ୟମ ଅବାଞ୍ଛନୀୟ ।

ସମ୍ପ୍ରତି ଦେଶର ପ୍ରାୟ ୩, ୭୦୦ ପ୍ରାଚୀନ କୀର୍ତ୍ତିରାଜି, ସ୍ମାରକୀ ଓ ଐତିହ୍ୟର ରକ୍ଷଣାବେକ୍ଷଣ, ମରାମତି ଓ ପରିଚାଳନା ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ହାତରେ ନ୍ୟସ୍ତ ଅଛି । ଅପରପକ୍ଷରେ ଏଏସ୍‌ଆଇ ବଜେଟ୍ ବରାଦ ଅର୍ଥ ଖର୍ଚ୍ଚ କରିପାରୁ ନାହିଁ । ଦାୟିତ୍ୱହୀନତା କାରଣରୁ ଦିନକୁ ଦିନ ନିରୁଦ୍ଦିଷ୍ଟ ଐତିହ୍ୟରାଜିର ତାଲିକା ବଢ଼ିବାରେ ଲାଗିଛି । ଏହି ପୃଷ୍ଠଭୂମିରେ ଏଏସ୍‌ଆଇର ପରିଚାଳନାଗତ ଦକ୍ଷତା ବୃଦ୍ଧି ଦିଗରେ ଦୃଷ୍ଟି ନ ଦେଇ ଐତିହ୍ୟସମୂହର ଘରୋଇକରଣ ଯୋଜନା କେତେ ଠିକ୍ ତାହା ବିଚାରଯୋଗ୍ୟ । ପ୍ରସ୍ତାବିତ ଯୋଜନା ଅନୁଯାୟୀ କେତେକ ବଛା ବଛା ସ୍ଥପତିଙ୍କୁ ନେଇ ଏକ କମିଟି ଗଠନ କରାଯିବ । ତା'ସହିତ ବଦାନ୍ୟ ବ୍ୟକ୍ତି ଓ ସଂସ୍ଥାଙ୍କୁ ମଧ୍ୟ ନିବେଶ ପାଇଁ ଅନୁରୋଧ କରାଯିବ । କେଉଁ ଐତିହ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱ କେଉଁ ଘରୋଇ ସଂସ୍ଥାଙ୍କୁ ଦିଆଯିବ ଏବଂ ସମ୍ପୃକ୍ତ ଘରୋଇ ସଂସ୍ଥାଙ୍କୁ କେଉଁ ବଦାନ୍ୟ ବ୍ୟକ୍ତି/ସଂସ୍ଥା ପାଣ୍ଠି ଯୋଗାଇ ଦେବେ ତାହା ଉକ୍ତ ସ୍ଥପତି କମିଟି ସୁପାରିସ କରିବ ଏବଂ ବିହିତ ପରାମର୍ଶ ଦେବ । ଟେଣ୍ଡର ଜରିଆରେ ଘରୋଇ ସଂସ୍ଥାଙ୍କୁ ମନୋନୀତ କରାଯିବ । ଯେଉଁ ସଂସ୍ଥାମାନେ ଟେଣ୍ଡର ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ହେବେ ସେମାନେ ସିଧାସଳଖ ସେମାନଙ୍କ ପସନ୍ଦ ମୁତାବକ ରକ୍ଷଣାବେକ୍ଷଣ ବିଶେଷଜ୍ଞ ଚୟନ କରିପାରିବେ ଏବଂ ସେଠାରେ ସେମାନେ ନିଜକୁ ବିଜ୍ଞାପିତ କରିପାରିବେ । ଐତିହ୍ୟର ରକ୍ଷଣାବେକ୍ଷଣ/ମରାମତିରେ ଖର୍ଚ୍ଚ ରାଶିକୁ ଶତପ୍ରତିଶତ ଟିକସ ରିହାତି ମିଳିବ ଏବଂ ଏବାବଦ ଖର୍ଚ୍ଚ ସେମାନଙ୍କ ସିଏସ୍‌ଆର(କର୍ପୋରେଟ୍ ସୋସିଆଲ୍ ରେସ୍‌ପନ୍ସିବିଲିଟି) ଅଧୀନକୁ ଆସିଯିବ ।

ଅତୀତରେ ଦିଲ୍ଲୀର ଐତିହାସିକ ଲାଲ କିଲ୍ଲା ସମେତ କେତେକ ଐତିହ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱ ଘରୋଇ ସଂସ୍ଥାଙ୍କୁ ଦିଆଯିବା ପରେ ବିବାଦ ଉଠିଥିଲା ଏବଂ ଉକ୍ତ ପ୍ରୟାସ ତା'ର ମହତ୍ ଲକ୍ଷ୍ୟ ହରାଇଥିବା ଅଭିଯୋଗ ହୋଇଥିଲା । ବୋଧହୁଏ ସରକାର ଅଭିଜ୍ଞତାରୁ କିଛି ଶିଖିଲେ ନାହିଁ । ଦେଶର ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷାରେ ଶିଳ୍ପ ସଂସ୍ଥାଙ୍କୁ ଅଂଶୀଦାର କରିବାର ପ୍ରୟାସ ସ୍ୱାଗତଯୋଗ୍ୟ; କିନ୍ତୁ ଏହାର ଫଳଫଳ ଯେ ଐତିହ୍ୟର ବ୍ୟବସାୟୀକରଣ ଓ ବାହ୍ୟ ଶକ୍ତିର ଶ୍ୟେନ ଦୃଷ୍ଟିର ଶିକାରରେ ଅନ୍ତ ନ ହେବ ସେହି ନିଶ୍ଚିତତା କିଏ କରିବ?

# ବିକଶିତ ଗ୍ରାମପଞ୍ଚାୟତରେ ମହିଳାଙ୍କ ଭାଗିଦାରୀ

**ଦୋଳଗୋବିନ୍ଦ ପଣ୍ଡା**

ଗୋଟିଏ ବିକଶିତ ରାଜ୍ୟ କହିଲେ ଆମେ ଉତ୍ତମ ପ୍ରାକୃତିକ ଓ ସାମାଜିକ ପରିବେଶ, ଶାନ୍ତି, ମୈତ୍ରୀ ଓ ପ୍ରଗତି ସ୍ୱରୂପ ସମସ୍ତଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ବିଷୟରେ ପରିକଳ୍ପନା କରିଥାଉ । ଜାତିସଂଘ ଦ୍ୱାରା ସ୍ଥିରୀକୃତ ନିରନ୍ତର ବିକାଶ ଲକ୍ଷ୍ୟକୁ ୨୦୩୦ ମସିହା ସୁଦ୍ଧା ହାସଲ କରିବାକୁ ବିଶ୍ୱର ରାଷ୍ଟ୍ରଗୁଡ଼ିକ ସଂକଳ୍ପ ନେଇଛନ୍ତି । ଆମ ରାଜ୍ୟ ମଧ୍ୟ ନିରନ୍ତର ବିକାଶ ହାସଲ କରିବା ନିମନ୍ତେ ସଫଳ ପ୍ରୟାସର ସୂଚନା ଦେଇ ଆସିଛି । ନିତି ଆୟୋଗଙ୍କ ୨୦୨୩ ରିପୋର୍ଟ ଅନୁସାରେ ବହୁମୁଖୀ ଦାରିଦ୍ର୍ୟ ଦୂର କରିବାରେ ଦୃଷ୍ଟାନ୍ତମୂଳକ ସଫଳତା ପାଇଛି । କିନ୍ତୁ ନିରନ୍ତର ବିକାଶ ଲକ୍ଷ୍ୟ କେବଳ ଦାରିଦ୍ର୍ୟ ଦୂର କରିବାରେ ସୀମିତ ନୁହେଁ । ତେଣୁ ନିରନ୍ତର ବିକାଶ ଲକ୍ଷ୍ୟକୁ ବିକେନ୍ଦ୍ରୀକରଣ କରି ଆଞ୍ଚଳିକ ସ୍ତରରେ ଏହାକୁ ହାସଲ କରିବା ପାଇଁ ଭାରତ ସରକାର ୧୭ ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟକୁ ୯ ଟି ବର୍ଗର ଶ୍ରେଣୀଭୁକ୍ତ କରିଛନ୍ତି । ଏହି ବର୍ଗଗୁଡ଼ିକ ହେଲା ଉନ୍ନତ ଜୀବିକା ଓ ଦାରିଦ୍ର୍ୟ ମୁକ୍ତ ଗ୍ରାମ, ଶିଶୁପ୍ରିୟ ଗ୍ରାମ ପଞ୍ଚାୟତ, ଜଳସମୃଦ୍ଧ ଗ୍ରାମ ପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ଗ୍ରାମ ପଞ୍ଚାୟତ, ସାମାଜିକ ରୂପେ ସୁରକ୍ଷିତ ଗ୍ରାମ, ଭିତ୍ତିଭୂମି ଆତ୍ମନିର୍ଭରଶୀଳ ଗ୍ରାମ, ସୁଶାସନ ଗ୍ରାମ, ଲିଙ୍ଗଗତ ସମାନତା ଭିତ୍ତିକ ବିକାଶ କରୁଥିବା ବା ମହିଳା ହିତୈଷୀ ଗ୍ରାମ ପଞ୍ଚାୟତ ।

ମହିଳାମାନଙ୍କର ଆବଶ୍ୟକୀୟ ପ୍ରଗତି ନିମନ୍ତେ ସାମ୍ବିଧାନିକ ବ୍ୟବସ୍ଥା ତଥା ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ପଦକ୍ଷେପ ନିଆଯାଇଛି । ଆମ ରାଜ୍ୟରେ ଗ୍ରାମପଞ୍ଚାୟତ ସ୍ତରରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ଆସନ ସଂରକ୍ଷିତ ରହିଛି । ମହିଳାମାନେ ଅସଂରକ୍ଷିତ ଆସନରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ । ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଅନୁସାରେ ଯେଉଁଠି ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ନୁହେଁ ବା ମହିଳା ସରପଞ୍ଚ ଭାବେ ନିର୍ବାଚିତ ହୋଇନାହାନ୍ତି; ସେଇ ପଞ୍ଚାୟତରେ ନାଏବ୍ ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ । ତଫସିଲଭୁକ୍ତ ଜାତି, ଜନଜାତି ଓ ପଛୁଆ ବର୍ଗ ପାଇଁ ସଂରକ୍ଷିତ ଆସନଗୁଡ଼ିକ ମଧ୍ୟରୁ ୫୦ ପ୍ରତିଶତ ଆସନ ସେଇ ବର୍ଗର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ । ଫଳସ୍ୱରୂପ ବର୍ତ୍ତମାନ ଆମ ଓଡ଼ିଶାରେ ଜିଲ୍ଲା ପରିଷଦରେ ୭୦ ପ୍ରତିଶତ ମହିଳା ଅଧ୍ୟକ୍ଷା ଥିବା ବେଳେ ପଞ୍ଚାୟତ ସମିତିର ଅଧ୍ୟକ୍ଷା ପଦରେ ୬୭ ପ୍ରତିଶତ ଏବଂ ସରପଞ୍ଚ ପଦବୀରେ ୫୬ ପ୍ରତିଶତ ମହିଳା ଅଛନ୍ତି ।

ସମାଜରେ ଲିଙ୍ଗଗତ ଭେଦଭାବକୁ ହ୍ରାସ କରିବା ଏବଂ ମହିଳାମାନଙ୍କର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଯୋଗଦାନକୁ ବ୍ୟାପକ କରିବା ନିମନ୍ତେ ପଞ୍ଚାୟତ ସ୍ତରରେ ମହିଳା ସଭା ଆୟୋଜନ ପାଇଁ ଆଇନ ପ୍ରଣୟନ କରାଯାଇଛି । ଗ୍ରାମ ପଞ୍ଚାୟତରେ ଥିବା ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଭୋଟରଙ୍କୁ ନେଇ ମହିଳା ସଭା ଆୟୋଜନ କରାଯାଏ । ମହିଳା ସଭା ବୈଠକରେ ୨୦ ପ୍ରତିଶତ ଅଧିକ ମହିଳା ଭୋଟର ଅଂଶଗ୍ରହଣ କରିବା ବାଞ୍ଛନୀୟ । ମହିଳା ସଭାରେ ମହିଳାମାନଙ୍କ ପ୍ରଗତି ନିମନ୍ତେ କାର୍ଯ୍ୟ କରୁଥିବା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରତିନିଧିତ୍ୱ ଅଛି । ଗୋଟିଏ ଆର୍ଥିକ ବର୍ଷରେ ୪ଟି ମହିଳା ସଭା ଆୟୋଜନର ବ୍ୟବସ୍ଥା ଅଛି । ପ୍ରଥମ ମହିଳା ସଭାର ବିଷୟବସ୍ତୁ ହେଉଛି ସ୍ୱାସ୍ଥ୍ୟ, ପୋଷଣ ଓ ସ୍ୱଚ୍ଛତା । ଦ୍ୱିତୀୟ ମହିଳା ସଭାର ବିଷୟ ହେଉଛି ଶିକ୍ଷା ଓ ଜୀବିକାର ବିକାଶ । ତୃତୀୟ ମହିଳା ସଭାର ବିଷୟ ହେଉଛି ମହିଳାମାନଙ୍କର ସ୍ଥାନୀୟ ସରକାରରେ ଅଂଶଗ୍ରହଣ ଓ ଲିଙ୍ଗଗତ ସମାନତା । ଚତୁର୍ଥ ମହିଳା ସଭାର ବିଷୟ ହେଉଛି ମହିଳାମାନଙ୍କର ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରୁଥିବା ସାମାଜିକ ଓ ଅନ୍ୟାନ୍ୟ ବ୍ୟବସ୍ଥା ଏବଂ ମହିଳାମାନଙ୍କ ଜୀବନ ଦକ୍ଷତା, ଯାହା ବ୍ୟକ୍ତିଗତ ବିକାଶ, ଶିକ୍ଷା, କର୍ମକ୍ଷେତ୍ରରେ ପ୍ରଗତି ଇତ୍ୟାଦି ଉପରେ ଆଧାରିତ ।

ମହିଳା ହିତାଧିକାରୀମାନଙ୍କ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ବିଭାଗ ତରଫରୁ ଆଉ ଦୁଇଟି ପ୍ରମୁଖ ଯୋଜନା ଆମର ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ସୁଭଦ୍ରା ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇପାରିଛନ୍ତି । ପ୍ରତି ହିତାଧିକାରୀଙ୍କୁ ବର୍ଷକୁ ୧୦,୦୦୦ ଟଙ୍କା ହିସାବରେ ୫ ବର୍ଷରେ ୫୦,୦୦୦ ଟଙ୍କା ହେବାର ବ୍ୟବସ୍ଥା ଅଛି । ସୁଭଦ୍ରା ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଆର୍ଥିକ ସହାୟତା ପ୍ରଦାନ କରି ମହିଳାମାନଙ୍କର ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା, ସ୍ୱାସ୍ଥ୍ୟ ଓ ଶିକ୍ଷାଗତ ସ୍ଥିତିରେ ଉନ୍ନତି ଆଣିବା, ଆର୍ଥିକ ସ୍ୱାଧୀନତା, ଉଦ୍ୟମିତା, ଡିଜିଟାଲ ଆର୍ଥିକ ସାକ୍ଷରତାକୁ ଉତ୍ସାହିତ କରିବା ଏବଂ ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧିରେ ସେମାନଙ୍କୁ ସଶକ୍ତ କରିବା । ସେହିପରି ମିଶନ ଶକ୍ତି ବିଭାଗରୁ ମହିଳାମାନଙ୍କ ଜୀବିକା ସାଧନକୁ ପ୍ରୋତ୍ସାହନ ନିମନ୍ତେ ଲକ୍ଷପତି ଦିଦି ସହାୟିକା ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ ସ୍ୱୟଂ ସହାୟତା ଦଳରେ ସାମିଲ ଥିବା ମହିଳାମାନଙ୍କୁ କୃଷି, ଅଣକୃଷି ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ଷିକ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆୟ କରିବା ନିମନ୍ତେ ପ୍ରଶିକ୍ଷଣ, ବୈଷୟିକ ସହାୟତା ଓ ବ୍ୟାଙ୍କ ମାଧ୍ୟମରେ ଋଣ ସହାୟତା ପ୍ରଦାନ କରାଯାଉଛି । ଚଳିତ ବର୍ଷ ଜୁନ ୧୮ ତାରିଖ ସୁଦ୍ଧା ୧୬.୬ ଲକ୍ଷ ଲକ୍ଷପତି ଦିଦିଙ୍କୁ ଚିହ୍ନଟ କରାଯାଇଛି । ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷପତି ଦିଦିଙ୍କ ମଧ୍ୟରୁ ଅନେକ ସୁଭଦ୍ରା ହିତାଧିକାରୀ ହୋଇଥିବାରୁ ସେମାନଙ୍କୁ ଜୀବିକା ସାଧନ, ସୂକ୍ଷ୍ମ ଉଦ୍ୟୋଗ ସ୍ଥାପନ ଇତ୍ୟାଦି କାମରେ ସହାୟତା କରାଯାଇପାରିବ । ଏତଦ୍‌ବ୍ୟତୀତ ଗ୍ରାମ ପଞ୍ଚାୟତରୁ କାର୍ଯ୍ୟକାରୀ ହେଉଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ ଗ୍ରାମୀଣ ରୋଜଗାର ଯୋଜନାରେ ଉଭୟ ସୁଭଦ୍ରା ହିତାଧିକାରୀ ଏବଂ ଲକ୍ଷପତି ଦିଦିଙ୍କ ପାଇଁ ପ୍ରାକୃତିକ ସମ୍ବଳ ଆଧାରିତ କ୍ଷେତ ପୋଖରୀ, ଫଳଦାୟକ ବୃକ୍ଷ ରୋପଣ, ଛେଳି ଘର ଏବଂ ଗାଈ ଗୁହାଳ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିବ । ଯେହେତୁ ମହିଳାମାନେ ସଂଗଠିତ ଅଛନ୍ତି ଏବଂ ସେମାନଙ୍କ ଗୋଷ୍ଠୀ ପାଖରେ ପୁଞ୍ଜି ବ୍ୟବସ୍ଥା ଅଛି କୃଷି, ମତ୍ସ୍ୟ, ପଶୁପାଳନ, ଲଘୁ ଉଦ୍ୟୋଗ ଇତ୍ୟାଦି ବିଭାଗ ଗ୍ରାମ ପଞ୍ଚାୟତ ସହିତ ମିଶି ବ୍ୟକ୍ତି ଓ ଗୋଷ୍ଠୀଗତ ଯୋଜନା କଲେ ମହିଳାମାନଙ୍କୁ ଯୋଜନାର ସଫଳତା ଅଧିକ ମିଳିବ ।

ଆମ ରାଜ୍ୟରେ ୬୭୯୪ ଟି ଗ୍ରାମ ପଞ୍ଚାୟତସ୍ତରୀୟ ସ୍ୱୟଂ ସହାୟତା ସଂଘ ଅଛି । ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସ୍ତରୀୟ ସଂଘର ସମନ୍ୱୟ ପୂର୍ବକ ପଞ୍ଚାୟତରେ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକାରୀ କରିବାର ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ । ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ଗୋଟିଏ ପଞ୍ଚାୟତ ନିମନ୍ତେ ଗୋଟିଏ ଯୋଜନା ବିଷୟରେ କୁହାଯାଇଛି । ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ଜଳସେଚନ ଓ କୃଷି ଇତ୍ୟାଦି ଉପଯୋଜନାଗୁଡ଼ିକୁ ଗ୍ରାମସଭାରେ ଅନୁମୋଦନ ପାଇଁ ପ୍ରସ୍ତାବ ଦିଆଯାଇପାରିବ । ଗ୍ରାମ ପଞ୍ଚାୟତରେ ଥିବା ଲୋକଙ୍କ ପାଇଁ ସ୍ଥାନୀୟ ସରକାର ହେଉଛନ୍ତି ତାଙ୍କ ପଞ୍ଚାୟତ । ଯୋଜନା ପ୍ରସ୍ତୁତି, ତର୍ଜମା ଓ ଅନୁମୋଦନ ପାଇଁ ଗ୍ରାମସଭା ଗଠନର ସାମ୍ବିଧାନିକ ବ୍ୟବସ୍ଥା ଅଛି । ସରକାରଙ୍କ ବିଭିନ୍ନ ବିଭାଗରୁ ସ୍ଥାୟୀ ଓ ଅନୁବନ୍ଧିତ କର୍ମଚାରୀମାନେ ପଞ୍ଚାୟତରେ କାମ କରୁଛନ୍ତି । ଗୋଟିଏ ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଡାଟା ଅପେରେଟର, ଗ୍ରାମ ରୋଜଗାର ସାଥୀ, ମାଷ୍ଟର ବୁକ କିପର, ୪ ରୁ ୫ ଜଣ କମ୍ୟୁନିଟି ମୋବିଲାଇଜର, ପ୍ରାଣୀମିତ୍ର, କୃଷିମିତ୍ର, ଗ୍ରାମସେବକ, ଯୋଗାଣ ସହାୟକ, ୪-୫ ଜଣ ଅଙ୍ଗନବାଡ଼ି କର୍ମୀ ଏବଂ ଆଶାକର୍ମୀ ପ୍ରମୁଖ କାମ କରୁଛନ୍ତି ।

ନିରନ୍ତର ବିକାଶ ଲକ୍ଷ୍ୟକୁ ୨୦୩୦ ସୁଦ୍ଧା ଏବଂ ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ୨୦୩୬ ସୁଦ୍ଧା ହାସଲ କରିବାକୁ ହେଲେ ଗ୍ରାମ ପଞ୍ଚାୟତ, ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ଏବଂ ଗ୍ରାମ ପଞ୍ଚାୟତରେ କାମ କରୁଥିବା ସରକାରୀ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଏବଂ ମିଳିମିଶି କାମ କରିବାର ଆବଶ୍ୟକତା ଅଛି । ଉଦାହରଣ ସ୍ୱରୂପ ଗୋଟିଏ ଗ୍ରାମରେ ସୁସ୍ଥ ଗ୍ରାମ ଲକ୍ଷ୍ୟ ରଖା ଯାଇଛି ଏବଂ ସେହି ଗ୍ରାମରେ ନିୟମିତ ଟିକାକରଣ, ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ତଥା ପୋଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଅଛି । ଯଦି ସେହି ଗ୍ରାମରେ ଅନ୍ୟ କୌଣସି ଯୋଜନା ମାଧ୍ୟମରେ ରାସାୟନିକ କୃଷି ପଦ୍ଧତି ମାଧ୍ୟମରେ ଚାଷ କରାଯାଇ କର୍କଟ ସୃଷ୍ଟିକାରକ କୀଟନାଶକ ଫସଲରେ ପ୍ରୟୋଗ କରାଯାଏ ତେବେ ଗାଁର ମାଟି, ପାଣି, ଫସଲରେ ବିଷ ଅଂଶ ରହିଯିବାର ଆଶଙ୍କା ଅଛି, ଯାହାକି ଶିଶୁ, ମହିଳା ଓ ସମସ୍ତଙ୍କ ସ୍ୱାସ୍ଥ୍ୟ ନିମନ୍ତେ ହାନିକାରକ ହେବ । ଏଣୁ ସମୟ ଆସିଛି ସମଗ୍ର ରାଜ୍ୟ ପାଇଁ ମିଳିମିଶି କାମ କରିବା ପାଇଁ ମାର୍ଗଦର୍ଶିକା ଓ ଖସଡ଼ା ପ୍ରସ୍ତୁତି କରିବା । ଏକ ଆହ୍ୱାନପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ଅଭିନବ ପନ୍ଥା ଅବଲମ୍ବନ କରିବାକୁ ହେବ ।

ଭୁବନେଶ୍ୱର, ମୋ: ୮୭୫୮୯୮୬୭୭୭

# ଭୟହୀନ ଅପରାଧ ବନାମ ଭୟଭୀତ ସମାଜ

**ଡକ୍ଟର ବିଶ୍ୱରଂଜନ ଦାସ**

ଏଥର ପାର୍ବଣ ଋତୁ ସମଗ୍ର ଉପକୂଳ ଓଡ଼ିଶାରେ ପାଳୁଛି ସନ୍ତାପର ମହୋତ୍ସବ । ପାଳିତ ଦୁର୍ଗାପୂଜା, କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା ଇତ୍ୟାଦିର ସାଜସଜ୍ଜାରେ ଉପକୂଳ ଓଡ଼ିଶା ଯେତେବେଳେ ଜାଗଯମଗ କରିବାର ଥିଲା, ସେତିକିବେଳେ ଅଶାନ୍ତି ଅଗ୍ନିର ଆଭା ଏବଂ ଖବରର ଶିରୋନାମାରେ କେବଳ ଗୋଟେ ପରେ ଗୋଟେ ଅପରାଧ ଘଟଣା ଦେଖାଯାଇଥିଲା । ପାର୍ବଣ ଆରମ୍ଭର ପ୍ରଥମ ଦୁଃସମ୍ବାଦ ଭାବେ ନୀତି ଓ ଆଦର୍ଶର ଅସ୍ଥିପଞ୍ଜରାକୁ ଅଧୋନୀତ କରିଦେଲା ପୁଲିସ ଏସ.ଆଇ. ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣା । ଆମ ଆଇନ ବ୍ୟବସ୍ଥାର ଗୋଟେ ଗଭୀର ଅସୁସ୍ଥତାର ପରିଚୟ ଦେଲା ଚୌଦ୍ୱାର ଜେଲରୁ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଫେରାର ଖବର । ଅପରାଧୀଠୁ ବଳି ଅପରାଧ ଓ ମାନବିକତା ପ୍ରତି ଆକ୍ରମଣ ହେଲା ଭଦ୍ରକରେ ରାସ୍ତା କଡ଼ରୁ ମାନସିକ ଅସୁସ୍ଥ ମହିଳାଙ୍କୁ ଉଠେଇ ଦୁଷ୍କର୍ମ । କଟକରେ ଜାତିଆଣ ଦଙ୍ଗା, ବାଲେଶ୍ୱରରେ ରାଜରାସ୍ତାରେ ମହିଳାଙ୍କୁ ମାଡ଼ ଓ କର୍ଫ୍ୟୁ, ବ୍ରହ୍ମପୁରରେ ରାଜନେତା ତଥା ଆଇନଜୀବୀଙ୍କୁ ହତ୍ୟା, ପିପିଲିରେ ଚଳନ୍ତା ବସରେ ପଶି ଦୁର୍ବୃତ୍ତର ଆକ୍ରମଣ ପ୍ରଭୃତି ଘଟଣା ମିଶି ଚଳିତ ପାର୍ବଣରେ ମଣିଷ ତିଆରି କରୁଛି ଗୋଟେ ଭୟ ଓ ସନ୍ତାପର ନୂତନ ମହୋତ୍ସବ । ଯେଉଁଠି ମଣିଷ ମଣିଷକୁ ଭୟ କରେ, ଯେଉଁଠି ମାତାପିତା ତାଙ୍କ ସନ୍ତାନକୁ ବାହାରକୁ ପଠାଇବା ପୂର୍ବରୁ ତିନିଥର ଚିନ୍ତା କରନ୍ତି, ସେଇଠି ଆଶା ଓ ଭରସାର ଅସ୍ପଷ୍ଟ ଛାୟା ନିଶ୍ଚୟ ମାଡ଼ି ଯାଇଛି ବୋଲି କହିବାକୁ ହେବ ।

ସମ୍ପ୍ରତି ସମାଜର ମନୋବିଜ୍ଞାନ ବିଶ୍ଳେଷଣ କରିବା ନା ନିରାପତ୍ତା ଅଭାବର ଶିକାର ପାଇଁ ସମାଧାନର ପନ୍ଥା ଖୋଜିବା? ଅପରାଧୀ ଭୟଭୀତ ନୁହେଁ, ନିର୍ଦ୍ଦୋଷ ମଣିଷ ଆଜି ଭୟଭୀତ । ଏହି ସମୟରେ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେବା ସ୍ୱାଭାବିକ । ପବିତ୍ର ଉତ୍କଳ ଭୂମି ଆଜି ଜନମନର ଗଭୀର ପୀଡ଼ାର ଅସହାୟ ଅଭିବ୍ୟକ୍ତି ପ୍ରକାଶ କରୁଛି । ଅପରାଧୀ ଲୁଚୁଛି ଲାଭର ଖୁଆଡ଼ରେ, ଅର୍ଥ-ପ୍ରତିପତ୍ତି ଓ କ୍ଷମତାର ଉହାଡ଼ରେ । କେବଳ ରାତି ଅନ୍ଧକାରରେ ନୁହେଁ, ଦିନର ଆଲୋକରେ ବି ଅପରାଧ । ପୁଲିସ ଅଧିକାରୀ ବେଶରେ ଅପରାଧ, ନେତାର ହସରେ ଅପରାଧ, ପଦର ଔଦ୍ଧତ୍ୟରେ ବି ଅପରାଧ ।

ତେବେ ପ୍ରଶ୍ନ ଉଠେ- ଦୋଷ କ'ଣ ସରକାରର? ନା, ଏହା ସମ୍ପୂର୍ଣ୍ଣ ଭାବେ ନୁହେଁ । ଯଦି ଆମେ ଅନ୍ୟାୟ ଦେଖି ଚୁପ ରହିଲୁ, ଯଦି ଘଟଣାକୁ ଭିଡିଓ କରି ପୋଷ୍ଟ କଲୁ, ଅଥଚ ସାହାଯ୍ୟ କଲୁ ନାହିଁ, ଆମେ ଚାକିରି ପାଇଁ ପ୍ରଘଟ ପ୍ରଶ୍ନପତ୍ର ଉପରେ ଆଶା ରଖିଲୁ, ତେବେ ଦୋଷ କେବଳ ଶାସକର ନୁହେଁ, ନାଗରିକର ମଧ୍ୟ । ସରକାର ଦୋଷୀ ସେତେବେଳେ, ଯଦି ସେ ନୀତି ରକ୍ଷାରେ ଅସଫଳ । କିନ୍ତୁ ଆମେ ଦୋଷୀ ସେତେବେଳେ ଯଦି ସଚେତନତାରେ ଅସଫଳ । ହୁଏତ ବ୍ୟବସ୍ଥାରେ ଅପରାଧୀ ଲୁଚି ଯାଇପାରେ, କିନ୍ତୁ ଲୋକସମାଜ ଯଦି ସତର୍କ ହୁଏ ତା'ର ଆଉ ରକ୍ଷାରକ୍ଷଣ ନଥାଏ । ଏଣୁ ଇଂରାଜୀରେ ଗୋଟେ କଥା ଅଛି- ଦ ୱାର୍ଲ୍ଡ ସଫରସ୍ ନଟ୍ ବିକଜ୍ ଅଫ୍ ଦ ଭାଓଲେନ୍ସ ଅଫ୍ ବ୍ୟାଡ୍ ପିପୁଲ, ବଟ୍ ବିକଜ୍ ଅଫ୍ ଦ ସାଇଲେନ୍ସ ଅଫ୍ ଗୁଡ୍ ପିପୁଲ୍(ଖରାପ ଲୋକଙ୍କ ହିଂସାତ୍ମକ କାର୍ଯ୍ୟକଳାପ ପାଇଁ ନୁହେଁ, ବରଂ ଭଲ ଲୋକଙ୍କ ନିରବତା ପାଇଁ ବିଶ୍ୱ ପୀଡ଼ିତ) । ଅପରାଧୀ ଜଣେ କିମ୍ବା ଦୁଇଜଣ ହୋଇପାରନ୍ତି, କିନ୍ତୁ ତାଙ୍କୁ ଶକ୍ତି ଦିଏ ହଜାର ହଜାର ମଣିଷଙ୍କ ମୌନତା । ଯେତେବେଳେ ଜଣେ ଅପରାଧୀ ଜାଣିପାରେ ଯେ ତା' କାର୍ଯ୍ୟରେ କେହି ମୁହଁ ଖୋଲିବେ ନାହିଁ, ସେ ଭୟହୀନ ହୋଇଯାଏ । ନିରବ ଶାନ୍ତିକାମୀ ଲୋକେ କେବେକେବେ ଭୟରେ ଚୁପ ରହନ୍ତି ତ କେବେକେବେ ସୁବିଧାରେ ଏବଂ ଆଉ କେବେକେବେ 'ଏହା ମୋର ଦାୟିତ୍ୱ ନୁହେଁ' ବୋଲି କହି ଖସିଯା'ନ୍ତି । କିନ୍ତୁ ଏକ ଆପ୍ତବାକ୍ୟ ରହିଛି- 'ମୌନଂ ସମ୍ମତି ଲକ୍ଷଣମ୍' ଅର୍ଥାତ୍ ମୌନତା କେବେ ଶାନ୍ତି ନୁହେଁ, ଏହା ସମ୍ମତିର ଆବରଣ । ଅନ୍ୟାୟ, ଦୁରାଚାର ଓ ଅନୀତି ବରାବର ଚାଲୁଥାଏ । ଯଦି ତାହା ଆମେ ଦେଖିଶୁଣି ଚୁପ୍ ରହୁ, ତେବେ ବୁଝିବାକୁ ହେବ ଆମେ ସେଇ ଅପରାଧର ସାଥୀ ।

ଆମ ସମାଜରେ କୌଣସି କଥାରେ ମୁଣ୍ଡ ପୂରାଉ ନଥିବା ଲୋକକୁ ଅନେକ 'ଶାନ୍ତିପ୍ରିୟ' ଆଖ୍ୟା ଦେଇଥା'ନ୍ତି । କିନ୍ତୁ ଶାନ୍ତିକାମୀ ସେ ନୁହେଁ, ଯେ ଚୁପ୍ ରହି ଶାନ୍ତି ରକ୍ଷାକରେ । ଶାନ୍ତିକାମୀ ସିଏ, ଯିଏ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରେ । କାରଣ ଯେଉଁ ଶାନ୍ତି ନ୍ୟାୟବିହୀନ, ସେ କେବଳ ଭୟର ନିରବତା । ଅପରାଧ ବଢ଼େ ଯେତେବେଳେ ଶାନ୍ତି ଭୟରେ ଭରିଯାଏ ଏବଂ ନିରବତା ନୀତିରେ ପରିଣତ ହୁଏ । ସମାଜ ଯେଉଁଦିନ ମୁଖା ଖୋଲିବ, ସେହିଦିନ ଗଣ୍ଡଗୋଳକାରୀ ନିଜେ ଚୁପ୍ ହୋଇଯିବ । ପୁରାତନ ନୈତିକତା ଓ ନୂତନ-ନୂତନ ନୀତିର କଥା ଢେର ହେଲାଣି । କିନ୍ତୁ ଆଜିର ପରିପ୍ରେକ୍ଷୀରେ ସମଗ୍ର ଓଡ଼ିଶାରେ ଆବଶ୍ୟକତା ଅଛି ଏକ ନୂତନ ଜାଗରଣର ।

ମୋତେ ଲାଗିଲା, ଏଥର ପାର୍ବଣରେ ଦେବୀ ଦୁର୍ଗାଙ୍କର ନୁହେଁ, ମହିଷର ବିଜୟୋତ୍ସବ ଚାଲିଛି । ଯେଉଁଠି ଦେବୀ ଦୁର୍ଗାଙ୍କ ବିଜୟୋତ୍ସବ ପାଳିତ ହେଉଥିଲା, ମହିଷାସୁରର ପରାଜୟରେ ମାନବତାର ଜୟଧ୍ୱନି ଶୁଭୁଥିଲା, ସେହି ଋତୁରେ ଏବେ ଦେଖାଯାଉଛି ଏକ ଅନ୍ୟ ଭୂମି, ଅନ୍ୟ ଦୃଶ୍ୟ । ସେଠାରେ ମହିଷାସୁର ହେଉଛି ବିଜେତା, ଦେବୀ ନିରବଦ୍ରଷ୍ଟା । ଦେବୀଙ୍କ ନ୍ୟାୟର ଅସ୍ତ୍ର ଯେମିତି ନିଷ୍ପ୍ରଭ । ଏଠି ରାବଣପୋଡ଼ି ହେଉନି ତ ମଣିଷର ହୃଦୟ ଜଳିପୋଡ଼ି ଯାଉଛି । ଉତ୍ସବର ଉଜ୍ଜ୍ୱଳ ଆଲୋକ ତଳେ ଯେଉଁ ଛାୟା ବଢ଼ୁଛି, ତାକୁ ଦେଖିବାର ସାହସ କାହାରି ନାହିଁ । ମଣିଷ ହୋଇ ଅପରାଧକୁ ଦେଖି ମୁହଁ ଘୁଞ୍ଚାଉଛୁ ଏବଂ ସତ୍ୟକୁ ଯେତିକି ପରିମାଣରେ 'ଲାଇକ୍'(ପସନ୍ଦ) କରୁଛୁ, ସେତିକି ମାତ୍ରାରେ ସମର୍ଥନ କରୁନାହୁଁ । ଆମେ ସଭ୍ୟ, ଅଥଚ ସହିଷ୍ଣୁ ନୁହେଁ, ଭୀତ । ସେଥିପାଇଁ ଏଥର ଦେବୀମୂର୍ତ୍ତି ଅଳଙ୍କାରରେ ଶୋଭିତ ହେଲେ ମଧ୍ୟ ତାଙ୍କ ମୁଖରେ ଯେମିତି ହସ ନିର୍ବାପିତ ।

ଆଗକୁ ଆସୁଛି ଦୀପାବଳୀ । ଯେତେବେଳେ ଆମେ ଦୀପାବଳୀର ଦୀପ ଜଳାଉ, ତାହା ଜଳେନି କେବଳ ଅନ୍ଧକାର ହଟାଇବା ପାଇଁ । ତାହା ଜଳେ ଆମ ଅନ୍ତଃକରଣରେ ଆଲୋକକୁ ତିଆରି କରିବା ପାଇଁ । ଏଣୁ ଏ 'ସନ୍ତାପମହୋତ୍ସବ' ଏଣିକି 'ସଚେତନତାମହୋତ୍ସବ'ରେ ପରିଣତ ହେଉ । ସରକାର ହୁଅନ୍ତୁ, ନାଗରିକ ହୁଅନ୍ତୁ କି ଜନମାଧ୍ୟମ, ସମସ୍ତଙ୍କୁ ଜାଗି ଉଠିବାକୁ ହେବ । ନଚେତ୍ ଓଡ଼ିଶା ତା'ର ଅନ୍ଧକାରକୁ ଆଲୋକ ଭାବି ଗୋଟେ ଏକ ନୂତନ ଭୁଲ୍ ଇତିହାସ ଲେଖିଦେବ ।

(ଅଧ୍ୟାପକ, ବିଭାଗମୁଖ୍ୟ, ବିଏନ୍‌ଏମ୍‌ଏ କଲେଜ)
ପାଳିଆବିନ୍ଧା(ଭଦ୍ରକ) ମୋ: ୬୩୭୧୪୩୦୫୬୩

# ରହସ୍ୟ-ଉନ୍ମୋଚକ: ମାନସହଂସ ବୈକୁଣ୍ଠନାଥ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ସାହିତ୍ୟ-ତତ୍ତ୍ୱରେ ବର୍ଣ୍ଣିତ ଅଛି ରହସ୍ୟବାଦ । କବିଗୁରୁ ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'ଠାରୁ ଆରମ୍ଭ କରି ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ଉତ୍ତରାୟଣ' ପର୍ଯ୍ୟନ୍ତ କେତେ ଯେ କବିତାକୁ ତତ୍ତ୍ୱଜ୍ଞ ସୁଧୀ-ସମାଲୋଚକବୃନ୍ଦ ରହସ୍ୟବାଦୀ କବିତା ବୋଲି ଅଭିହିତ କରିଛନ୍ତି, ତାହା ଚେତନାଦୀପ୍ତ ପାଠକମାନେ ଜାଣିଛନ୍ତି ନିଶ୍ଚୟ । ତେବେ ମନରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ଉଠେ ଯେ, ଏହିସବୁ କବିତାରେ କେଉଁଠି ରହିଛି ରହସ୍ୟ? ବୈକୁଣ୍ଠନାଥ ସବୁଜଧାରାର ମାର୍ମିକ କବି । କେତେ ମଧୁରତା ଭରି ରହିଛି କବିତାରେ ତାଙ୍କରି! ପୃଥିବୀର କେଉଁ ଦୃଶ୍ୟ ଅବା ତାଙ୍କୁ ସ୍ୱପ୍ନାଚ୍ଛନ୍ନ କରି ନ ଦେଇଛି! କେଉଁ ମହାପୁରୁଷଙ୍କ ଚେତନାରେ ସେ ଉଦ୍‌ବୁଦ୍ଧ ହୋଇ ନାହାନ୍ତି! ଜୀବନର କେଉଁ କ୍ଷଣ ପୁଣି ସୃଜନାତ୍ମକ ନଥିଲା ତାଙ୍କ ପାଇଁ! ବର୍ଷାଧାରା ଦେଖି ବିଗଳିତ କଣ୍ଠରେ ଗାଇ ଉଠିଲେ ସେ -

'ଆକାଶ ପବନ ସମ ହେଲି ପୁଲକିତ, ମୁକ୍ତ ତୁମରି ଛନ୍ଦେ ଗାଇଲି ଗୀତ / ଛିନ୍ନ ହେଲା ମୋ ଶତ ଜଞ୍ଜାଳ, ଛିନ୍ନ ହେଲା ମୋ ବନ୍ଧନ ଜାଲ ଛିନ୍ନ ସକଳ ସୀମା ଶୃଙ୍ଖଳ / ମୁକ୍ତ ହେ ତୁମ ଆଗେ, ନବ ବରଷାର ଅନୁରାଗେ ।'

'ଅରୁଣଶ୍ରୀ', 'କାବ୍ୟ ସଂଚୟନ', 'ଉପେକ୍ଷିତା', 'ମୁକ୍ତି ପଥେ', 'ମୋ ଜୀବନ କଥା' ଆଦିରେ ତାଙ୍କ ଜୀବନାନୁରାଗ ଓ ସୌନ୍ଦର୍ଯ୍ୟାନୁଭବର ବୈଚିତ୍ର୍ୟ ନାନାବିଧ ରଙ୍ଗରେ ପାଠକ ଆତ୍ମାକୁ ପ୍ରଦାନ କରିଛି ମଧୁର ଆଶ୍ଳେଷ । ବୁଦ୍ଧ, ଗାନ୍ଧୀ, ଯୀଶୁ, ମୀରାବାଈ, ଗର୍କୀ, ରୋମାଁରୋଲାଁଙ୍କ ଠାରୁ ଆରମ୍ଭ କରି ଆଇଜାକ ସାନ୍ତ୍ରା, ରିକ୍ସାବାଲାଙ୍କ ପର୍ଯ୍ୟନ୍ତ କେତେ ଅସାମାନ୍ୟ ବ୍ୟକ୍ତିତ୍ୱକୁ ସେ ରୂପାୟିତ କରିଛନ୍ତି । ସାହିତ୍ୟ ସମୀକ୍ଷକମାନେ ସେଥିପାଇଁ ତାଙ୍କୁ 'ସବୁଜ ଯୁଗ'ର କବି ବୋଲି ପ୍ରତିପାଦନ କରିବା ସଂଗେସଂଗେ, ସେ ମଧ୍ୟ 'ପ୍ରଗତିବାଦୀ ଯୁଗ'ର କବି ବୋଲି ସ୍ୱୀକାର କରିଛନ୍ତି । ଭଗବତୀ ଚରଣ ପାଣିଗ୍ରାହୀଙ୍କ ବିଷୟରେ ଲେଖିବା ପାଇଁ ବି ଚଳଚଞ୍ଚଳ ହୋଇ ଉଠିଛି ତାଙ୍କ କଲମ । ଅଭିନବ ସାମ୍ୟବାଦକୁ ସେ ସ୍ୱାଗତ କରନ୍ତି ।

ବୈକୁଣ୍ଠଙ୍କ କବିତା ଗ୍ରନ୍ଥ ଭିତରେ କି ଯାଦୁ ଅଛି! ଯେଉଁମାନେ ନୈରାଶ୍ୟ ନିପୀଡ଼ିତ, ଶୋକଜର୍ଜରିତ, ହତାଶାବୋଧରେ ଅବସନ୍ନ, ବ୍ୟର୍ଥତାର ବ୍ୟାଧିରେ ଯେଉଁମାନଙ୍କ ଜୀବନ ମନେହେଉଛି ବିଷାଦଗ୍ରସ୍ତ ଓ ବିଷାକ୍ତ, ସେମାନେ କେବଳ ପୃଷ୍ଠା ଓଲଟାଇ ଦେବା ମାତ୍ରକେ ଦେଖିବେ କେବଳ ଆଶା, ବିଶ୍ୱାସ, ଆସ୍ଥାଶୀଳତା, ଆତ୍ମୀୟତା ଆଉ ନବୀନ ଉଲ୍ଲାସର ଅଗଣିତ ଲହରୀମାଳା । କେବଳ ଦେଖିବେ ନାହିଁ । ସେମାନେ ଚାହାନ୍ତୁ କି ନ ଚାହାନ୍ତୁ, ଜୀବନ-ସାଗରର ଉତ୍ତାଳ ତରଙ୍ଗ ନିଶ୍ଚୟ ଦେବ ଗୋଟାପଣେ ଭିଜାଇ । ସେ କ'ଣ ଜାଣି ନଥିଲେ ଏ ପୃଥିବୀ ଓ ମଣିଷ ଜୀବନ ଦୁର୍ଭାଗ୍ୟ-କବଳିତ, ମରଣ-ଜର୍ଜରିତ, ସବୁକିଛି ଏଠି କ୍ଷଣିକରେ ହୋଇଯାଏ ଅନ୍ତର୍ହିତ ବୋଲି? ସବୁ ଜାଣି ସୁଦ୍ଧା କାହିଁକି ନିୟତିର କ୍ରୂର ପରିହାସ ସମ୍ମୁଖରେ ଗାଇଛନ୍ତି ଜୀବନର ଗୀତି? କବିତ୍ୱ ମୁକୁଳିତ ହୁଏ ସେଇଠାରେ, ଯେଉଁଠି ଅଛି ଜୀବନର ଉଚ୍ଛୁରିତ ଉଚ୍ଛ୍ୱାସ । ପରାଜୟ ନୁହେଁ ରହିଥାଏ ବିଜୟ-ସଂକେତ-ପୂର୍ଣ୍ଣ ପଦ ପରେ ପଦ ।

ତାଙ୍କ ରଚିତ ଶ୍ରେଷ୍ଠ କବିତା 'ଯାତ୍ରା ସଂଗୀତ' ହେଉ ଅବା 'ଶେଷ ଗୀତି'-ସର୍ବତ୍ର ମୃତ୍ୟୁର କଳା ପରଦା ଅପସୃତ କରି ଦେଖାଇ ଦେଉଛନ୍ତି ସେ ଜୀବନର ଅମର ପ୍ରଦୀପ ପ୍ରଜ୍ଜ୍ୱଳିତ ଯେଉଁଠି । ସବୁ କିଛି ଚିରମଙ୍ଗଳମୟ - ଏହି ବିଶ୍ୱାସବୋଧ ସୃଷ୍ଟି କରିବା, ଜୀବନର ଦୀପଶିଖାକୁ ଉଜ୍ଜୀବିତ କରିବା ସକାଶେ ହିଁ କବିସତ୍ତା ବାରମ୍ବାର ଅବତରଣ କରେ ଏ ଧରିତ୍ରୀ ବକ୍ଷକୁ । ବୈକୁଣ୍ଠ ଗାଉଛନ୍ତି - 'ସେ ପୀରତି ତେଜେ ଯାଉ ମୋ ଜୀବନ ନିଭି ମୃତ୍ୟୁକୁ ମାରି ପଦେ ତା'ର ନିଭିଯିବି ।' ଓଡ଼ିଶାର ଯେଉଁ ସଂଗୀତାନୁରାଗୀ ଶ୍ରୋତାବର୍ଗ କବିଙ୍କ ସୁକନ୍ୟା ମହାନ ସଂଗୀତ ସାଧିକା ସୁନନ୍ଦା ପଟ୍ଟନାୟକଙ୍କ କମ୍ପିତ କଣ୍ଠରୁ ଶୁଣିଛନ୍ତି 'ଯାତ୍ରା ସଂଗୀତ'ର ଅମର ପଦପଂକ୍ତି, ସେମାନେ ଜାଣନ୍ତି ଯେ, ସେଥିରେ ପରିପୂର୍ଣ୍ଣ ହୋଇ ରହିଛି ଜୀବନାମୃତର କି ଆସ୍ୱାଦନ-ଶକ୍ତି । 'ଜୀବନ ପାତ୍ର ମୋ ଭରିଛ କେତେ ମତେ ନ ଦେଲ ବୋଲି କିଛି କହିବି କି ହେ ଆଉ? ଜୀବନ ପ୍ରିୟତମ ହରିଛ ମୋ ଭରମ ତରଣୀ ମୋର ତ? ସାଗରେ ବହିଯାଉ ।'

ସେ ତ ମାନସରୋବରର ଶୁଭ୍ର ହଂସ । କେତେ ପାରାବାର, ଅସଂଖ୍ୟ ହିମଗିରି ଲଂଘନ କରିଯିବେ ସେ । ଏହି ଅଭିବ୍ୟକ୍ତିରେ ତ ରହସ୍ୟ କିଛି ବି ନାହିଁ । ଜୀର୍ଣ୍ଣ ଜୀବନ-ତରୁ ଯେଉଁଠି ନିତ୍ୟ ପଲ୍ଲବିତ ସେଇଠି ତ ପରାଣ କୁଞ୍ଜରେ ଶ୍ରୁତ ହୁଏ ବଂଶୀ ଧ୍ୱନି । ଜୀବନ-ବୀଣାରେ ଭରିଯାଏ ନୂତନ ମୂର୍ଚ୍ଛନା । ଏହି ନିବିଡ଼ ସତ୍ୟକୁ ଢାଙ୍କି ରଖିଥିବା ପରଦା କାଢି ଦେଇ ଯିଏ ଆମକୁ ମୃତ୍ୟୁରୁ ଅମୃତକୁ ଘେନି ଯାଉଛନ୍ତି ସେ ଆଉ ରହସ୍ୟବାଦୀ ହୋଇ ବର୍ଣ୍ଣିତ ହେବେ ବା କାହିଁକି? ସେଇ ଜୀବନବାଦୀ, ସତ୍ୟବାଦୀ ଓ ସୌନ୍ଦର୍ଯ୍ୟବାଦୀଙ୍କୁ ସମ୍ପ୍ରତି ପୁନଃଉନ୍ମୋଚନ କରିବା ଯଥାର୍ଥ ହେବନାହିଁ କି?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ବାପକୁ ହାଣି ମାଟିରେ ପୋତିଦେଲା ପୁଅ

### ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର


ଦେବଗଡ଼,୮।୧୦(ସମିସ): ଦେବଗଡ ଜିଲ୍ଲା ବାରକୋଟ ଥାନା ଔତଳ ଗାଁରେ ପୁଅର ଟାଙ୍ଗିଆ ଚୋଟରେ ଜଣେ ବୃଦ୍ଧ ବାପାର ମୃତ୍ୟୁ ଘଟିଥିବା ଜଣାପଡିଛି।ମୃତକ ବଳଭଦ୍ର ବେହେରା



(୬୫)। ବାରକୋଟ ଥାନା ପୁଲିସ ଅଭିଯୁକ୍ତ ପୁଅ ହୃଦାନନ୍ଦ ବେହେରାକୁ ଅଟକରଖି ପଚରା ଉଚୁରା କରୁଛି। ମିଳିଥିବା ସୂଚନା ଅନୁଯାଇ ଔତଳ ଗାଁର ବଳଭଦ୍ର ନିଜ ଘରେ ମେଣ୍ଢା ପାଳିଥିଲେ। ଅଭିଯୁକ୍ତ ପୁଅ ହୃଦାନନ୍ଦ ଗତକାଲି ମେଣ୍ଢା ବିକ୍ରି ପାଇଁ ନେଇଯାଉଥିବା ବେଳେ ବାପା ବଳଭଦ୍ର ପ୍ରତିବାଦ କରିଥିଲେ। ଫଳରେ ଉଭୟ ବାପ ପୁଅ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇହୃଦାନନ୍ଦ ଟାଙ୍ଗିଆରେ ବାପା ବଳଭଦ୍ରକୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ବଳଭଦ୍ରଙ୍କ ମୃତ୍ୟୁ ଘଟିଥିଲା। ବାପା ବଳଭଦ୍ରଙ୍କ ମୃତ୍ୟୁ ହେବା ଜାଣି ଅଭିଯୁକ୍ତ ପୁଅ ଘର ନିକଟରେ ଗାତ ଖୋଳି ମୃତଦେହ ପୋତି ଦେଇଥିଲା । ଘଟଣା ଜାଣିପାରି ମୃତ ବଳଭଦ୍ରଙ୍କ ପୁତୁରା ଅଜିତ ବେହେରାଙ୍କ ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲି ହତ୍ୟା ମାମଲା ରୁଜୁ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ମୃତଦେହକୁ ଉଦ୍ଧାର କରି ବ୍ୟବଛେଦ ଲାଗି ପାଲଲହଡା ଡାକ୍ତରଖାନାକୁ ପଠାଇଛି।ସାଇଣ୍ଟିଫିକ ଟିମ୍ ସହାୟତାରେ ପୁଲିସ ତଦନ୍ତକୁ ଜୋରଦାର କରିଛି

## ଗାଁରୁ ଦନ୍ତାର ମୃତଦେହ ଉଦ୍ଧାର

ଦେବଗଡ଼,୮।୧୦(ସମିସ): ଦେବଗଡ଼ ବନଖଣ୍ଡରିଆମାଳ ବନାଞ୍ଚଳ ରେଙ୍ଗାଲବେଡା ଫରେଷ୍ଟ ସେକ୍ସନ ଅନ୍ତର୍ଗତ କାଉଁସିତଇଲା ଗାଁରୁ ଦନ୍ତା ହାତୀର ମୃତଦେହ ଉଦ୍ଧାର କରାଯାଇଛି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାଇ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବେଳେ କାଉସିତଇଲା ଗାଁ



ନିକଟସ୍ଥରାସ୍ତାରେ ଦନ୍ତାର ମୃତ ଦେହ ପଡିଥିବା ଦେଖି ବନରକ୍ଷୀ ସିନିସ୍ମିତା ମରେଇ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଏଲିଫ୍ୟାଣ୍ଟ ଟ୍ରାକ୍ ସ୍କାଡ୍ର ସଦସ୍ୟଙ୍କ ସମେତ ବିଭାଗୀୟ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତ ହାତୀର ବ୍ୟବଛେଦ କରାଇଥିଲେ। ତେବେ ମୃତହାତୀର ଆନୁମାନିକ ବୟସ ୧୮ ବର୍ଷ ହେବ। ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ବନଖଣ୍ଡ ଅଧିକାରିଣୀ ସୁଶ୍ରୀରଶ୍ମି ଜୀ ସୂଚନା ଦେଇଛନ୍ତି।

## ୧୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୮।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାରେ ପୁଲିସ ନିକଟରେ ୧୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆଜି ମାଓ ସଂଗଠନର ପିଏଲଜିଏ ମିଲିଟାରୀ କମ୍ପାନୀର ଜଣେ ଡେପୁଟି କମାଣ୍ଡର, ପିଏଲଜିଏ ମିଲିଟାରୀ କମ୍ପାନୀ ନମ୍ବର ୧ର ଜଣେ ସଦସ୍ୟ, ନର୍ଥ ବ୍ୟୁରୋ ଟେକ୍ନିକାଲ୍ ଟିମ୍‌ର ସଦସ୍ୟ, ଏସିଏମ୍, ପାର୍ଟି ସଦସ୍ୟ, କୁତୁଲ୍ ମାଓ କମିଟି ସଦସ୍ୟ, ଜନତାନା ସରକାରର ଅନେକ ସଦସ୍ୟ ଏବଂ ମିଲିସିଆ ସଦସ୍ୟଙ୍କ ସମେତ ୧୬ ଜଣ ମାଓବାଦୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ନାରାୟଣପୁର ପୁଲିସ ନିକଟରେ ଶପଥ ନେଇଛନ୍ତି। ଏହି ମାଓବାଦୀଙ୍କ ମଧ୍ୟରେ ୭ ଜଣ ମହିଳା ମାଓବାଦୀ ସାମିଲ ଅଛନ୍ତି। ସେମାନଙ୍କ ନାମରେ ୭୦ ଲକ୍ଷ ଟଙ୍କାର




ପୁରସ୍କାର ରାଶି ରହିଥିଲା। ଏହି ମାଓବାଦୀଙ୍କ ଆତ୍ମସମର୍ପଣ ପୁଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଆତ୍ମ ସମର୍ପଣକାରୀଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ ସହ ସରକାରୀ ନୀତି ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଛତୁ ତୋଳିବାକୁ ଯାଇ ଭାଲୁ ଆକ୍ରମଣରେ ମହିଳା ମୃତ

ନୀଳଗିରି, ୮।୧୦ (ସମିସ): ଭାଲୁ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଜଣକ ହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ସଜନାଗଡ ପଞ୍ଚାୟତ ଅଧିନସ୍ଥ ପାଣବନ୍ଧ ଗାଁର ଚନ୍ଦ୍ରମୋହନ ନାୟକଙ୍କ ସ୍ତ୍ରୀ ଶାନ୍ତିଲତା। ବୁଧବାର ଗାଁ ନିକଟସ୍ଥ ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ସ୍ୱାମୀ, ସ୍ତ୍ରୀ ଛତୁ ତୋଳିବାକୁ ଯାଇଥିବାବେଳେ ଜଙ୍ଗଲ ଭିତରେ ଅଚାନକ ଏକ ଭାଲୁ ଶାନ୍ତିଲତାଙ୍କୁ ଅତର୍କିତ ଆକ୍ରମଣ



କରିଥିଲା। ଶାନ୍ତିଲତାଙ୍କ ଚିତ୍କାରରେ ଭାଲୁଟି ସେଠାରୁ ଛାଡି ପଳାଇଥିବା ବେଳେ ତାଙ୍କ ବେକକୁ ଝାମ୍ପିଥିବା ଯୋଗୁଁ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସ୍ୱାମୀ

- ■ ଆସିଲାନି ଆମ୍ବୁଲାନ୍ସ
- ■ ରକ୍ତ ଜୁଡୁବୁଡୁ ଅବସ୍ଥାରେ କାନ୍ଧେଇ ମେଡିକାଲ ନେଲେ ସ୍ୱାମୀ

ଚନ୍ଦ୍ରମୋହନ ପ୍ରଥମେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ଆମ୍ବୁଲାନ୍ସର ସୁବିଧା ନ ହେବାରୁ ଶାନ୍ତିଲତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କାନ୍ଧରେ କାନ୍ଧେଇ ସଜନାଗଡ ମେଡିକାଲକୁ ଆଣିଥିବାବେଳେ ଅବସ୍ଥା ଗୁରୁତର ହେବାରୁ ଭଡା ଟେମ୍ପୁରେ ନୀଳଗିରି ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ମହିଳାଙ୍କୁ ମୃତ ଘୋଷଣା କରିଛନ୍ତି।


**JEYPORE LAW COLLEGE, JEYPORE,**
**DIST. KORAPUT (ODISHA) Pin - 7640003**

Applications are invited for the following posts:-

**1. Principal**

**Terms and Conditions:**

- Qualification, Eligibility – As per the UGC Norms
- Salary – Negotiable.
- Interested candidates may apply by registered post along with relevant testimonials from HSC onwards and a bank draft of Rs. 1,500/- drawn in favour of Law College Trust, Jeypore payable at Jeypore so as to reach the undersigned within 21 days from the date of publication of this advertisement.
- Candidates applied earlier for the above mentioned post in response to our advertisement of July, 2025 need not apply again.

**Sd/-President,**
**Jeypore Law College Governing Body,**
**Jeypore, Pin - 764003**


## ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ଅଭିଯୋଗ

# ସରକାରୀ ନୀତିକୁ ଖୋଲା ଉଲ୍ଲଂଘନ କରୁଛନ୍ତି ନିଗମ

- ■ ନିଯୁକ୍ତି କ୍ଷେତ୍ରରେ ଦକ୍ଷ ପ୍ରତିଭାବାନ ପ୍ରାର୍ଥୀ ଅବହେଳିତ
- ■ ଶକ୍ତି ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,୮।୧୦(ସମିସ): ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ(ଓଏଚପିସି) ଓ ଶକ୍ତିକ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ନିଗମର ପରିଚାଳନା ମଣ୍ଡଳୀ ବା ବୋର୍ଡକୁ ଓଡ଼ିଶା ସରକାର ନିଯୁକ୍ତ କରୁଥିଲେ ମଧ୍ୟ ସେମାନେ ରାଜ୍ୟ ସରକାର ପ୍ରଣିତ କରିଥିବା ମାନବସମ୍ବଳ ନୀତିକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ନିଗମଗୁଡିକ ସ୍ୱଜନପୋଷଣ (ନେପୋଟିଜିମ) ନୀତିରେ ନିଗମଗୁଡିକୁ ପରିଚାଳନା କରୁଛନ୍ତି ବୋଲି ଅଭିଯୋଗ ଆଣିଛି ଓଡ଼ିଶା ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘ। ନିୟମର ଖୋଲା ଉଲ୍ଲଂଘନ କାରଣରୁ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଯୋଗ୍ୟ ପ୍ରାର୍ଥୀଙ୍କ ଦକ୍ଷତା, ମେଧା ଓ ପ୍ରତିଭା ମୂଲ୍ୟହୀନ ହୋଇପଡିଛି ବୋଲି ସଂଘ କ୍ଷୋଭ ପ୍ରକାଶ କରିଛି। ବୁଧବାର ସଂଘ ପକ୍ଷରୁ ଏନେଇ ଏକ ସ୍ମାରକ ପତ୍ର ଶକ୍ତିମନ୍ତ୍ରୀଙ୍କୁ ଅବଗତ କରିବା ସହିତ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରାଯାଇଛି।

ସଂଘର ଅଭିଯୋଗ ଅନୁଯାୟୀ, ଯନ୍ତ୍ରୀମାନଙ୍କର ନିଯୁକ୍ତି ଓ ପଦୋନ୍ନତି ପାଇଁ ଜଳସମ୍ପଦ ବିଭାଗ ପ୍ରଣିତ କରିଥିବା କ୍ୟାଡର ନୀତିରେ କର୍ମଚାରୀ ମାନଙ୍କର ଦକ୍ଷତା ଓ ପାରଦର୍ଶିତା ବୃଦ୍ଧିପାଇଁ କୌଣସି ପ୍ରତିବନ୍ଧକ ନାହିଁ। କିନ୍ତୁ ବିଡ଼ମ୍ବନା ହେଉଛି, ସ୍ୱଜନପୋଷଣ ନୀତିରେ ପରିଚାଳିତ ଓଏଚ୍‌ପିସି ତାହାକୁ ସମ୍ପୂର୍ଣ ପ୍ରତ୍ୟାଖ୍ୟାନ କରିଆସୁଛି। ନିଗମରେ କାର୍ଯ୍ୟ କରୁଥିବା ଦକ୍ଷ, ଯୋଗ୍ୟ ଡିପ୍ଲୋମା ଯନ୍ତ୍ରୀମାନଙ୍କର ପଦୋନ୍ନତିକୁ ଏଜିଏମ୍ (ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର) ପଦରେ ସୀମିତ ରଖିବା ଦ୍ୱାରା ବିଦ୍ୟୁତ୍ କ୍ଷେତ୍ରର ବିକାଶରେ ପ୍ରତିବନ୍ଧକ ହୋଇଛି। ସେହିପରି ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ସହାୟକ ଯନ୍ତ୍ରୀଙ୍କ କ୍ୟାଡର୍ ନିଯୁକ୍ତି ଅନୁପାତ ୪୦:୬୦ଧାର୍ଯ୍ୟ କରି ଅଧିନିୟମ ଜାରି କରିଥିବାବେଳେ ନିଗମଗୁଡିକ ତାହାକୁ ପ୍ରତ୍ୟାଖ୍ୟାନ କରି ୩୩:୬୭ ଅନୁପାତ ସ୍ଥିର କରି ନିଗମ ପରିଚାଳନା କରୁଛନ୍ତି। ଶକ୍ତି ସମୀକ୍ଷକ ତଥା ସଂଘର ସଭାପତି ଆନନ୍ଦ ମହାପାତ୍ରଙ୍କ ଅନୁଯାୟୀ, ନିୟମରେ ଉଲ୍ଲଂଘନ କାରଣରୁ ନିଗମଗୁଡିକର କାର୍ଯ୍ୟଦକ୍ଷତା ଓ ପାରଦର୍ଶିତା ପ୍ରଭାବିତ ହୋଇ ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟ ସମ୍ପାଦନ ହେଉନାହିଁ। ନିଗମଗୁଡିକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି, ଯାହାରବୋଝ ବିଦ୍ୟୁତ୍ ଉପଭୋକ୍ତା ବହନ କରୁଛନ୍ତି ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

## ୪୫ବସ୍ତା ବାଣ ଜବତ; ଜଣେ ଗିରଫ

ବାରିପଦା, ୮।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ପଥୁରୀ ପଞ୍ଚାୟତ ବୁଡାମରା ଗ୍ରାମରେ ପୁଲିସ ଚଢ଼ଉ କରି ୪୫ ବସ୍ତା ବାଣ ସହିତ ବ୍ୟବସାୟୀ ସଞ୍ଜିବ ସାହୁଙ୍କୁ ଗିରଫ କରିଛି। ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ପୁଲିସ ଟିମ୍ ନେଇ ଚଢ଼ଉ କରିଛନ୍ତି। ବାଣ ଗୁଡ଼ିକ ଦୀପାବଳୀରେ ବିକ୍ରି ହେବା ପାଇଁ ଆସିଥିଲା ବୋଲି ଜଣାପଡିଛି।

## ଜାପାନ, ଆମେରିକା, ଅଷ୍ଟ୍ରେଲିଆ ବୈଜ୍ଞାନିକଙ୍କୁ ରାସାୟନ ବିଜ୍ଞାନରେ ନୋବେଲ

ଷ୍ଟକ୍‌ହାମ୍,୮।୧୦(ଏଜେନ୍ସି): ଜାପାନର ସୁସୁମୁ କିତାଗାୱା, ଅଷ୍ଟ୍ରେଲିଆର ରିଚାର୍ଡ ରବସନ ଓ ଆମେରିକାର ଉମର ଏମ୍ ୟାଘିଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସ୍ୱିଡେନର ରୟାଲ ସ୍ୱିଡିଶ ଏକାଡେମୀ ଅଫ୍ ସାଇନସେଜ ତରଫରୁ ବୁଧବାର ଏ ନେଇ ଘୋଷଣା କରାଯାଇଛି। ଧାତୁ କାର୍ବନିକ ଢ଼ାଞ୍ଚାର ବିକାଶ ପାଇଁ ଏହି ବୈଜ୍ଞାନିକମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ବୋଲି ଏକାଡେମୀ ତରଫରୁ ଏକ୍ସରେ ପୋଷ୍ଟ କରି ଘୋଷଣା କରାଯାଇଛି। ନୋବେଲ ପୁରସ୍କାର ବିଜେତାଙ୍କୁ ୧୧ ମିଲିଅନ ସ୍ୱିଡିଶ କ୍ରୋନର୍ ଅର୍ଥାତ ୧୦.୩ କୋଟି ଟଙ୍କା, ଏକ ସ୍ୱର୍ଣ୍ଣ ପଦକ ଓ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ। ଡିସେମ୍ବର ୧୦ରେ ଏକ ସ୍ୱତନ୍ତ୍ର ସମାରୋହରେ ନୋବେଲ ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାଠଗଡ଼ାରେ ଓପିଆର୍‌ବି...

ନିୟମର ବିପରୀତ ଭାବରେ ପ୍ରଶ୍ନପତ୍ର ପ୍ରସ୍ତୁତି ପରି ଗୋପନୀୟ କାର୍ଯ୍ୟରେ ସିଲିକନ୍ ଓ ପଞ୍ଚସପ୍ଟ ପରି କମ୍ପାନୀ କିପରି ସଂଶ୍ଳିଷ୍ଟ ହେଲେ ଏବଂ ଅଧିକାରୀମାନେ ଏହାକୁ କିପରି ପ୍ରଶ୍ରୟ ଦେଲେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶ୍ନପତ୍ର ପ୍ରସ୍ତୁତି ବା ଛାପିବା ଦାୟିତ୍ୱରେ ନ ଥିବା ପଞ୍ଚସପ୍ଟ କମ୍ପାନୀର ନିର୍ଦ୍ଦେଶକ ଶଙ୍କର ପ୍ରଶ୍ନପତ୍ର କିପରି ପାଇଥିଲେ, ତାହା ସମଗ୍ର ନିଯୁକ୍ତି ବ୍ୟବସ୍ଥାରେ ସ୍ୱଚ୍ଛତାକୁ କାଠଗଡ଼ାରେ ଠିଆ କରାଇଛି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଦେଖି ପ୍ରସ୍ତୁତି କରିବାକୁ ଆନ୍ଧ୍ରପ୍ରଦେଶ ଯାଉଥିବାବେଳେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ ଜଣ ଦଲାଲ୍ ଗିରଫ ପରେ ଏହି ପ୍ରଶ୍ନପତ୍ର କିଣାବିକା ମାମଲାରେ ପଞ୍ଚସପ୍ଟର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ହିଁ ମାଷ୍ଟରମାଇଣ୍ଡ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ପରୀକ୍ଷା ପରିଚାଳନା କରୁଥିବା ଓପିଆର୍‌ବି ଏବଂ ଏହାର ଅଧିକାରୀମାନେ କିପରି ପର୍ଯ୍ୟବେକ୍ଷଣ କରୁଥିଲେ ଯେ ତାହା ଜାଣିପାରିଲେ ନାହିଁ, ନା ସବୁକିଛି ସଲାସୁତୁରାରେ ଚାଲିଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ବିନା ଏହି ଚାକିରି ବିକ୍ରି ପ୍ରକରଣ ସମ୍ଭବ ନୁହେଁ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି।

ଅପରପକ୍ଷରେ ଘଟଣାକୁ ୯ ଦିନ ବିତିଥିଲେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଅନ୍ଧାରରେ ବାଡ଼ି ବୁଲାଉଛି। ଓପିଆର୍‌ବି ଏବଂ ପରୀକ୍ଷା ପରିଚାଳନା ପାଇଁ ଟେଣ୍ଡର ନେଇଥିବା ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଗିରଫ ତ ଦୂରର କଥା, ତଦନ୍ତ ପରିସରଭୁକ୍ତ ମଧ୍ୟ କରିନାହିଁ। କେବଳ ସବ୍-କଣ୍ଟ୍ରାକ୍ଟ ନେଇଥିବା ସିଲିକନ୍ ଓ ପଞ୍ଚସପ୍ଟ କମ୍ପାନୀ ମଧ୍ୟରେ ତଦନ୍ତ ସିମିତ ରଖିଛି। ଏଯାଏଁ ଚାକିରି ବିକ୍ରିର ମାଷ୍ଟରମାଇଣ୍ଡକୁ ଗିରଫ କରିବାରେ ବିଫଳ ହୋଇଥିବାବେଳେ ସିଣ୍ଡିକେଟ୍‌ର ମୂଳରେ କେବେ ଓ କିପରି ପହଞ୍ଚିବ ବୋଲି ପ୍ରଶ୍ନ ଉଠିଛି। ତେଣୁ ଚାକିରି ବିକ୍ରି ପାଇଁ ଖୋଦ୍ ପୁଲିସ୍ ଅଧିକାରୀମାନେ ହିଁ ଗଳାବାଟ ପ୍ରସ୍ତୁତ କରିଥିବା ଧାରଣା ଦୃଢ଼ୀଭୂତ ହୋଇଛି। ପରୀକ୍ଷା ସମ୍ପର୍କିତ ସମସ୍ତ ଗୋପନୀୟ କାର୍ଯ୍ୟ କରିବା ପାଇଁ ଆଇଟିଆଇ ଲିମିଟେଡ୍‌କୁ ଅଖଣ୍ଡ କ୍ଷମତା ଦେଇଛନ୍ତି। ପ୍ରଶ୍ନପତ୍ର ପ୍ରସ୍ତୁତି ଓ ଛପାଇବା ଠାରୁ ଆରମ୍ଭ କରି ଓପିଆର୍‌ବି ମୁଖ୍ୟାଳୟରେ ପହଞ୍ଚାଇବା, ପରୀକ୍ଷା କେନ୍ଦ୍ର ଚୟନ, ସୁରକ୍ଷା ପାଇଁ ସିସିଟିଭି, ସିସିଟିଭି ପରିଚାଳନା ଆଦି ସମସ୍ତ କାର୍ଯ୍ୟ କରିବାକୁ ଟେଣ୍ଡର ଦେଇଛନ୍ତି। ପରୀକ୍ଷାରେ ଗଫଲତି ପାଇଁ ଅଧିକାରୀମାନେ ଯେପରି ଉତ୍ତରଦାୟୀ ନ ହେବେ, ସେଥିପାଇଁ ଟେଣ୍ଡର ନେଇଥିବା କମ୍ପାନୀ ହିଁ ଦାୟୀ ରହିବ ବୋଲି ଧାଡ଼ିକିଆ ନିର୍ଦ୍ଦେଶନାମା ଲେଖିଦେଇ ନିଜର ଦାୟିତ୍ୱ ସାରି ଦେଇଛନ୍ତି। ପ୍ରିଲିମିନାରୀ ପରୀକ୍ଷା ପାଇଁ ସମସ୍ତ କାର୍ଯ୍ୟ ଆଇଟିଆଇ ଲିମିଟେଡ୍‌କୁ ଦେବା ପରେ କେବଳ ଓପିଆର୍‌ବି ଅଧିକାରୀମାନେ ପର୍ଯ୍ୟବେକ୍ଷଣ କରିବେ ବୋଲି କୁହାଗଲା। ହେଲେ କେଉଁ କାର୍ଯ୍ୟକୁ କିଏ ଓ କେମିତି ପର୍ଯ୍ୟବେକ୍ଷଣ କରିବେ ସେ ନେଇ କିଛି ଉଲ୍ଲେଖ କରାଗଲା ନାହିଁ। ଫଳରେ କୌଣସି ଗଫଲତି ଧରା ପଡ଼ିଲେ ମଧ୍ୟ ଅଧିକାରୀଙ୍କ ଉପରକୁ ଆଞ୍ଚ ଆସିବ ନାହିଁ। ଏକାଧିକ ଗଳାବାଟ ଛାଡ଼ିଦେବା ଏବଂ ଉପଯୁକ୍ତ ପର୍ଯ୍ୟବେକ୍ଷଣ ନ କରବାରୁ ପରୀକ୍ଷାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସବ୍-କଣ୍ଟ୍ରାକ୍ଟ ପାଇଥିବା କମ୍ପାନୀଙ୍କ ହାତକୁ ଚାଲିଗଲା। ଏସବୁ ଗଳାବାଟ ଛାଡ଼ିବା ପଛରେ ଚାକିରି ବିକ୍ରି ହିଁ ଏକମାତ୍ର ଉଦ୍ଦେଶ୍ୟ ବୋଲି ଅଭିଯୋଗ ହୋଇଛି। ତଦନ୍ତକୁ ବ୍ୟାପକ କଲେ ବହୁ ବରିଷ୍ଠ ଅଧିକାରୀ ଧରା ପଡ଼ିବା ନିଶ୍ଚିତ ହୋଇଥିବାରୁ ସେହି ପୁଲିସ୍ ବିଭାଗ ହିଁ ଘଟଣା ଚାପିବାକୁ ଆପ୍ରାଣ ଉଦ୍ୟମ କରୁଥିବା ଆଇନଜ୍ଞମାନେ ଅଭିଯୋଗ କରିଛନ୍ତି। ଯଦି ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ପ୍ରସ୍ତୁତି କରାଇବାକୁ ନେବା ସମୟରେ ପରୀକ୍ଷାର୍ଥୀ ଓ ଦଲାଲ୍ ଗିରଫ ହେଲେ, ତାହାଲେ ଦଲାଲ୍‌ଙ୍କୁ ପ୍ରଶ୍ନପତ୍ର ଯୋଗାଉଥିବା ବ୍ୟକ୍ତିଙ୍କ ପାଖରେ କିପରି କ୍ରାଇମ୍‌ବ୍ରାଞ୍ଚ ପହଞ୍ଚିପାରୁ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ବୌଦ୍ଧ ମହୋତ୍ସବରେ...

ସେନା ତଥା ମିଲିଟାରୀ ଜୁଣ୍ଟା ଶାସନଭାର ହାତକୁ ନେବା ପରେ ଏବେ ମିଆଁମାରରେ ଗୃହଯୁଦ୍ଧ ଭଳି ସ୍ଥିତି ସୃଷ୍ଟିହୋଇଛି। ଦେଶରେ ଗଣତନ୍ତ୍ରର ସମର୍ଥକ ଅନ୍ୟ ଉଗ୍ରବାଦୀ ସଂଗଠନ ସହ ମିଶି ମିଲିଟାରୀ ଜୁଣ୍ଟା ବିରୋଧରେ ଲଢ଼େଇ ଜାରି ରଖିଛନ୍ତି। ତେବେ ମିଆଁମାରରେ ଆଗାମୀ ଡିସେମ୍ବର ୨୮ ରେ ସାଧାରଣ ନିର୍ବାଚନ ଆୟୋଜନ ହେବ ବୋଲି କୁହାଯାଇଛି। କିନ୍ତୁ ବ୍ୟାପକ ଦୁର୍ନୀତି ହେବ ବୋଲି ଆଶଙ୍କା ପ୍ରକଟ କରି ବିଦ୍ରୋହୀ ଓ ଗଣତନ୍ତ୍ରର ସମର୍ଥକମାନେ ଏହି ନିର୍ବାଚନକୁ ଅଗ୍ରାହ୍ୟ କରିଛନ୍ତି।

### ସରକାରଙ୍କୁ ଆଇନଶୃଙ୍ଖଳା...

ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ, ସେଥିପ୍ରତି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### କମୁଛି ଏନ୍‌ଆର୍‌ଆଇ...

ସେହି ଆକର୍ଷଣକୁ ଏବେ ଶିଥିଳ କରିଦେଇଛି। ଟ୍ରମ୍ପ ପୁନର୍ବାର କ୍ଷମତାକୁ ଆସିବାର ୬ ମାସ ମଧ୍ୟରେ ସେହି କ୍ରେଜ୍ କମିଯାଇଛି। ଅନେକ ପରିବାର ଏବେ ବିବାହକୁ ବିଳମ୍ବ କରୁଛନ୍ତି। ସେମାନେ ପ୍ରବାସ ନୀତି ଉପରେ ସ୍ପଷ୍ଟତାକୁ ଅପେକ୍ଷା କରିଛନ୍ତି।

ଟ୍ରମ୍ପଙ୍କ ଏଚ୍୧-ବି ଭିସା ହେଉଛି ଆମେରିକାର ଏକ ଅଣ-ଆବାସିକ ଭିସା, ଯାହା କମ୍ପାନୀଗୁଡ଼ିକୁ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଔଷଧ, ଅର୍ଥ ଏବଂ ଶିକ୍ଷା ଭଳି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଅନୁମତି ଦିଏ। ଟ୍ରମ୍ପଙ୍କ ଭିସା ବିସ୍ଫୋରଣ ଭାରତ ପାଇଁ ଏକ ଆଘାତ ପ୍ରମାଣିତ ହେଉଛି କାରଣ ଏହି ଭିସା ସହିତ ଆମେରିକାରେ କାମ କରୁଥିବା ଲୋକଙ୍କ ମଧ୍ୟରୁ ସର୍ବାଧିକ ହେଉଛନ୍ତି ଭାରତୀୟ। ରିପୋର୍ଟରୁ ଜଣାପଡିଛି ଯେ, ୨୦୨୪ ଆର୍ଥିକବର୍ଷରେ ମୋଟ ଅନୁମୋଦିତ ଏଚ୍୧-ବି ଭିସା ହିତାଧିକାରୀଙ୍କ ମଧ୍ୟରୁ ୭୧% ଭାରତୀୟ ଥିଲେ। ଯଦିବା ହ୍ୱାଇଟ୍ ହାଉସ୍ ଟ୍ରମ୍ପଙ୍କ ଏଚ୍୧-ବି ଭିସା ଫି' ନିୟମ ସ୍ପଷ୍ଟ କରିଛି। ତଥାପି ଭାରତରେ ଏହାର ପ୍ରଭାବ ଅନୁଭୂତ ହେଉଛି। ବିଶେଷକରି ଯେଉଁମାନେ ସେମାନଙ୍କ ପିଲାମାନଙ୍କୁ ଏନ୍‌ଆର୍‌ଆଇମାନଙ୍କ ସହିତ ବିବାହ କରାଇବାକୁ ଯୋଜନା କରୁଥିଲେ ସେମାନଙ୍କ ମଧ୍ୟରେ ଭୟ ଆହୁରି ଗଭୀର ହୋଇଛି। ଏହାର ଅର୍ଥ ହେଉଛି ଟ୍ରମ୍ପଙ୍କ ଭିସା ବୋମା ଏନ୍‌ଆର୍‌ଆଇ ବରଙ୍କ ଚାହିଦା ହ୍ରାସ କରୁଛି। ବେସ୍ପୋକ୍ ମ୍ୟାଚ୍ ମେକିଂ ସେବା ଭଏଜ୍ ଫର୍ ଇଟରନିଟିର ପ୍ରତିଷ୍ଠାତା ଅନୁରାଧା ଗୁପ୍ତା କହିଛନ୍ତି ଯେ ଟ୍ରମ୍ପଙ୍କ ଭିସା ନିୟମ ଘୋଷଣା ପରେ ଏହି ପରିବର୍ତ୍ତନ ବ୍ୟାପକ ଭାବରେ ଅନୁଭୂତ ହୋଇଛି। ଉଲ୍ଲେଖନୀୟ ଯେ ବିଶ୍ୱର ସବୁଠାରୁ ଅଧିକ ଭାରତୀୟ ପ୍ରବାସୀ ଆମେରିକାରେ ବାସ କରନ୍ତି, ଯେଉଁଥିରେ ପ୍ରାୟ ୨୧ ଲକ୍ଷ ଏନ୍‌ଆର୍‌ଆଇ ଅନ୍ତର୍ଭୁକ୍ତ।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Pranati Samantara, aged about 41 years, W/o- Dillip Baliarsingh, resident of At/Po- Sanapadar, PS- Begunia, Dist- Khordha, PIN- 752064, Odisha declared by this affidavit No. 2025, dtd- 07/10/2025 that now onwards I shall be known as **PRANATI SAMANTARAY** for all future purposes.

**AFFIDAVIT**

By virtue of an affidavit (CF No.99) sworn before The Executive Magistrate, Bhubaneswar dated- 09/06/2025. I, **Budhi Redi,** W/o Balaram Redi, Address: Plot No. 1584, Narayanibasti, Unit-8, Nayapalli, Bhubaneswar, Dist- Khurda, PIN- 751012, Odisha declare that I have changed my minor daughter's name from **Nandini Redi To S.Nandini Reddy.** Henceforth, she shall be known as **S.Nandini Reddy** (new name) for all purposes.

**Budhi Redi**

**AFFIDAVIT**

I, Shakuntala Behera, aged about 63 years, W/o- Ananta Kumar Behera, resident of At- Praharajapur, Muntunia, Dakshinpraharajpur, Raibania, Dist- Baleswar, PIN- 756033, Odisha declared by this affidavit No. 2024, dtd- 07/10/2025 that now onwards I shall be known as **SAKUNTALA BEHERA** for all future purposes.

**Office of District Manager**
**Odisha State Civil Supplies Corporation Ltd. (OSCSC)**
**NABARNGPPUR**
**Phone: 9438200053**
**District Website : nabarangpurnic.in**

CAD-1945

Tender No. **27,28,29,30,31,32,33,34,35 & 36** Dt. 06.10.2025

District Manager, Odisha State Civil Supplies Corporation Ltd, Nabarangpur invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of **(I) Paddy from Paddy Purchase Centres ( PPCs) / Mandis to Rice Mill point( Within or outside district ) & (II) Custom Milled Rice ( CMR) from Rice Mill Points to Rice Receiving Centres ( RRCs)/ Depots (Within or outside district)** |
| 2 | Availability of bid document in the portal | From 09.10.2025 |
| 3 | Last Date / Time for receipt of bids in the portal | Dt 27.10.2025 up to 5.00 P.M. |
| 4 | Date/Time of Opening of Technical Bid | Dt 28.10.2025. at 11.00 AM. |
| 5 | Name and address of the Officer Inviting Tender | District Manager, OSCSC Ltd, Nabarangpur |

Tender Documents & other details can be seen from the e-procurement portal www.oscsc.in, www.foododisha.in &www.tendersodisha.gov.in along with district website. Amendments /corrigendum /cancellation/ retenders etc. if anyshall be published only in above websites.

**District Manager**
**OSCSC Ltd. Nabarangpur**

**OIPR-07045/11/0004/2526**

Government of Odisha
Office of the Superintending Engineer
Rural Works Division-I, Nabarangpur.
e-mail-eerwngp@rediffmail.com

O-857

Letter No. 5271 Date 24.09.2025

**e-Procurement Notice**

Name of the work :- Road Works
Total No of works :- 38 (Thirty Eight) No's.
Approx. Estimated Cost :- Rs. 5.08 lakhs to Rs. 13.56 lakhs
Class of Contractor :- "C" & "D" Class Contractor
Period of completion :- 2 (Two) Calender Months

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | | 4 | 6 | |
| Rural Works Division-I, Nabarangpur | EERWNGP – Online -07/2025-26 | 38 (Thirty Eight) No's. | 10.10.2025 at 10.00 AM | 18.10.2025 up to 03.00 PM | 20.10.2025 at 11.00 AM | |

For Details can be seen from the Government website www.tendersorissa.gov.in

Executive Engineer
Rural Works Division-I, Nabarangpur

**OIPR-25092/11/0022/2526**

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ବାଲୁଗାଁ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲୁଗାଁ ଶାଖାର** ଋଣଗ୍ରହୀତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାଲୁଗାଁ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ବିଶ୍ୱମ୍ଭର ବିଶୋଇ,** ପିତା: ମୋହନ ବିଶୋଇ / **କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା: ଶ୍ରୀ ଅରବିନ୍ଦ ପାଇକରାୟ,** ପିତା: ଭାଗିରଥି ପାଇକରାୟ, ଉଭୟଙ୍କ ଠିକଣା- ସା: ବ୍ରାହ୍ମଣଦେଇପୁର, ଆଙ୍ଗୁଲା, ବାଲୁଗାଁ, ଖୋର୍ଦ୍ଧା-୭୫୨୦୩୦ | ମିଆଦୀ ଋଣ | ୨୯.୦୮.୨୦୨୨ / ୦୬.୧୦.୨୦୨୫ / ୩୦.୦୯.୨୦୨୫ ସୁଦ୍ଧା ଟ.୯,୨୯,୨୯୫.୬୧ | ଶ୍ରୀ ବିଶ୍ୱମ୍ଭର ବିଶୋଇଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୮୦/୬୦୧, କ୍ଷେତ୍ର: ଏକର୦.୦୪୩ ଡିସିମିଲି, ପ୍ଲଟ୍ ନଂ.: ୭୬, କ୍ଷେତ୍ର: ଏକର୦.୦୧୫ ଡିସିମିଲି, ପ୍ଲଟ୍ ନଂ.: ୭୧, କ୍ଷେତ୍ର: ଏକର୦.୦୭୩ ଡିସିମିଲି, ପ୍ଲଟ୍ ନଂ.: ୭୦, କ୍ଷେତ୍ର: ଏକର୦.୦୪୨ ଡିସିମିଲି, ପ୍ଲଟ୍ ନଂ.: ୬୯/୭୦୦, କ୍ଷେତ୍ର: ଏକର୧.୨୪୪ ଡିସିମିଲି, ପ୍ଲଟ୍ ନଂ.: ୬୮, କ୍ଷେତ୍ର: ଏକର୦.୦୯୬ ଡିସିମିଲି, ଖାତା ନଂ.: ୨୪୦/୪୨ (ସମୁଦାୟ ୬ଟି ପ୍ଲଟ୍), **ସମୁଦାୟ କ୍ଷେତ୍ର: ଏକର୧.୫୧୩ ଡିସିମିଲି,** ମୌଜା: ବ୍ରାହ୍ମଣଦେଇପୁର, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୮.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

### ଉଦୟପୁର ଗ୍ରାମର ୩୦୦ ପରିବାର ଜଳବନ୍ଦୀ ଘଟଣା

# ଶୁଣିଲାନି ପ୍ରଶାସନ; ପାଣି ନିଷ୍କାସନ ବ୍ୟବସ୍ଥା କଲେ ଗ୍ରାମବାସୀ

ଚନ୍ଦନେଶ୍ୱର, ୮।୧୦(ସମିସ)




ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ସୀମାନ୍ତ ସାହାବାଜିପୁର ଗ୍ରାମପଞ୍ଚାୟତ ଉଦୟପୁର ଗାଁରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଦୀର୍ଘ ୧ ମାସ ହେବ ପ୍ରାୟ ୩୦୦ ପରିବାର ପାଣି ଘେରରେ ରହି ନାହିଁ ନ ଥିବା ସମସ୍ୟା ଭୋଗୁଥିଲେ। ପଡୋଶୀ ପଶ୍ଚିମବଙ୍ଗ ପଟଦେଇ ପାଣି ନିଷ୍କାସିତ ହେଉଥିବା ନାଳଟି ବନ୍ଦ ହେବା ଫଳରେ ଏଭଳି ସମସ୍ୟା ଉପୁଜିଥିଲା। ଘରଦ୍ୱାର, ରାସ୍ତାଘାଟ, ରୋଷେଇଘର ଓ ଶୌଚାଳୟ ଆଦି ପାଣି ଘେରରେ ରହିଥିବା ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିଲେ। ଏ ବିଷୟରେ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ନ ଶୁଣିବାରୁ ସାହାବାଜିପୁର ଗ୍ରାମପଞ୍ଚାୟତ ସରପଞ୍ଚ ଅରୁଣ କୁମାର ଗିରି ଓ ଗ୍ରାମବାସୀ ଏକ ଜେସିବି ସାହାଯ୍ୟରେ ନାଳ ଖୋଲି ସମୁଦ୍ରକୁ ପାଣି ନିଷ୍କାସନ କରିଥିଲେ। ସମ୍ପୂର୍ଣ୍ଣ ପାଣି ନିଷ୍କାସନ ହୋଇ ନ ଥିବାରୁ ଆଜି ସକାଳେ ପୁଣି ସହାବାଜିପୁର ଗ୍ରାମପଞ୍ଚାୟତର ସମିତିସଭ୍ୟ ତରଣିକାନ୍ତ ସେନାପତି ଏବଂ ତାଙ୍କ ସହଯୋଗୀ ଜେସିବିରେ ନାଳ ଖୋଲି ପାଣି ନିଷ୍କାସନ କରିଛନ୍ତି। ଉକ୍ତ ଘଟଣାକୁ ଗ୍ରାମବାସୀଙ୍କ ସମେତ ସବୁ ମୋହଲରେ ପ୍ରଶଂସା କରାଯାଇଛି । ମାତ୍ର ସ୍ଥାୟୀ ଭାବେ ପାଣି ନିଷ୍କାସନ ବ୍ୟବସ୍ଥା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## କ୍ଲବ ଘରେ ଭଙ୍ଗାରୁଜା ଓ ଚୋରି ଅଭିଯୋଗ

ରାଜଘାଟ, ୮।୧୦ (ସମିସ): ବସ୍ତା ଥାନା ଅଧୀନ ଅମର୍ଦ୍ଦାରୋଡ ପୁଲିସ ଫାଣ୍ଡି ଅନ୍ତର୍ଗତ ଭେଲୋରାସ୍ଥିତ ୟଙ୍ଗ ଷ୍ଟାର କ୍ଲବ ଘରୁ ବୁଧବାର ପୂର୍ବାହ୍ଣରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଆଜି ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ଭେଲୋରା ଅଞ୍ଚଳର ଦୁଇ ଯୁବକ ମନ୍ମଥ ଦାସ ଓ ଅଂଶୁମାନ ପ୍ରଧାନ ଉକ୍ତ କ୍ଲବ ଘର ନିକଟରେ ପହଞ୍ଚି ସଟରର ତାଲାକୁ ଭାଙ୍ଗିଦେଇଥିଲେ। ପରେ ଦୁହେଁ ଭିତରକୁ ପ୍ରବେଶ କରି କିଛି ଆସବାବପତ୍ରକୁ ଭଙ୍ଗାରୁଜା କରିବା ସହ ଅନ୍ୟ କିଛି ଜିନିଷକୁ ଚୋରାଇ ନେଇଥିଲେ। କ୍ଲବ ସଭାପତି ଗୌରୀଶଙ୍କର ଜେନା ଖବର ପାଇ ସେଠାରେ ପହଞ୍ଚିଥିଲେ। ଏସବୁ କାଣ୍ଡ ଉକ୍ତ ଯୁବକ ଦ୍ୱୟ ଭିଆଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଶୁଣିବା ପରେ ଶ୍ରୀ ଜେନା ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବାର ଜଣାପଡ଼ିଛି। ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଅପରପକ୍ଷରେ ଉକ୍ତ ଦୁଇ ଯୁବକ ନିଜ ପ୍ରତିକ୍ରିୟାରେ ଚୋରି ଅଭିଯୋଗକୁ ଖଣ୍ଡନ କରିବା ସହ ବଜାର କମିଟି ଅଧିନ ଉକ୍ତ ଘରକୁ ୟଙ୍ଗ୍ ଷ୍ଟାର କ୍ଲବ୍ ମାସେ ହେବ ଅନଧିକୃତ ଭାବେ ତାଲା ପକାଇଥିଲେ, ଯାହାକୁ ବଜାର କମିଟି ପକ୍ଷରୁ ଭଙ୍ଗା ଯାଇଥିବା ପ୍ରକାଶ କରିଛନ୍ତି।

## ବାଲି ଡମ୍ଫରକୁ ଧରିଲାବେଳେ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ




ଜଳେଶ୍ୱର ୮।୧୦(ସମିସ): ସୁବର୍ଣ୍ଣରେଖା ନଦୀରୁ ଚୋରାବାଲି ଉତ୍ତୋଳନ ପରେ ଚାଲାଣ ହେଉଥିବା ଖବର ପାଇ ମଙ୍ଗଳବାର ରାତ୍ରି ୩ଟା ବେଳେ ତହସିଲଦାର ସତ୍ୟଜିତ୍ ମହାନ୍ତି ମୁଣ୍ଡୁଣିଆ ଅଂଚଳକୁ ଗସ୍ତ କରିଥିଲେ। ରାସ୍ତାରେ ଓଡ଼ି୨୨-ଏଏ-୯୦୬୦ ଓ ଓଡ଼ି୨୨-ଜେଡ୍-୦୨୮୫ ଦୁଇଗୋଟି ଡମ୍ଫର ଦ୍ରୁତ ଗତିରେ ପଶ୍ଚିମବଂଗ ମୁହାଁ ଯାଉଥିବା ବେଳେ ତହସିଲଦାର ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଡମ୍ଫର ଡ୍ରାଇଭର ତହସିଲଦାରଙ୍କୁ ଚପାଇ ଦେବାକୁ ଚେଷ୍ଟା କରିଥିଲେ। ତହସିଲଦାରଙ୍କ ଗାଡି ଗୋଡାଇବା ପରେ ଡମ୍ଫର ଗୁଡିକୁ ଛାଡି ଡ୍ରାଇଭର ଓ ହେଲପର ପଳାଇ ଯାଇଥିବା ଜଣାଯାଇଛି। ନାମ୍ପୋ ଆରଆଇ ରଂଜନ କୁମାର ପାଣି ଓ ଗୋବରଘଟା ଆରଆଇ ଜଗନ୍ନାଥ ପାତ୍ର ଏହି ଚଢାଉରେ ସାମିଲ ହୋଇଥିଲେ। ବର୍ଷାଦିନରେ ନଦୀରେ ପାଣି ରହିଥିବା ବେଳେ ନୌକା ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଜମା ହେବାପରେ ସେଗୁଡିକୁ ଡମ୍ଫର ସାହାଯ୍ୟରେ ପଶ୍ଚିମବଂଗକୁ ଚୋରା ଚାଲାଣ କରାଯାଇ ଆସୁଛି। ପ୍ରତିଦିନ କୋଟି କୋଟି ଟଙ୍କାର ଲଘୁଖଣିଜଦ୍ରବ୍ୟ ଚୋରା ଚାଲାଣ ହେଉଥିବା ବେଳେ ଏହାର କୌଣସି ସ୍ଥାୟୀ ପ୍ରତିକାର କରାଯାଇ ପାରୁ ନାହିଁ। ଏ ସଂପର୍କରେ ରାଇବଣିଆ ଥାନା, ଆର୍‌ଟିଓ ଓ ଜିଲାପାଳଙ୍କୁ ଅବଗତ କରାଯାଇଥିବା ତହସିଲଦାର ଶ୍ରୀ ମହାନ୍ତି କହିଛନ୍ତି।

## ଏଏନ୍‌ଏମ୍ ସେଣ୍ଟର ନିର୍ମାଣ ପାଇଁ ଜାଗା ଚିହ୍ନଟ

ଚନ୍ଦନେଶ୍ୱର, ୮।୧୦(ସମିସ) : ଭୋଗରାଇର ସାହାବାଜିପୁର ପଞ୍ଚାୟତରେ ଏଏନଏମ ସେଣ୍ଟର ନିର୍ମଣ ପାଇଁ ଜାଗା ଚିହ୍ନଟ ହୋଇ ଯାଇଛି। ପଂଚାୟତ ଅଧୀନ ଉଦୟପୁର ଗାଁରେ ବିସ୍ତୀର୍ଣ୍ଣ ସରକାରୀ ଜାଗାରେ ଏହି କେନ୍ଦ୍ର ନିର୍ମାଣ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ସରପଂଚ ଅରୁଣ କୁମାର ଗିରିଙ୍କ ଉଦ୍ୟମରେ ଏହି ଉନ୍ନୟନ ମୂଳକ କାର୍ଯ୍ୟ ସମ୍ଭବ ହେବାକୁ ଯାଉଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି।



୩୨ ପଂଚାୟତ ବିଶିଷ୍ଟ ଭୋଗରାଇ ବ୍ଲକକୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସ୍ୱର୍ଗତ ଅନନ୍ତ ଦାସଙ୍କ ଉଦ୍ୟମରେ ୫୦ ପଂଚାୟତରେ ପରିଣତ କରାଗଲା। ଏହି କ୍ରମରେ ୨୦୧୭ ମସିହାରେ ସାହାବାଜିପୁର ଏକ ନୂତନ ପଂଚାୟତ ଭାବେ ମାନ୍ୟତା ପାଇଲା। ମାତ୍ର ପଂଚାୟତର ଆବଶ୍ୟକୀୟ ଭିତ୍ତିଭୂମି ଏବଂ ସର୍ବାଙ୍ଗୀନ ଉନ୍ନତିର ମଙ୍ଗ ଶ୍ରୀ ଗିରି ଧରି ଆସୁଛନ୍ତି। ସରକାରଙ୍କ ପକ୍ଷରୁ ପ୍ରାୟ ୩୨ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଏକ ଏଏନଏମ ସେଣ୍ଟର ନିର୍ମାଣ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ବାଜିତପୁର ରାଜସ୍ୱ ନିରୀକ୍ଷକ ପ୍ରମୋଦ କୃଷ୍ଣ ସୋରେନ ଗାଁକୁ ଯାଇ ଜାଗା ଚିହ୍ନଟ କରିଛନ୍ତି ତେବେ ଦୀର୍ଘ ବର୍ଷ ହେବ ପଂଚାୟତର ଗର୍ଭବତୀ ମହିଳାଙ୍କ ଠାରୁ ଆରମ୍ଭ କରି ଛୋଟ ପିଲାମାନେ ପଡୋଶୀ ବାଜିତପୁର କେନ୍ଦ୍ର ଉପରେ ନିର୍ଭର କରିବା ସହିତ ପୋଲିଓ ଠାରୁ ଆରମ୍ଭ କରି ସବୁକିଛିରେ ହଇରାଣ ହେଉଥିଲେ। ସ୍ଥାୟୀ ଘର ହେଲେ ସେ ସବୁକିଛିର ସମାଧାନ ହୋଇଯିବ ବୋଲି ସରପଞ୍ଚ ଶ୍ରୀ ଗିରି ପ୍ରକାଶ କରିଛନ୍ତି।

## ମହିଳାଙ୍କ ଗୋଡ଼ ଉପରେ ଚଢ଼ିଗଲା ପିକ୍‌ଅପ୍ ଭ୍ୟାନ

ନୀଳଗିରି, ୮।୧୦ (ସମିସ): ମହିଳାଙ୍କ ଗୋଡ଼ ଉପରେ ଚଢ଼ିଗଲା ପିକଅପ ଭ୍ୟାନ, ରକ୍ତ ରଞ୍ଜିତ ହେଲା ରାଜରାସ୍ତା। ଏଭଳି ଘଟଣା ବୁଧବାର ନୀଳଗିରି-ପଞ୍ଚଲିଙ୍ଗେଶ୍ୱର (ପି.ଡବ୍ଲ୍ୟୁ.ଡି) ରାସ୍ତାରେ ଘଟିଛି। ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ରାଉଳଖୁଣ୍ଟା ଗ୍ରାମର ମୁରଲୀଧର ନାୟକଙ୍କ ଝିଅ ସେବତୀ ସ୍କୁଟିରେ ନୀଳଗିରିରୁ ଘରକୁ ଫେରୁଥିଲେ। ଗୋପଛକ ସ୍କୁଲ ନିକଟରେ ରାସ୍ତା ଖରାପ କାରଣରୁ ଭାରସାମ୍ୟ ହରାଇ ତଳେ ଛିଟିକି ପଡ଼ିଥିଲେ। ସେହି ସମୟରେ ପଛରୁ ଆସୁଥିବା ଏକ ପିକଅପ ଭ୍ୟାନ ତାଙ୍କ ଗୋଡ ଉପରେ ଚଢ଼ି ଯାଇଥିଲା। ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କୁ ଗୁରୁତର ଭାବେ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଜୀବନ ପ୍ରତି ବିପଦ ଥିବାରୁ ଗୋଡ଼ଟି କଟାଯିବ ବୋଲି ଜଣାପଡିଛି। ନୀଳଗିରି ପଞ୍ଚଲିଙ୍ଗେଶ୍ୱର ବଉଳଗଡିଆ (ପି.ଡବ୍ଲ୍ୟୁ.ଡି) ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଯୋଗ କରୁଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ ପିଠକୁ। ମାତ୍ର ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ପାଇଁ ସରକାର ଉଦାସୀନ ରହିବା ପରିତାପର ବିଷୟ। ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି ସରକାର।

## ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ




ନୀଳଗିରି, ୮।୧୦ (ସମିସ): କୁଲଡିହା ବନ ବିଭାଗ ତରଫରୁ ୭୧ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଶ୍ୟାମସୁନ୍ଦରପୁର ପଞ୍ଚାୟତର ଦଳଦଳି ଗ୍ରାମର ବୁଧବାର ସକାଳ ୧୦ଟାରେ ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷିକେଶ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ନୀଳଗିରି ତହସିଲଦାର ସୋନମ ଦାସ, ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ ସେଠି, ସମିତିସଭ୍ୟ ଭୋଳାନାଥ ମାଝି, କୁଲଡିହା ରେଞ୍ଜର ସୁବ୍ରତ୍ ବେହେରା, ନୀଳଗିରିର ଯୁବ ଉଦ୍ୟୋଗୀ, ପରିବେଶବିତ ତଥା ଫରେଷ୍ଟଗାଇଡ ମନୋରଞ୍ଜନ ଦାସ, କମଳ ଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ବନବିଭାଗ ବିଭିନ୍ନ ସମୟରେ ଜୀବନକୁ ବାଜିଲଗାଇ କର୍ତ୍ତବ୍ୟ ସୂଚାର ରୁପେ ସଂପାଦନ କରିଥିବାରୁ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସହିତ ସବୁଜ ବାହିନୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ସହାୟତା ପ୍ରତିଶ୍ରୁତି

ଜଳେଶ୍ୱର ବ୍ଲକ, ୮।୧୦(ସମିସ): ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଜଳେଶ୍ୱର ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ଖୁଆଡ ପଞ୍ଚାୟତ ପୁରୁଣାପାଣି ଗ୍ରାମସ୍ଥିତ ପ୍ରୟାସ ବରିଷ୍ଠ ନାଗରିକ ଆବାସସ୍ଥଳୀରେ ପହଞ୍ଚି ସେଠାରେ ଥିବା ୨୫ ଜଣ ବରିଷ୍ଠ ନାଗରିକମାନଙ୍କ ସହିତ ସେମାନଙ୍କର ଦୁଃଖସୁଖ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କ ମଧ୍ୟରେ ଦୁଇ ଜଣ ବ୍ୟକ୍ତିର କିପରି ଖୁବ୍ ଶୀଘ୍ର ବାର୍ଦ୍ଧକ୍ୟ ଭତ୍ତା ସାଙ୍ଗକୁ କାନକୁ ଶୁଭୁନଥିବା, ଆଖିକୁ ଭଲ ଦେଖା ଯାଉନଥିବା ଓ ଚଲାବୁଲା କରିପାରୁନଥିବାରୁ ବ୍ୟକ୍ତିମାନଙ୍କୁ କିପରି ସରକାରୀ ସହାୟତା ଯୋଗାଇ ଦିଆ ଯାଇ ପାରିବ ସେ ନେଇ ଆଲୋଚନା କରିବା ସହିତ ବିଭିନ୍ନ ପ୍ରକାର ଫଳ ବଣ୍ଟନ କରିଥିଲେ। ଏ ନେଇ ପ୍ରୟାସ ବରିଷ୍ଠ ନାଗରିକ ଆବାସସ୍ଥଳୀର ସମ୍ପାଦକ ଜୀବନ ରଞ୍ଜନ ମଲ୍ଲିକ ତାଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ବାଲେଶ୍ୱରରେ ତୀବ୍ର ନିନ୍ଦା

ବାଲେଶ୍ୱର, ୮।୧୦(ସମିସ): ଆଇନଜୀବୀ ତଥା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିବା ଘଟଣା ପ୍ରତିବାଦରେ ବୁଧବାର ସାରା ରାଜ୍ୟର ଆଇନଜୀବୀମାନେ ସମ୍ପୂର୍ଣ୍ଣ କଲମ ଛାଡ଼ ଆନ୍ଦୋଳନ କରିବାକୁ ରାଜ୍ୟ ବାର କାଉନସିଲ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି କ୍ରମେ ଆଜି ବାଲେଶ୍ୱର ବାର୍ ଆସୋସିଏନସନ ପକ୍ଷରୁ କଲମ ଛାଡ଼ ଆନ୍ଦୋଳନ କରାଯାଇଥିଲା। ସଭାପତି କେଶବ ଚନ୍ଦ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ବୈଠକ ବସିଥିଲା। ପରେ ଶ୍ରୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଆଇନଜୀବୀମାନେ ଏହି ଦିନିକିଆ ଆନ୍ଦୋଳନରେ ସାମିଲ ହୋଇଥିଲେ। ଆଜି ସକାଳେ ଅନୁଷ୍ଠିତ ଏହି ଆନ୍ଦୋଳନରେ ଉକ୍ତ ଘଟଣାକୁ ତୀବ୍ର ନିନ୍ଦା କରାଯାଇଥିଲା। ଏହା ବ୍ୟତୀତ ୪୮ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ, ମୃତ ଆଇନଜୀବୀଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ, ତଦନ୍ତ ପାଇଁ ଉଚ୍ଚସ୍ତରୀୟ ବିଚାରବିଭାଗୀୟ କମିସନ ଗଠନ ପାଇଁ ମଧ୍ୟ ଦାବି କରାଯାଇଥିଲା। ପୂର୍ବତନ ବାର୍ ସଭାପତି ମନୋଜ କୁମାର ନାୟକଙ୍କ ସମେତ ବାର୍ ଆସୋସିଏସନର ସମସ୍ତ ସଦସ୍ୟ ଏଥିରେ ଯୋଗ ଦେଇଥିଲେ।

## ଦେଶୀ ମଦ କାରଖାନା ଉପରେ ଚଢ଼ଉ

ବହସାହି, ୮।୧୦(ସମିସ): ବଡସାହି ଥାନା ଯଦୁନାଥପୁର ଗ୍ରାମର ପ୍ରଚୁର ବେଆଇନ ଚୋରା ଦେଶୀ ମଦ କାରଖାନା ଚାଲୁଥିବାର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢଉ କରିଛି। ଫଳରେ ଘଟଣାସ୍ଥଳରୁ ୫୦୦ କେ.ଜି ପୋଚ, ୨୦୦ଲିଟର ରନ୍ଧା ମଦ ଓ ବ୍ୟାପକ ମଦ ପ୍ରସ୍ତୁତ ସରଞ୍ଜାମ ଜବତ କରାଯାଇଛି। ମାତ୍ର ଅଭିଯୁକ୍ତମାନେ ଖସି ଯିବାରେ ସଫଳ ହୋଇଥିବା ବେଳେ ଏ ସଂକ୍ରାନ୍ତରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ୩ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ନେଇ ଅସନ୍ତୋଷ




ଭୋଗରାଇ, ୮।୧୦(ସମିସ): ଭୋଗରାଇ ବ୍ଲକ କଖଡ଼ା ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ଥିବା ୪ଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୩ଟି ଅଙ୍ଗନବାଡି ବନ୍ଦ ଥିବା ଅଭିଯୋଗ ହୋଇଛି। ଯାହା ଫଳରେ କୁନିକୁନି ପିଲାମାନେ ଆସି ଫେରି ଯାଇଥିଲେ। ଏ ବାବଦରେ ଆଜି ଗ୍ରାମବାସୀ ସିଡ଼ିପିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ପୁରୁଷୋତ୍ତମପୁର ଗ୍ରାମରେଥିବା ୩ଟି କେନ୍ଦ୍ର ଯଥା ଅଙ୍ଗନବାଡ଼ି-ଏ, ଅଙ୍ଗନବାଡ଼ି-ବି ଓ ଅଙ୍ଗନବାଡ଼ି -ବି ୧ କେନ୍ଦ୍ର ମଙ୍ଗଳବାର ବନ୍ଦ ରହିଥିଲା। ଯାହାଫଳରେ କୁନିକୁନି ପିଲାମାନେ ସେଠାକୁ ଆସି ଅଙ୍ଗନବାଡି କେନ୍ଦ୍ର ବନ୍ଦଥିବା ଦେଖି ନିରାଶ ହୋଇ ଫେରିଥିଲେ। ମଙ୍ଗଳବାର ଭୋଗରାଇ ବ୍ଲକର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଖୋଲାଥିଲାବେଳେ ନିର୍ଦ୍ଦିଷ୍ଟ ୩ଟି ଅଙ୍ଗନବାଡି କେନ୍ଦ୍ରର ଶିକ୍ଷୟିତ୍ରୀ ଅଙ୍ଗନବାଡ଼ି -ଏ କେନ୍ଦ୍ରର ମାନସୀ କୁଣ୍ଡୁ, ଅଙ୍ଗନବାଡ଼ି -ବି କେନ୍ଦ୍ରର କାଞ୍ଚନ ଚାନ୍ଦ ଓ ଅଙ୍ଗନବାଡ଼ି -ବି ୧ କେନ୍ଦ୍ରର ଉକ୍ଲିମାନ ଖାତୁନ କୌଣସି କାରଣ ନ ଦର୍ଶାଇ କେନ୍ଦ୍ରରେ ତାଲା ପକାଇ ରଖିଥିଲେ। ଏ ନେଇ ବୁଧବାର ଗ୍ରାମବାସୀ ବିଜୟ କୁମାର ବାରିକ, ଅଶୋକ ଦାସ, ସୁମନ ମହାନ୍ତି,ସୁମନ ଦାସ, ବନମାଳୀ ଆଧେକ, ବିଶ୍ୱଜିତ ବୋଷ୍ଟ ପ୍ରମୁଖ ଭୋଗରାଇ ସିଡ଼ିପିଓ ପବିତ୍ରା ହାଜିରାଙ୍କ ପାଖରେ ଅଭିଯୋଗ କରିଛନ୍ତି। ଏ ବାବଦରେ ଭୋଗରାଇ ସିଡ଼ିପିଓ ଶ୍ରୀମତୀ ହାଜିରାଙ୍କୁ ପଚାରିବାରୁ ସେ କହିଥିଲେ ଯେ ଯଦି ବିନା ସୂଚନାରେ ଅଙ୍ଗନବାଡି ଗୁଡିକ ବନ୍ଦ ଥିଲା ତେବେ ସେଗୁଡିକ ତଦନ୍ତ କରି ଆଇନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ବାଲି ବୋଝେଇ ପିକ୍‌ଅପ୍ ଜବତ; ଚାଳକ ଗିରଫ

ବାରିପଦା, ୮।୧୦(ସମିସ): ଭଞ୍ଜପୁର ଥାନା ପୁଲିସ ଏକ ବାଲି ବୋଝେଇ ପିକଅପ ଭ୍ୟାନ୍‌କୁ ଜବତ କରିବା ସହିତ ଚାଳକକୁ ଗିରଫ କରିଛି। ଗିରଫ ଚାଳକ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ଚିପଟ ଅସ୍ତିଆ ଗ୍ରାମର ସେକ ଅଲତାଫ। ବେଲଗଡ଼ିଆ- ଜିଲ୍ଲାପାଳଙ୍କ ସରକାରୀ ବାସଭବନ- ଭଞ୍ଜପୁର ରାସ୍ତାର ବିଜୁ ପଟ୍ଟନାୟକ ପାର୍କ ନିକଟରେ ଦ୍ରୁତଗତିରେ ଆସୁଥିବା ବାଲିବୋଝେଇ ଭ୍ୟାନକୁ ଅଟକାଇ ପୁଲିସ ପଚରାଉଚରା କରିବାରୁ ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଚାଳକ କହିବାରୁ ତାଙ୍କୁ ଗିରଫ ସହ ଭ୍ୟାନକୁ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ନୀଳଗିରିରେ ରାବଣ ପୋଡ଼ି ଉତ୍ସବ




ନୀଳଗିରି, ୮।୧୦ (ସମିସ): ନୀଳଗିରି ଷ୍ଟାଡିୟମ ପଡ଼ିଆ ପରିସରରେ ଚଳିତ ବର୍ଷ ୪୧ ତମ ରାବଣ ପୋଡ଼ି ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ପୂର୍ବତନ ବିଧାୟକ ତଥା ରାବଣପୋଡି କମିଟିର ସଭାପତି ଅକ୍ଷୟ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଉକ୍ତ ଉତ୍ସବର ଆୟୋଜନ କରାଯାଇଥିଲା। ଏକ ବିରାଟକାୟ ରାବଣ ମୂର୍ତ୍ତି ପ୍ରସ୍ତୁତ କରାଯାଇ ଥିଲା। ଏହି ଉତ୍ସବ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ପ୍ରାୟ ୧୦ ହଜାର ରୁ ଊର୍ଦ୍ଧ୍ୱ ଉତ୍ସବ ପ୍ରେମୀ ଯୋଗ ଦେଇ ଥିବା ଦେଖାଯାଇଛି। ଅନ୍ୟତମ ବରିଷ୍ଠ ସଦସ୍ୟ ସଦାଶିବ ରଥ, ସାମ୍ବାଦିକ ବ୍ରଜକିଶୋର ପାଣି, ପ୍ରଫୁଲ୍ଲ କୁମାର ମହାନ୍ତି, କମିଟିର ସାଧାରଣ ସମ୍ପାଦକ ଦିବ୍ୟଜ୍ୟୋତି ଆଚାର୍ଯ୍ୟ, ଉପସଭାପତି ଦୈତାରି ମହାଲିକ, ବିଶ୍ୱନାଥ ଦାସ, ସହସମ୍ପାଦକ ଉତ୍ପଳ ଦେବ ଗୋସ୍ୱାମି ପ୍ରମୁଖ ମଞ୍ଚାସୀନ ହୋଇ ରାବଣ ପୋଡି ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ଥାନୀୟ ନଟରାଜ ସଂଗୀତ କଳାକେନ୍ଦ୍ରର କୁନି କୁନି ପିଲାଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା।

## ଧାନ ବିଲ ପାଣିରେ ପଡ଼ି ଯୁବତୀ ମୃତ

ମହୁଲଡିହା, ୮।୧୦(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସାଲେଇବେଡା ଗ୍ରାମର ସ୍ୱର୍ଗତ ଗୋପାଳ କେରାଇଙ୍କ ଝିଅ ଗୁରୁବାରୀ (୨୫) ଗତକାଲି ଅପରାହ୍ଣରେ ନିଜ ଧାନ ବିଲକୁ ଯାଇଥିବାବେଳେ ସେଠାରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଗ୍ରାମବାସୀ ଖବର ପାଇ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେ ଗହୀର ଧାନ ବିଲରେ ମାଛ ଧରିବାକୁ ଖଇଞ୍ଚି ବସାଇଛନ୍ତି। ଛାଡପଟାରୁ ଡେଇଁ ଆର ପଟକୁ ପାର ହେଉଥିବା ବେଳେ ଗୋଡ ଖସି ଗୁରୁବାରୀର ମୁଣ୍ଡଛାଡ ପଟା ଭିତରକୁ ପଶିଯାଇ ବାହାରି ନ ପାରିବାରୁ ମୁଣ୍ଡଟି ପାଣି ଭିତରେ ରହିଗଲା। ଫଳରେ ପାଣି ନାକ ଏବଂ ପାଟିରେ ପାଣି ପଶିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି।

## କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ

ଜଳେଶ୍ୱର ବ୍ଲକ, ୮।୧୦ (ସମିସ): ଜଳେଶ୍ୱର ପଞ୍ଚାୟତ ସମିତି କକ୍ଷ ପରିସରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷଙ୍କ ଅଧ୍ୟକ୍ଷତା କରିଥିଲେ। ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ ଜେନା, ରାଇବଣିଆ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସୁର୍, ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ, ଜଳେଶ୍ୱର ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଆର୍. କେ ସରକାରୀ ଉଚ୍ଚ ବିଦ୍ୟାଳୟ ଜଳେଶ୍ୱର ଛାତ୍ରୀ କ୍ରିଷ୍ଣାଜଳି ପ୍ରଧାନ ଓ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଫୁଲରା ଣୀ ଭଞ୍ଜ, ଦୀପିକା ସାସମଲ ଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଛି।




## ଜଳେଶ୍ୱର ସହର

# ମୁଖ୍ୟ ରାସ୍ତାପାର୍ଶ୍ୱରୁ ଉଠାଦୋକାନୀଙ୍କୁ ଉଚ୍ଛେଦ ଦାବି

ଜଳେଶ୍ୱର, ୮।୧୦ (ସମିସ)



ଜଳେଶ୍ୱର ସହରରେ ଦିନକୁ ଦିନ ସରକାରୀ ଜାଗା ଓ ମୁଖ୍ୟ ରାସ୍ତା କଡ ଅବରୋଧ ବଢ଼ିବାରେ ଲାଗିଛି। ଜଳେଶ୍ୱର ପୌରପାଳିକା ତଥା ତହସିଲ ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଉଠାଦୋକାନୀମାନଙ୍କ ଦ୍ୱାରା ସହରର ବଡ ବଜାର ଠାରୁ ଷ୍ଟେସନ ବଜାର ପର୍ଯ୍ୟନ୍ତ ରାସ୍ତା କଡ ଧିରେ ଧିରେ ସଙ୍କୁଚିତ ହେବାରେ ଲାଗିଛି। ଜଳେଶ୍ୱରରେ ସ୍ଥାୟୀ ମାଛ ମାର୍କେଟ ରହିଥିବା ବେଳେ ବାରମୁହାଁ ପୋଲର ବଡବଜାର ଛକ ନିକଟରେ ଧିରେଧିରେ ମାଛ ଦୋକାନୀମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି ପୋଲ ଉପରେ ପ୍ରଥମେ ପ୍ରଥମେ ଗୋଟିଏ ଗୋଟିଏ ଫଳ ଦୋକାନ ବସୁଥିବାବେଳେ ଏବେ ବହୁ ସଂଖ୍ୟାରେ ଫଳ ଦୋକାନ ବସିବା ସହିତ ପୋଲର ଅପର ପାର୍ଶ୍ୱକୁ କିଛି ରେଡିମେଣ୍ଟ ଦୋକାନୀ ସ୍ଥାୟୀ ଭାବରେ ଜବରଦଖଲ କରି ଦୋକାନ କରିଥିବାର ଦେଖିବାକୁ ମିଳୁଛି। ପ୍ରଶାସନିକ ସ୍ତରରେ କୌଣସୀ ପ୍ରଭାବ ନ ରହୁଥିବାରୁ ଧିରେଧିରେ ଜବରଦଖଲ ବଢ଼ିବା ଦ୍ୱାରା ଲୋକଙ୍କ ଯାତାୟତରେ ବହୁ ଅସୁବିଧା ହେବା ସହିତ ପ୍ରତିଦିନ ସକାଳେ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ହୋଇ ରହୁଛି। ପୋଲ ଉପରେ ବ୍ୟବସାୟୀମାନେ ବଡବଡ ଗାଡି ରଖି ବ୍ୟବସାୟ କରିବା ସହିତ ଦିନରାତ୍ରୀ ଗାଡି ପାର୍କିଂ କରି ରାସ୍ତା ସଙ୍କୁଚିତ କରୁଛନ୍ତି। ଏହି ସବୁକୁ ନଜରରେ ରଖି ଜଳେଶ୍ୱର ୧୧ନଂ ୱାର୍ଡର ବାସିନ୍ଦାମାନେ ଜଳେଶ୍ୱର ପୌର କାର୍ଯ୍ୟନର୍ବାହୀ ଅଧିକାରୀଙ୍କ ଠାରେ ଉଚ୍ଛେଦ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରିବା ସହିତ ଲୋକଙ୍କ ଯିବା ଆସିବାକୁ ସୁବିଧା କରିବା ପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ଜିଲ୍ଲାପାଳ ଓ ତହସିଲଦାରଙ୍କ ଗୋଚରାର୍ଥେ ପଠାଯାଇଥିବା ସୂଚନା ଦେଇଛନ୍ତି।

## ବଜ୍ରପାତରେ ଯୁବକ ମୃତ

ବଡସାହି,୮।୧୦(ସମିସ): ବଡସାହି ଥାନା ଅଧୀନ ଭୀମଦା ପଞ୍ଚାୟତ ଅର୍ଜୁନବାରିଆ ଗ୍ରାମରେ ଜଣେ ଯୁବକ ବିଲରେ କାମ କରୁଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହେବାରୁ ଗୁରୁତର ଆହତ ହୋଇପଡିଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ଉଦ୍ଧାର କରି ମାଣତ୍ରୀ ଡାକ୍ତରଖାନରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର ମଦନ ସିଂର ପୁଅ ବାପି ସିଂ(୩୦)। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ମହୁଲି ମଦ ଜବତ; ଜଣେ ଗିରଫ

ମହୁଲଡିହା, ୮।୧୦(ସମିସ): ଠାକୁରମୁଣ୍ଡା ଅବକାରୀ ବିଭାଗ ଚଢ଼ଉ କରି ୨୫୦୦ କେଜି ମହୁଲ ପୋଚ ଏବଂ ୭୦ ଲିଟର ମହୁଲି ମଦ ନଷ୍ଟ କରିବା ସହିତ ଜଣକୁ ଗିରଫ କରିଛି। ଗିରଫ ଜଣକ ହେଲେ ମଙ୍ଗଲୁ ସୁଣ୍ଡି (୩୦)। ସେହିପରି ବାଲଡିହା ନାଳକୂଳରେ ମଦ ରନ୍ଧାଯାଉଥିବା ଖବର ପାଇ ଅବକାରୀ ବିଭାଗ ଚଢଉ କରିଥିଲା। ମାତ୍ର ଅବକାରୀ ବିଭାଗଙ୍କୁ ଦେଖି ମଦ ରାନ୍ଧୁଥିବା ଲୋକେ ଫେରାର ହୋଇଯାଇଥିଲେ। ପରେ ଅବକାରୀ ବିଭାଗ ୨୫୦୦ କେଜି ମହୁଲ ପୋଚ ଏବଂ ୭୦ ମହୁଲି ମଦକୁ ନଷ୍ଟ କରିଛି।

## ଛଠ ମହୋତ୍ସବ ପ୍ରସ୍ତୁତି ବୈଠକ




ରାଇରଙ୍ଗପୁର,୮।୧୦(ସମିସ): ଛଠ ପର୍ବ ସାମାଜିକ ଓ ସାଂସ୍କୃତିକ ଟ୍ରଷ୍ଟ ରାଇରଙ୍ଗପୁର ଖଡକାଇ ନଈ ଛଠ ଘାଟରେ ଛଠ ମହୋତ୍ସବ ୨୦୨୫ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ବିଜୟ କୁମାର ରାମଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଅବଧେଶ ମିଶ୍ର, ରାଜେଶ କୁମାର ପ୍ରଜାପତି, ମଦନ ରଜକ, ଲାଲବାବୁ ସାଓ, ଚନ୍ଦ୍ରଭୁଷଣ (ଛୋଟୁ) ଯାଦବ, ମୟୁର ଗୁପ୍ତା, ବୈଦ୍ୟନାଥ ସାଓ, ବିନୋଦ ଦାସ, କିଶୋର ରଜକ, ସୌରଭ ପଟ୍ଟନାୟକ, ବାପି ସାହୁ, ପ୍ରମୁଖ ଉପସ୍ଥିତ ରହି ଛଠ ପୂଜା କିପରି ଶାନ୍ତିପୂର୍ଣ୍ଣ ଭାବରେ ହେବ ସେ ନେଇ ଆଲୋଚନା କରିଥିଲେ।

## ଆଇନଜୀବୀଙ୍କ କଲମ ଛାଡ ଆନ୍ଦୋଳନ



ରାଇରଙ୍ଗପୁର,୮।୧୦(ସମିସ): ରାଇରଙ୍ଗପୁର ସିଭିଲ କୋର୍ଟ ଆଇନଜୀବୀ ସଂଘ ସଭାପତି ଅକ୍ଷୟ ମହାନ୍ତିଙ୍କ ତତ୍ତ୍ୱାବଧାନରେ କଚେରୀ ପ୍ରାଙ୍ଗଣ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକତ୍ରିତ ହୋଇ ବ୍ରହ୍ମପୁର ସ୍ଥିତ ବାସଗୃହରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା କରାଯାଇଥିବା ନେଇ ରାଇରଙ୍ଗପୁର ସିଭିଲ କୋର୍ଟ ଆଇନଜୀବୀ ସଂଘ କଲମ ଛାଡ ଆନ୍ଦୋଳନ କରିଛି। ସରକାର ସ୍ୱର୍ଗତ ପଣ୍ଡାଙ୍କ ପରିବାରକୁ ଏକ କୋଟି ଟଙ୍କା ପ୍ରଦାନ କରନ୍ତୁ ବୋଲି ଦାବି ଜଣାଇଛନ୍ତି।

## କଂଗ୍ରେସର ‘ଭୋଟ ଚୋର ଗାଦି ଛାଡ’ କାର୍ଯ୍ୟକ୍ରମ ଶୁଭାରମ୍ଭ



ବାରିପଦା, ୮ ।୧୦(ସମିସ): ରାହୁଲ ଗାନ୍ଧୀଙ୍କ ନାରା ‘ଭୋଟ ଚୋର ଗାଦି ଛାଡ’କୁ ତୃଣମୂଳସ୍ତରରେ ସଫଳ କରିବା ପାଇଁ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ମୟୂରଭଞ୍ଜ (ପୂର୍ବ) ସାଙ୍ଗଠନିକ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ, ବ୍ଲକ କଂଗ୍ରେସ ସଭପତି, ନେତୃବୃନ୍ଦଙ୍କ ଉପସ୍ଥିତରେ ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ଶୁଭାରମ୍ଭ ହୋଇଛି। ଜିଲ୍ଲା ପର୍ଯ୍ୟବେକ୍ଷକ ଯଶୋବନ୍ତ ସିଂ ଲାଗୁରୀ, ପୂର୍ବତନ ସାଂସଦ ସୁଶିଳା ତିରିଆଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଶ୍ରୀ ବିଶ୍ୱାଳ ରାହୁଲ୍ ଗାନ୍ଧୀଙ୍କ ଏହି କାର୍ଯ୍ୟକ୍ରମକୁ ବ୍ଲକ ସ୍ତରରେ ସଫଳ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆଗାମୀ ଦିନରେ ଦଳକୁ ମଜଭୁତ କରିବା ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଆଡଭୋକେଟ ଜ୍ୟୋତିପ୍ରକାଶ ରଥ ମଞ୍ଚ ପରିଚାଳନା କରିଥିବାବେଳେ ବରିଷ୍ଠ ନେତା ହେମନ୍ତ ଦାସ, ଚୈତନ୍ୟ ହାଁସଦା, କ୍ଷୀରୋଦ ପାତ୍ର, ପ୍ରଦୀପ ମିଶ୍ର, ଉତ୍ତମ ବେହେରା, ବିଜୟ ସିଂ, ଜୀବନ ବାରିକ, ବନମାଳୀ ବାରିକ, ମହମ୍ମଦ ରକିମ, ଅସିତ ଦାସ, ଅଶୋକ ଗିରି, ରବୀନ୍ଦ୍ର ସାହୁ,, ଶାନ୍ତନୁ ପାଲ, ସତ୍ୟକାମ ସେନାପତି ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ। ଶେଷରେ ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରଦୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲି ମାଫିଆଙ୍କ ଦାଦାଗିରି; କାର୍ଯ୍ୟାନୁଷ୍ଠାନ ଦାବି

### ବେଆଇନ ବାଲିଘାଟ ରାସ୍ତା ପାଇଁ ଗଛ କଟା; ଗ୍ରାମବାସୀଙ୍କ ବିରୋଧ

ହାଟଡ଼ିହୀ, ୮।୧୦(ସମିସ): ବେଆଇନ୍ ବାଲିଘାଟ ପାଇଁ ରାସ୍ତା ନିର୍ମାଣ ବେଳେ ମୂଲ୍ୟବାନ ଗଛକାଟାକୁ ଗ୍ରାମବାସୀଙ୍କ ବିରୋଧ ଦେଖାଯାଇଛି। ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ କରଗୋଳା ବୈତରଣୀ ବାଲିଘାଟ ନିକଟରେ। ପୂର୍ବରୁ ଏଠାରେ ଲିଜ୍ ବାଲିଘାଟ ଥିବାବେଳେ ପ୍ରଶାସନ ପକ୍ଷରୁ ତାହାକୁ ଏବେ ଲିଜ୍ ଦିଆଯାଇନାହିଁ। ଗ୍ରାମବାସୀ ଜଙ୍ଗଲ ବିଭାଗ ସହଯୋଗରେ ୨୦୧୭ରେ ହଜାର ହଜାର ଗଛ ଲଗାଇ ଏକ ସୁନ୍ଦର ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିଥିଲେ; କିନ୍ତୁ କିଛି ବ୍ୟକ୍ତି ବେଆଇନ୍ ଭାବେ ବାଲି ଉତ୍ତୋଳନ କରିବାକୁ ଏବେ ରାସ୍ତା ନିର୍ମାଣ କରୁଛନ୍ତି। ଗ୍ରାମବାସୀଙ୍କ ଅଜାଣତରେ ଗତକାଲି ରାତିରେ ୫୦ରୁ ଊର୍ଦ୍ଧ୍ୱ ଶାଗୁଆନ, ଶିଶୁ, ଆକାଶିଆ ଆଦି ଗଛକୁ ଓପାଡି ଦେଇଛନ୍ତି। ଏପରିକି ଅନେକ ଗଛକୁ ଓପାଡ଼ି ନଦୀରେ ଭସାଇ ଦେଇଥିବା ଜଗବନ୍ଧୁ ଜେନା, ମୁରଲୀ ସେଠୀ, ଲକ୍ଷ୍ମୀନାରାୟଣ ନନ୍ଦ, ଜଗତ ନାରାୟଣ ଜେନା, ମହେନ୍ଦ୍ର ପଣ୍ଡା, ଅନ୍ତର୍ଯ୍ୟାମୀ ସାହୁ, ନଟବର ମହାରଣା, ବେଣୁ ଜେନା, ଶ୍ରୀଧର ଜେନା, ଗଣେଶ ଜେନା, ଗୋପାଳ ସେଠୀ, ଶୁକଦେବ ପଣ୍ଡା, ସୁବାଷ ଜେନା, କିଶୋର ଜେନା, ନାରାୟଣ ଓଝା, ନଟବର ବେହେରା, ଅଲେଖ ଜେନା, ନରହରି ପତି, ପରୀକ୍ଷିତ ଜେନା, ବଳରାମ ପଣ୍ଡା, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଆଜି ଶତାଧିକ ଗ୍ରାମବାସୀ ଏକଜୁଟ୍ ହୋଇ ଏପରି ବେଆଇନ୍ ବାଲିଘାଟକୁ ବନ୍ଦ କରିବା ସହିତ ମୂଲ୍ୟବାନ ଗଛ ଓପାଡ଼ି ଥିବା ଓ ନଷ୍ଟ କରିଥିବା ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।



## ଶ୍ରୀବତ୍ସ ଓ ଲାଡୁଙ୍କୁ ‘ମୁଖ୍ୟମନ୍ତ୍ରୀ ପୁରସ୍କାର’ ପ୍ରଦାନ

### ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ଦିବସ ପାଳିତ




ବାରିପଦା,୮।୧୦(ସମିସ): ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ସଙ୍କଳ୍ପ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ୭୧ତମ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଛି। ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଲୋକାୟୁକ୍ତ ଦେବବ୍ରତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା, କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୋଛାୟତ, ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ଯୋଗଦେଇ ଜନସାଧାରଣଙ୍କ ସହଭାଗିତା ଜରିଆରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିମିଳିପାଳର ସୁରକ୍ଷା ଦେଲେ ବନ୍ୟପ୍ରାଣୀ ସୁରକ୍ଷିତ ରହିପାରିବେ। ବିଶ୍ୱ ଦରବାରରେ ଶିମିଳିପାଳ କଳା ବାଘ ପାଇଁ ପରିଚୟ ହାସଲ କରିଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ସମ୍ମିଳିତ ପ୍ରୟାସ ଜରୁରୀ ବୋଲି ଡ.ସ୍ୱାଇଁ ମତପ୍ରକାଶ କରିଥିଲେ। ଏହି ଅବସରରେ ବାରିପଦା ସବଡିଭିଜନ ଅଧିନରେ ବାରିପଦା ବନଖଣ୍ଡରୁ ଶ୍ରୀବତ୍ସ ବେହେରା ଓ କରଞ୍ଜିଆ ସବଡିଭିଜନରୁ ଲାଡୁ ବଦ୍ରାଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ଭାବେ ପ୍ରତ୍ୟେକକୁ ୨୫ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି। ଏସିଏଫ ପ୍ରଦୀପ କୁମାର ଦେ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ବନଅଧିକାରୀ କର୍ମଚାରୀ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବାଙ୍ଗରିପୋଷି ବ୍ଲକ ବଣକାଟି ଏସଏସଡି ବାଳିକା ହାଇସ୍କୁଲର ଛାତ୍ରୀ ଚିତ୍ରାଙ୍କନ ପ୍ରତିଯୋଗୀତାରେ ରାଜ୍ୟସ୍ତରୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏସିଏଫ ମେହରବାନ ଅଲ୍ଲୀ ଧନ୍ୟବାଦ ଦେଇଥିଲେ।

## ମେଗା ଏକ୍ସପୋ ବିକଶିତ ଓଡିଶା ପ୍ରଦର୍ଶନୀ ଶୁଭାରମ୍ଭ

ରାଇରଙ୍ଗପୁର,୮।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ରାଇରଙ୍ଗପୁର କଚେରୀ ଷ୍ଟାଡିୟମ୍ ପଡିଆଠାରେ ଏକ ମେଗା ଏକ୍ସପୋ ବିକଶିତ ଓଡିଶା ପ୍ରଦର୍ଶନୀ ମେଳା ଗତ ୭ ତାରିଖରୁ ଶୁଭାରମ୍ଭ ହୋଇଛି। ଏହି ମେଳା ୯ ତାରିଖରେ ଉଦ୍‌ଯାପିତ ହେବ। ମଙ୍ଗଳବାର ଉଦଘାଟନୀ ସମାବେଶରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ, ବରିଷ୍ଠ ନେତା ସଂଜୀବ ମହାନ୍ତି ଓ ସାଂସଦ ପ୍ରତିନିଧି ମନୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୀତାଞ୍ଜଳି ତ୍ରିପାଠୀ, କାଳିପ୍ରସନ୍ନ ମହାନ୍ତି, ଶୁଭକାନ୍ତ ନାୟକ, ରାଜେଶ କୁମାର ରାମ, ମାନସ ଦାସ ଓ ଅଭିଜିତ ନନ୍ଦ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପରେ ବିଧାୟକ ଭାଦବ ହାଁସଦାଃ, ଜଲେନ ନାଏକ ଓ ପ୍ରକାଶ ସୋରେନ ବିକଶିତ ଓଡିଶା ସଂପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଶେଷରେ ମୁଖ୍ୟଅତିଥି ଆସନ୍ତା ୨୦୩୬ ବେଳକୁ ବିକାଶର ସ୍ୱତନ୍ତ୍ର ଓଡିଶା ପରିକଳ୍ପନା କରାଯାଉଥିଲା ବେଳେ ୨୦୪୭ ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ବିକାଶଶୀଳ ରାଷ୍ଟ୍ରରେ ଗଠନ କରିବା ଓ ଆଜି ଓଡିଶା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିବହନ, ଯୋଗାଯୋଗ, ବେପାର ବାଣିଜ୍ୟ ଆଦି କ୍ଷେତ୍ରରେ ଉନ୍ନତି କରିଛି। ତାହାକୁ ବିକଶିତ ଓଡିଶା ପ୍ରଦର୍ଶନୀ ମାଧ୍ୟମରେ ପ୍ରଦର୍ଶନ କରିବା ଲକ୍ଷ୍ୟ ବୋଲି କହିଥିଲେ। ଶିକ୍ଷକ ରଂଜନ କୁମାର ନନ୍ଦ ପରିଚାଳନା କରିଥିବା ବେଳେ ଅଧ୍ୟାପକ ବିଜୟ କୁମାର ରାମ ଧନ୍ୟବାଦ ଅର୍ପଣ କରିଥିଲେ।




## କୁଳିଅଣା ଲ୍ୟାମ୍ପ୍ସର ବାର୍ଷିକ ସାଧାରଣ ସଭା



କୁଳିଅଣା, ୮।୧୦(ସମିସ): ବୁଧବାର ଅପରାହ୍ନରେ କୁଳିଅଣା ଲ୍ୟାମ୍ପସର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସମିତି ସଭାପତି ଶରତ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ସଭାରେ ବରିଷ୍ଠ ସମବାୟବିତ ସୁଧାଂଶୁ କୁମାର ପାଣିଗ୍ରାହୀ, ଉପସଭାପତି ଅମ୍ବିକା ନାଏକ, ସଭ୍ୟ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବୈଲୋଚନ ନାଏକ, ଆଦିକନ୍ଦ ସାହୁ, ମଙ୍ଗୁଲୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପ୍ରଥମେ ୨୦୨୪-୨୫ ବର୍ଷର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ଚାଷୀଙ୍କୁ ଉନ୍ନତମାନର ବିହନ ଯୋଗାଣ, ଚାଷ ଉପକରଣ ଓ ଋଣ ସରଳୀକରଣ ସମ୍ପର୍କରେ ସୂଚନା ଦିଆଯାଇଥିଲା। ୨୦୨୪-୨୫ ବର୍ଷରେ ମୋଟ ୧୧ କୋଟି ୯୮ ହଜାର ୨୭୩ ଜମା ହୋଇଥିବାବେଳେ ୧୧ କୋଟି ୯୮ ହଜାର ୨୯୧ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୪-୨୫ ବଜେଟ୍ ଅନୁସାରେ ୯୫,୩୦,୭୦୪ ଟଙ୍କା ଆୟ ହୋଇଥିବାବେଳେ ୪୯,୪୪,୫୬୬ ଟଙ୍କା ବ୍ୟୟ ହୋଇଛି। ୨୦୨୪- ୨୫ ବର୍ଷରେ ୬୮ ଜଣ ନୂତନ ସଭ୍ୟ ପଞ୍ଜୀକୃତ ହୋଇଛନ୍ତି ଏବଂ ସେମାନଙ୍କୁ ଋଣ ପ୍ରଦାନ କରାଯାଇଛି। ୪୩ ଜଣଙ୍କୁ ୧୭ ଲକ୍ଷ ୪୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି। ସେହିପରି ୨୦୦ କ୍ୱିଣ୍ଟାଲ ଧାନ ବିହନ ଯୋଗାଇ ଦିଆଯାଇଥିବା ବେଳେ ୭୭୪ ଜଣ ଚାଷୀଙ୍କ ଠାରୁ ୨୩୩୪୯.୯୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ଶେଷରେ ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୁରୁଣାବାନ୍ଧଗୋଡ଼ା ଲକ୍ଷ୍ମୀ ମନ୍ଦିର ଚଳଚଞ୍ଚଳ



ରାମଚନ୍ଦ୍ରପୁର,୮ ।୧୦(ସମିସ): ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡା ପତିତପାବନ କ୍ଷେତ୍ରରେ ଥିବା ମହାଲକ୍ଷ୍ମୀ ମନ୍ଦିରରେ ବିଶେଷ ପୂଜାନୀତି ସମ୍ପନ୍ନ କରାଯାଇଛି। ଗ୍ରାମର ରଞ୍ଜିତ ଧୀର ଏବଂ ତାଙ୍କ ଧର୍ମପତ୍ନୀ ରେବତୀ ଧୀର ସଂକଳ୍ପରେ ବସିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଆଶୁତୋଷ ମାଝୀ, ନାରଣ ସେନାପତି, ସୁରଥ ଧୀର, ଭୀମସେନ ମାଝୀ, ତାରିଣୀ ପ୍ରସାଦ ପଟ୍ଟନାୟକ, ଅଭିଷେକ ମାଝୀ, ଶ୍ରୀକାନ୍ତ ଜେନା, ଆର୍ତ୍ତସାରଥୀ ପଟ୍ଟନାୟକ, ସମ୍ବିତ ମାଝୀ, ସୁକାନ୍ତ ଜେନା, ପିକେଶ୍ ମାଝୀ, ବାପୁଜୀ ନାୟକ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

## କାଠକଟାରେ ବନ୍ୟପ୍ରାଣୀ ସପ୍ତାହ



ଆନନ୍ଦପୁର, ୮।୧୦ (ସମିସ): ଆନନ୍ଦପୁର ବ୍ଲକ କାଠକଟାଠାରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଜଙ୍ଗଲ ସୁରକ୍ଷା ଆମର ରକ୍ଷା ଜଙ୍ଗଲ ସୁରକ୍ଷା ହେଲେ ଜୀବଜନ୍ତୁ ସୁରକ୍ଷା ହେବ ବୋଲି ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ହଦଗଡ଼ ବନାଞ୍ଚଳ କାଠକଟାଠାରେ ଗ୍ରାମବାସୀ ମିଳିତ ଭାବେ ଶପଥ ପାଠ କରିଥିଲେ। ବନପ୍ରାଣୀ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ସହକାରୀ ବନଅଧିକାରୀ ଅଶୋକ କୁମାର ବିଶ୍ୱାଳ, ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ ଅତିଥି ଭାବେ ଯୋଗ ଦେଇଥିଲେ। କାଠକଟା ସେକ୍ସନର ସମସ୍ତ ବନ ସୁରକ୍ଷା ସମିତିର ସଦସ୍ୟା ଏବଂ ସ୍ୱୟଂ ସହାୟକ ସଦସ୍ୟାମାନେ ମତ ରଖିଥିଲେ। କାଠକଟା ଫରେଷ୍ଟର ଲକ୍ଷ୍ମୀଧର କିସ୍କୁ ହଦଗର ଫରେଷ୍ଟର ମଳୟ କୁମାର ସାହୁ ସହଯୋଗ କରିଥିଲେ।

## ଓସିଏସ୍ ପରୀକ୍ଷାରେ ଲୋହିତଙ୍କ ସଫଳତା



ଖୁଣ୍ଟ, ୮।୧୦(ସମିସ): ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ଶୁକୃଳି ବ୍ଲକ ଅନ୍ତର୍ଗତ ଆଦିପୁର ଗ୍ରାମର ରତ୍ନାକର ମହାନ୍ତ ଓ ଜୟନ୍ତୀ ମହାନ୍ତଙ୍କ ପୁତ୍ର ଲୋହିତ କୁମାର ମହାନ୍ତ ୨୧୯ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କର ସଫଳତା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭା ପ୍ରାକ୍ତନ ଶିକ୍ଷକ ପୁରୁଷୋତ୍ତମ ମହାନ୍ତ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ବଳଭଦ୍ର ଘଡ଼ାଇ, ମୁଖ୍ୟବକ୍ତା ଭାବେ ଏବିଓ ସୁରେନ୍ଦ୍ର ରାଉତ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଜିପିଓ ମହେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବରେ ସୁରେଶ ଚନ୍ଦ୍ର ମହାନ୍ତ, ସତ୍ୟ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସୁଶୀଲ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦାନ କରି ତାଙ୍କର କର୍ମମୟ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶେଷରେ ଗ୍ରାମବାସୀଙ୍କ ତରଫରୁ ଉପଢୌକନ ସ୍ୱରୂପ କଳାମୁଗୁନି ପଥର ନିର୍ମିତ ଗଣେଶ ମୂର୍ତ୍ତି ଉପହାର ଦିଆଯାଇଥିଲା।

## ପଦ୍ମପୁରରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଆନନ୍ଦପୁର, ୮।୧୦ (ସମିସ): ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁରରେ ଶ୍ରୀ ଲକ୍ଷ୍ମୀପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଜୟ ମା’ ଦୁର୍ଗା କଳା ନିକେତନ, ଫକୀରପୁର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପଦେଷ୍ଟା ପ୍ରଦୀପ କୁମାର ରାମ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନୃତ୍ୟଶିଳ୍ପୀ ଶୁଭସ୍ମିତା ମାଝୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା (ନନ୍ଦିନୀ), ପ୍ରୀତିମୟୀ ଶର୍ମା, ଅନନ୍ୟା ଅନୁପ୍ରିୟା, ସ୍ୱିଟି ଜେନା, ସ୍ୱପ୍ନାରାଣୀ ନାହାକ, ଅଙ୍କିତା ରାମ୍, ନନ୍ଦିନୀ ଦାସ, ସୌମ୍ୟାଶ୍ରୀ ନାହାକ, ତୁଳସୀ ଦାସ, ସୋନି ସେଠୀ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ କୁନି କୁନି କଳାକାରଙ୍କୁ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

## ପ୍ରସ୍ତାବିତ ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଜନମତ ସାଉଁଟିଲେ ବିଧାୟକ

### ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସପକ୍ଷବାଦୀ ଜନମଞ୍ଚର ୩୨ ଦାବି

ତୁରୁମୁଙ୍ଗା, ୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ଚେମେଣା ଓ ଯମୁନାପଶି ପଞ୍ଚାୟତ ୧୨ଟି ମୌଜାରେ ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ହେବାକୁ ଥିବା ବେଳେ ଲୋକଙ୍କ ମନରେ ଏବେ ବିସ୍ଥାପନକୁ ନେଇ ଅସନ୍ତୋଷ ଓ ଦ୍ୱନ୍ଦ୍ୱ ଲାଗି ରହିଛି। ଏଥିପାଇଁ ନାନା ଆଶଙ୍କା ମଧ୍ୟରେ ସ୍ଥାନୀୟ ଚମ୍ପୁଆ ବିଧାୟକ ରାଜ୍ୟ ସରକାରଙ୍କ ନୀତି ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ନିକଟକୁ ବିସ୍ଥାପିତଙ୍କ ସହାୟତା ଉଦ୍ଦେଶ୍ୟରେ ୩୨ଟି ଦାବି ଉପସ୍ଥାପନ କରିଛନ୍ତି। ଲୋକଙ୍କ ସମସ୍ୟା ଦୂର ପାଇଁ ଏକ ଇସ୍ପାତ ପ୍ରକଳ୍ପ ସପକ୍ଷବାଦୀ ଜନମଞ୍ଚ ଗଠନ କରି ମଞ୍ଚ ସଭାପତି ଡ ସଞ୍ଜୀବ ଘଣାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ୩୨ଟି ଦାବି ରଖିଛନ୍ତି। ରାଜ୍ୟରେ ବିଜେପି ସରକାର ଆସିବା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜିଲ୍ଲାବାସୀଙ୍କ ପାଇଁ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଅଞ୍ଚଳରେ ଷ୍ଟିଲ ପ୍ଲାଣ୍ଟ ହେଲେ କେନ୍ଦୁଝର ଜିଲ୍ଲାର ବିକାଶ ଅଗ୍ରଗତି ହେବ। ଏଠାରେ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ସ୍ଥାପନା ପାଇଁ ପୋସ୍କୋ ଓ ଜେଏସ୍‌ଡବ୍ଲୁ ସରକାରଙ୍କ ନିକଟରେ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ୧୨ଟି ଗ୍ରାମର ୨୪୬୬ ଏକର ଜମି ଅଧିଗ୍ରହଣ କରାଯିବ। ସେଥିରୁ ୯୭୬ ଏକର ସରକାରୀ ଜମି ଏବଂ ୧୪୯୦ ଏକର ଘରୋଇ ଜମି ରହିଛି। ଏଥିସହ ପ୍ରକଳ୍ପ ପାଇଁ ୭୯୪ ଏକର ଜଙ୍ଗଲ ଜମି ମଧ୍ୟ ଅଧିଗ୍ରହଣ ହେବ।

ଷ୍ଟିଲ ପ୍ଲାଣ୍ଟକୁ ପ୍ରବଳ ବିରୋଧ ସତ୍ତ୍ୱେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଏହି ଅଞ୍ଚଳରେ ହେଉଥିବା ଫୁଟବଲ ଖେଳରେ ବିଭିନ୍ନ ପୂଜାମଣ୍ଡପ ବୁଲି ଯୋଗ ଦେଉଛନ୍ତି। ଗୋଡିପୋଖରୀ ଗ୍ରାମର କୀର୍ତ୍ତନ ମଣ୍ଡପ ପାଇଁ ୧୦ ଲକ୍ଷ ସହ ଲକ୍ଷ୍ମୀ ପେଣ୍ଡାଲ ନିର୍ମାଣ ୨ ଲକ୍ଷ ମଞ୍ଜୁର କରିଛନ୍ତି। ଏଥିସହ ଯୁବପିଢ଼ିଙ୍କ ପାଇଁ ଖେଳ ପଡ଼ିଆ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ବିସ୍ଥାପିତ ଅଞ୍ଚଳର ଲୋକଙ୍କୁ ଭେଟିବା ପରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ପ୍ରକଳ୍ପ ପ୍ରାରମ୍ଭରୁ ୧୨ଟି ପ୍ରସ୍ତାବିତ ଗ୍ରାମର ଲୋକଙ୍କ ସହ ଆଲୋଚନା କରିଛନ୍ତି। ଇସ୍ପାତ କାରଖାନା ସପକ୍ଷବାଦୀ ଜନମଞ୍ଚର ୩୨ଟି ପ୍ରମୁଖ ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ ପାଇଁ ମଞ୍ଚ ତରଫରୁ ପ୍ରସ୍ତାବ ଦିଆଯାଇଛି। ଆଗକୁ କିପରି ସୁରୁଖୁରୁରେ ବିସ୍ଥାପିତ ଲୋକଙ୍କ ଦୁଃଖ ଦୂର ହେବା ସହ କିପରି କ୍ଷତିଗ୍ରସ୍ତ ନହେବ ସେନେଇ ବିଧାୟକ ଚିନ୍ତା ବ୍ୟକ୍ତ କରିଛନ୍ତି।



## ଶାଳଗାଁରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

ବଡସାହି, ୮ ।୧୦(ସମିସ): ବଡସାହି ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁର ରାଜ୍ୟ ଅବସରପ୍ରାପ୍ତ ଜଙ୍ଗଲ ପଦାଧିକାରୀ କଲ୍ୟାଣ ସଂଘ ଓଡ଼ିଶା, ଇକୋକ୍ଲବ, ଶାଳଗାଁ ସହଯୋଗରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ଇକୋକ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଓଷ୍ଟା ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅରୁଣ କୁମାର ପାତ୍ର, ସ୍ୱତନ୍ତ୍ର ଅତିଥି ଦିଲ୍ଲୀପ କୁମାର ବାରିକ, ମୁଖ୍ୟବକ୍ତା ଭାବେ ବଟକୃଷ୍ଣ ପାଢ଼ୀ ଅବସର ପ୍ରାପ୍ତ ଉପ ବନ ସଂରକ୍ଷକ, ସମ୍ମାନିତ ଅତିଥି ଭାବେ ଅଜୟ କୁମାର ଦାସ ଅବସରପ୍ରାପ୍ତ ବନାଞ୍ଚଳଅଧିକାରୀ, ସରୋଜ କୁମାର ବେହେରା ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, ଜୟନ୍ତୀ ପାତ୍ର ବେତନଟୀ ଜଙ୍ଗଲ ବିଭାଗର ବନରକ୍ଷୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଅତିଥି ବୃନ୍ଦ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ଲାକାର୍ଡ ଧରି ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ଶାଳଗାଁ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ବୃନ୍ଦ ଓ ଗ୍ରାମବାସୀ ଯୋଗ ଦେଇଥିଲେ।



## କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସଭା




କେନ୍ଦୁଝର, ୮।୧୦(ସମିସ): କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ୭୧ତମ ବାର୍ଷିକ ସାଧାରଣ ସଭା ବ୍ୟାଙ୍କ ସଭାପତି କାନନ ବିହାରୀ ପହିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ସମସ୍ତ ପୃଷ୍ଟପୋଷକଙ୍କୁ ଲାଭାଂଶ ବଣ୍ଟନ କରାଯାଇଥିବା ବେଳେ ଚାଷୀଙ୍କୁ ୫୬୨୮୯ ଲକ୍ଷ ଟଙ୍କା ଋଣ ଦିଆଯାଇଥିବା ଶ୍ରୀ ପହି ସୂଚନା ଦେଇଥିଲେ। ଅପରପକ୍ଷରେ ରାଜ୍ୟ ସମବାୟ ବ୍ୟାଙ୍କ୍ ମାଧ୍ୟମରେ ନାବାର୍ଡଠାରୁ ୪୦୦୮୬ ଲକ୍ଷ ଟଙ୍କା ଋଣ ଗ୍ରହଣ କରିଛନ୍ତି। ରାଜ୍ୟ ସମବାୟ ବ୍ୟାଙ୍କ୍, ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କ୍ ସରକାରୀ ବଣ୍ଡରେ ମୋଟ ୭୪୯୭୬ ଲକ୍ଷ ଟଙ୍କା ଗଚ୍ଛିତ ଅଛି ବୋଲି ସଭାପତି କରିଛନ୍ତି। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଦାସ ଆର୍ଥିକ ବର୍ଷ ୨୦୨୪-୨୫ ବିବରଣୀ ପଠନ କରିଥିଲେ। କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ଉପସଭାପତି ରଶ୍ମିରେଖା ଚକ୍ର, ନିର୍ଦ୍ଦେଶକ ଦେବପ୍ରିୟ ପତ୍ର, ସମବାୟ ୟୁନିଟ ସଭାପତି ଅଟଳ ବିହାରୀ ଶତପଥୀ, ଡିଡିଏମ କୁରେଶ ନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଅଧିକାରୀ ଶ୍ରୀ ରଥ ଏବଂ ବ୍ୟାଙ୍କର ଉପଦେଷ୍ଟା ଅମର ବର ଖଟୁଆ ପ୍ରମୁଖ ଉଦବୋଧନ ହୋଇଥିଲେ। ସଭାକୁ ବରିଷ୍ଠ ସମବାୟବିତ ଦେବାଶିଷ ମିଶ୍ର ଏବଂ ବ୍ୟାଙ୍କର ପରିଚାଳକ ଆଲୋକ ବଳ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ଲ୍ୟାମ୍ପସ ଓ ପ୍ୟାକ୍ସ ସଭାପତି ଓ ସଦସ୍ୟମାନେ ମତ ଉପସ୍ଥାପନା କରିଥିଲେ।

# ପ୍ରତିରୋପଣ ପରେ ବଦଳିଯାଉଛି ମଣିଷର ଆଚରଣ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ପରିବର୍ତ୍ତିତ ଜୀବନଶୈଳୀ, ପୁଷ୍ଟିକର ଖାଦ୍ୟ ଏବଂ ବ୍ୟାୟାମର ଅଭାବ ଯୋଗୁଁ ଦେଶରେ ହୃତ୍‌ପିଣ୍ଡ ଜନିତ ସମସ୍ୟା ବଢ଼ିବାରେ ଲାଗିଛି । ଏହା ଅଚାନକ ହୃଦ୍‌ଘାତର କାରଣ ପାଲଟି ଯାଉଛି । ଭାରତରେ ପ୍ରାୟ ୫୨୩ ନିୟୁତ ଲୋକେ ହୃତ୍‌ପିଣ୍ଡ ଜନିତ ରୋଗରେ ପୀଡ଼ିତ ବୋଲି ଜଣାପଡିଛି । ଅନେକ ଏହି ରୋଗରେ ପଡ଼ି ପ୍ରାଣ ହରାଉଛନ୍ତି । କିନ୍ତୁ ଏହି ଦୂରାରୋଗ୍ୟରୁ ଆରୋଗ୍ୟ ହେଉ ନଥିବା କିଛି ଧନାଢ୍ୟ ବ୍ୟକ୍ତି ଶେଷରେ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର କରୁଛନ୍ତି । କିନ୍ତୁ ସମସ୍ୟା ଏହି କି ଯେ ଅସ୍ତ୍ରୋପଚାର ପରେ ଅଧିକାଂଶଙ୍କ ଜୀବନଶୈଳୀ, ଚାଲିଚଳଣୀ, ଚିନ୍ତାଧାରା ବଦଳି ଯାଉଛି । ପୂର୍ବରୁ ଯାହାକୁ ବାଇକ୍ ଚଲାଇବାକୁ ପସନ୍ଦ ହେଉ ନ ଥିଲା ସେ ଏବେ ରେସିଂ ବାଇକ୍ ପଛରେ ପଡିଛି । ଆଉ କିଏ ଭାରତୀୟ ଖାଦ୍ୟକୁ ଛାଡ଼ି ଚାଇନିଜ୍ ମାୟାରେ ଫସି ଯାଇଛି । ଅନେକଙ୍କ କ୍ଷେତ୍ରରେ ଏଭଳି ପରିବର୍ତ୍ତନ ହୋଇଛି ।

ଅହମଦାବାଦର ନରହରିଭାଇ ପଟେଲ କହିଛନ୍ତି ଯେ ଗତ ସାତ ବର୍ଷ ହେଲା ସେ କାର୍ ଚଳାଉଛନ୍ତି । ତାଙ୍କୁ ଜମାରୁ ବାଇକ ପସନ୍ଦ ନୁହେଁ । ବାଇକ ତାଙ୍କୁ ବିପଦ ଭଳି ଲାଗେ । କିନ୍ତୁ ଗତ ୬ ମାସ ହେଲା ସେ ସ୍ପୋର୍ଟ୍ସ ବାଇକ ପଛରେ ପଡି ଯାଇଛନ୍ତି । ଏଥିରେ ଲେହ, ଲଦାଖ ବୁଲିବାକୁ ଚାହୁଁଛନ୍ତି । ତେଣୁ ଏହା କିଣିବା ପାଇଁ ଲାଗିଛନ୍ତି । ଦୁଇ ତିନୋଟି ବାଇକ ମଧ୍ୟ ଦେଖି ସାରିଲେଣି । ଏହାକୁ ଘର ଲୋକ ମଧ୍ୟ ଚିନ୍ତିତ ଅଛନ୍ତି । ଯଦି ବାଇକ ଚଲାଇବନି ତେବେ କିଣିବ କାହିଁକି ବୋଲି ପଚାରୁଛନ୍ତି । ଏହାକୁ ହଠାତ୍ ତାଙ୍କର ହୃତ୍‌ପିଣ୍ଡ ପ୍ରତିରୋପଣ କଥା ମନେ ପଡ଼ି ଯାଇଥିଲା । ୨୦୨୪ ଜାନୁଆରୀରେ ୧୪ ବର୍ଷ ସାନ ଯୁବକଙ୍କ ହୃତ୍‌ପିଣ୍ଡ ତାଙ୍କଠାରେ ଲାଗିଥିଲା । ସେ ବାଇକକୁ ବହୁତ ପସନ୍ଦ କରୁଥିଲେ । ତେଣୁ ଏବେ ତାଙ୍କୁ ବାଇକ ଭଲ ଲାଗୁଛି । ଚାଇନିଜ ଖାଇବାକୁ ଭଲ ପାଉଛନ୍ତି । ଆଦୌ ଝଗଡ଼ା କରୁ ନ ଥିବା ପଟେ ଏବେ ଟିକେ ଟିକେ କଥାରେ ରାଗି ଯାଉଛନ୍ତି । ପ୍ରତିରୋପଣ ପରେ ସେ ଦ୍ୱିତୀୟ ଜନ୍ମ ପାଇଥିବା କହିଛନ୍ତି । କେବଳ ପଟେଲ ନୁହଁନ୍ତି ଏଭଳି ଅନେକ ବ୍ୟକ୍ତିଙ୍କ ରୁଚି ଏବଂ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଛି ।

**ହୃତ୍‌ପିଣ୍ଡ ଦେଇଥିବା ବ୍ୟକ୍ତିଙ୍କ ପରି ହେଇଯାଉଛି ହାବଭାବ**

ହାର୍ଟ ପମ୍ପିଂରେ ସମସ୍ୟା ହେବାରୁ ୨୦୨୦ ଜୁଲାଇ ୧୦ରେ ଅହମଦାବାଦର ସାକ୍ଷିତାବେନଙ୍କ ହୃତ୍‌ପିଣ୍ଡ ପ୍ରତିରୋପଣ ହୋଇଥିଲା । ଏକ ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ସୁରଟର ୨୪ ବର୍ଷୀୟ ମହର୍ଷ ପଟେଲଙ୍କ ହୃତ୍‌ପିଣ୍ଡ ତାଙ୍କୁ ମିଳିଥିଲା । ଏହି ଅସ୍ତ୍ରୋପଚାର ପରେ ତାଙ୍କ ହାବଭାବ ବଦଳି ଯାଇଥିଲା । ସେ ଚିଡ଼ିଚିଡ଼ା ହେବାରେ ଲାଗିଥିଲେ । ପୂର୍ବରୁ କାହାକୁ ଜବାବ ଦେଉ ନ ଥିବା ସାକ୍ଷିତା ଏବେ ଶୀଘ୍ର ରାଗି ଯାଉଛନ୍ତି । ତାଙ୍କ ଖାଦ୍ୟ ଶୈଳୀ ମଧ୍ୟ ବଦଳି ଯାଇଛି । ପୂର୍ବରୁ ପସନ୍ଦ ଆସୁ ନ ଥିବା ଗୁଜରାଟୀ ଖାଦ୍ୟ ତାଙ୍କୁ ଏବେ ଭଲ ଲାଗୁଛି । ଆଇସକ୍ରୀମ ଅଧିକ ଖାଉଛନ୍ତି । ସ୍ୟାଣ୍ଡୱିଚ ପସନ୍ଦ କରୁ ନ ଥିବା ସାକ୍ଷିତା ଅସ୍ତ୍ରୋପଚାର ପରେ ଏହା ଖାଇ ଚାଲିଛନ୍ତି । ଏ ସବୁ ଜିନିଷ ମହର୍ଷଙ୍କୁ ଭଲ ଲାଗେ । ତେଣୁ ଏବେ ତାଙ୍କୁ ଭାଲ ଲାଗୁଛି ବୋଲି ସେ ପଚରାଉଚୁରା କରିବାରୁ ଜାଣି ପାରିଛନ୍ତି । ସେହିପରି ୧୩ ବର୍ଷ ବୟସରେ ଜାମନଗରର ବାସିନ୍ଦା ଭୂମିକାଙ୍କ ୨୦୨୨ ମାର୍ଚ୍ଚ ୧୫ରେ ହୃତ୍‌ପିଣ୍ଡ ପ୍ରତିରୋପଣ ହୋଇଥିଲା । ଜଣେ ୨୧ ବର୍ଷୀୟ ରାଜସ୍ଥାନୀ ଯୁବକଙ୍କ ହୃତପିଣ୍ଡ ତାଙ୍କଠାରେ ଲାଗିଥିଲା । ଏହା ପରେ ଭୂମିକାଙ୍କଠାରେ ବଡ଼ ପରିବର୍ତ୍ତନ ହୋଇଥିଲା । ପ୍ରଥମେ ଭୂମିକାଙ୍କୁ କଦଳୀ ପସନ୍ଦ ନ ଥିଲା । କିନ୍ତୁ ପରେ ଏହାକୁ ଖାଇବା ଆରମ୍ଭ କରିଥିଲେ । ଏବେ ଏହି ସବୁ ପରିବର୍ତ୍ତନ ବିଷୟରେ ଗବେଷଣା ଜାରି ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି ।

# ପାକିସ୍ତାନରେ ସଂଘର୍ଷ; ୩୦ ନିହତ



ଇସଲାମାବାଦ୍, ୮।୧୦(ଏଜେନ୍ସି): ତେହରିକ-ଇ- ତାଲିବାନ ପାକିସ୍ତାନ (ଟିଟିପି) ଖାଇବର ପଖତୁନଖ୍ୱା ଅଞ୍ଚଳରେ ପୁଣି ଏକ ବଡ଼ ଧରଣ ଆକ୍ରମଣ କରିଛି । ଏଥିରେ ୧୧ ଜଣ ପାକିସ୍ତାନ ସୈନିକ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଜଣେ ଲେଖାଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଓ ଜଣେ ମେଜର ସାମିଲ ରହିଛନ୍ତି । ଆଫଗାନିସ୍ତାନ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଥିବା କୁରମ ଜିଲ୍ଲାରେ ପାକ୍ ସେନା ଟିଟିପି ବିରୋଧରେ ଅପରେସନ ଜାରି ରଖିଛି । ଫଳରେ ଦୁଇପକ୍ଷ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଏଥିରେ ଟିଟିପିର ୧୯ ଜଣ ଯୋଦ୍ଧା ମଧ୍ୟ ନିହତ ହୋଇଛନ୍ତି । ଟିଟିପି ଆକ୍ରମଣକାରୀଙ୍କୁ ଭାରତର ସମର୍ଥନ ରହିଛି ବୋଲି ପାକିସ୍ତାନ ସେନା ତରଫରୁ ଅଭିଯୋଗ କରାଯାଇଛି । ପାକସେନା ଅପରେସନ ଜାରି ରଖିଥିବା ବେଳେ ଟିଟିପି ଯୋଦ୍ଧା ବୋମା ମାଡ଼ କରିବା ସହ ଗୁଳି ଚଲାଇଥିଲେ । ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଉଲ୍ଲେଖଥାଉ କି, ୨୦୨୧ରେ ଆଫଗାନିସ୍ତାନରେ ତାଲିବାନ ଶାସନକୁ ଆସିବା ପରେ ଟିଟିପି ପାକିସ୍ତାନ ସେନା ବିରୋଧରେ ଗରିଲା ଯୁଦ୍ଧ ଜାରି ରଖିଛି । ଟିଟିପିକୁ ଗତ ୧୨ ବର୍ଷ ମଧ୍ୟରେ ପାକିସ୍ତାନ ପାଇଁ ସବୁଠାରୁ ବଡ଼ ବିପଦ ବୋଲି ବିବେଚନା କରାଯାଉଛି ।

ଗତ କେତେମାସ ମଧ୍ୟରେ ଟିଟିପି ପାକିସ୍ତାନ ସେନା ଉପରେ ତା'ର ଆକ୍ରମଣକୁ ଦିନକୁ ଦିନ ତୀବ୍ରତର କରିବାରେ ଲାଗିଛି । ଗତ କିଛି ମାସ ମଧ୍ୟରେ ଟିଟିପିର ଆକ୍ରମଣ ୯୦ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୫ ଗ୍ଲୋବାଲ ଟେରରିଜମ ଇଣ୍ଡେକ୍ସରେ ପାକିସ୍ତାନ ଦ୍ୱିତୀୟ ସର୍ବାଧିକ ଆତଙ୍କବାଦ ପ୍ରଭାବିତ ଦେଶ ଭାବେ ପରିଗଣିତ ହେଉଛି । ୨୦୨୪ରେ ଟିଟିପି ପାକିସ୍ତାନରେ ୪୮୨ଟି ଆକ୍ରମଣ କରିଛି । ଏଥିରେ ୫୫୮ ଜଣ ମୃତ୍ୟୁବରଣ କରିଛନ୍ତି । ଉଲ୍ଲେଖଥାଉ କି, ଗତ ସେପ୍ଟେମ୍ବର ୨୧ ରାତି ୨ଟାରେ ପାକିସ୍ତାନ ବାୟୁସେନା ଖାଇବର ପଖତୁନଖ୍ୱାର ତିରା ଉପତ୍ୟକାରେ ଚୀନ ପ୍ରଦତ୍ତ ଜେ-୧୭ ବିମାନରୁ ୮ଯି ଲେଜର ବୋମା ମାଡ଼ କରିଥିଲା । ଏଥିରେ ୩୦ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିଲେ ।

# କଶ୍ମୀରରେ ତୁଷାରପାତ, ତାପମାତ୍ରା -୦.୫



ଶ୍ରୀନଗର, ୮।୧୦(ସମିସ): ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ପାହାଡି ରାଜ୍ୟର ଉଚ୍ଚତମ ସ୍ଥାନମାନଙ୍କରେ ଗତ ୨୪ ଘଣ୍ଟା ମଧ୍ୟରେ ତୁଷାରପାତ ହୋଇଛି । ସେନା ଡୋଡା ଜିଲ୍ଲାରେ ଉଚ୍ଚତର ଅଞ୍ଚଳରେ ଫସି ରହିଥିବା ୨୫ ଜଣ ଆଦିବାସୀଙ୍କୁ ଉଦ୍ଧାର କରିଛି । ସେନା ନିଜର ପାଳିତ ଜନ୍ତୁଙ୍କ ସାହାଯ୍ୟରେ ଏହି ତୁଷାର ଝଡ଼ରୁ ଏମାନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ସେହିପରି ବୁଧବାରଠାରୁ ଜମ୍ମୁ-କଶ୍ମୀରର କଟରାରେ ବୈଷ୍ଣୋଦେବୀ ଯାତ୍ରା ପୁଣି ଥରେ ଆରମ୍ଭ ହୋଇଛି । ପ୍ରତିକୂଳ ପାଗ କାରଣରୁ ଏହି ଯାତ୍ରାକୁ ୫ରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ୩ ଦିନ ପରେ ଯାତ୍ରା ଆରମ୍ଭ ହୋଇଥିବାରୁ ଶ୍ରଦ୍ଧାଳୁ ଖୁସି ଜାହିର କରିଛନ୍ତି । ଆଜି ସକାଳୁ ଶହଶହ ଲୋକ ପୁଣିଥରେ ଯାତ୍ରା ଆରମ୍ଭ କରିଛନ୍ତି ।

ସେପଟେ ହିମାଚଳ ପ୍ରଦେଶରେ ମଙ୍ଗଳବାର ଲାଗାତର ତୃତୀୟ ଦିନ ପାଇଁ ତୁଷାରପାତ ହୋଇଛି । ଲାହୋଲ- ସ୍ପିତିରେ ରାତିରେ ତାପାମାତ୍ର -୦.୫ ଡିଗ୍ରୀରେ ପହଞ୍ଚିଛି । ସେହିପରି ଉତ୍ତରାଖଣ୍ଡ ବଦ୍ରିନାଥ, କେଦାରନାଥ ଓ ହେମକୁଣ୍ଡରେ ମଙ୍ଗଳବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି । ହେମକୁଣ୍ଡରେ ୨ରୁ ୩ ଇଞ୍ଚ୍ ପର୍ଯ୍ୟନ୍ତ ବରଫ ପଡ଼ିଛି । କେଦାରନାଥରେ ତାପମାତ୍ରା ୫ ଡିଗ୍ରୀକୁ ଖସିଛି । ଏବେ ୪ ଧାମ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଚାଲିଛି । ଅନ୍ୟପଟେ ବିହାରରେ ମୌସୁମୀର ଲେଉଟାଣୀ ଜାରି ରହିଥିଲେ ମଧ୍ୟ ବର୍ଷା ଜାରି ରହିଛି । ପ୍ରବଳ ବର୍ଷା କାରଣରୁ କେତୋଟି ନଦୀରେ ବନ୍ୟା ଆସିଛି । ସୁପୋଲରେ ୫ ହଜାର ଘରେ ପାଣି ପଶିଯାଇଛି । ମଧୁବନୀରେ ୧ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ସେହିପରି ଦେଶର ସମତଳ ଅଞ୍ଚଳରେ ଶୀତ ଅନୁଭୂତ ହେବା ଆରମ୍ଭ ହୋଇଛି । ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶର କେତୋଟି ସହରରେ ତାପମାତ୍ରରେ ଅବନତୀ ପରିଲକ୍ଷିତ ହୋଇଛି । କେତୋଟି ସହରର ତାପମାତ୍ରା ୨୦ ଡିଗ୍ରୀ ତାକୁ ଖସିଛି । ଫଳରେ ଶୀତ ଅନୁଭୂତ ହୋଇଛି ।

# ବର୍ଷା ପାଇଁ ଦିଲ୍ଲୀ-କୋଲକାତା ହାଇୱେ ଜାମ୍



**୪ ଦିନ ହେଲା ଗାଡ଼ିଗୁଡିକ ଫସି ରହିଛି**

ନୂଆଦିଲ୍ଲୀ, ୮।୧୦(ଏଜେନ୍ସି): ବିହାରର ରୋହତାସ ଜିଲ୍ଲାରେ ଗତ ସପ୍ତାହରେ ହୋଇଥିବା ପ୍ରବଳ ବର୍ଷା କାରଣରୁ ଦିଲ୍ଲୀ- କୋଲକାତା ଜାତୀୟ ରାଜପଥ-୧୯ ସମ୍ପୂର୍ଣ୍ଣ ଭାବେ ଠପ୍ କରିଛି । ହଜାର ହଜାର ଗାଡ଼ି ସଡ଼କ ଉପରେ ୪ ଦିନ ହେବ ଫସି ରହିଛି । ଟ୍ରକ୍, ବସ, କାର, ମୋଟର ସାଇକଲ ସବୁ ଗାଡ଼ି ଗୁଡିକ ଲମ୍ବା ଲାଇନ୍‌ରେ ଠିଆ ହୋଇଛନ୍ତି । ରୋହତାସରୁ ଔରଙ୍ଗାବାଦ ପର୍ଯ୍ୟନ୍ତ ୬୫ କିମିର ଟ୍ରାଫିକ ଜାମ ଦେଖିବାକୁ ମିଳିଛି । ଗତ ଶୁକ୍ରବାର ପ୍ରବଳ ବର୍ଷା ହେବା କାରଣରୁ ହାଇୱେରେ ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଡାଇଭର୍ଜନ ଓ ସର୍ଭିସ ଲେନ୍‌ରେ ପାଣି ପଶିଛି । ଏହି ଟ୍ରାଫିକ ଜାମ୍ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନ ତରଫରୁ କିଛି ପ୍ରୟାସ କରାଯାଇନାହିଁ । ସେହିପରି ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଓ ସଡ଼କ ନିର୍ମାଣ ସଂସ୍ଥା ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି । ୨୪ ଘଣ୍ଟା ମଧ୍ୟରେ ଗାଡିଗୁଡିକ ମାତ୍ର ୫ କିମି ଆଗକୁ ଯିବାକୁ ସକ୍ଷମ ହୋଇଛି । ଗତ ୩୦ ଘଣ୍ଟାରେ ଆମେ ମାତ୍ର ୭ କିମି ଯାତ୍ରା କରିଛୁ ବୋଲି ପ୍ରବୀଣ ସିଂ ନାମକ ଜଣେ ଟ୍ରକ୍ ଡ୍ରାଇଭର କହିଛନ୍ତି । ଟ୍ରାଫିକ ଜାମ୍ କାରଣରୁ ବ୍ୟବସାୟଠାରୁ ଆରମ୍ଭ କରି ସବୁ ପ୍ରକାର ଦୈନନ୍ଦିନ କାର୍ଯ୍ୟ ଯଥା ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହୋଇଛି ।

# ଜୁବିନ ଗର୍ଗଙ୍କ ସମ୍ପର୍କୀୟ ଭାଇ ଗିରଫ

ଗୌହାଟୀ, ୮।୧୦(ସମିସ): ଜଣାଶୁଣା ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲାରେ ଏବେ ଆସାମ ପୁଲିସର ଡିଏସ୍‌ପି ସନ୍ଦୀପନ ଗର୍ଗଙ୍କୁ ଗିରଫ କରାଯାଇଛି । ସନ୍ଦୀପନ ହେଉଛନ୍ତି ଜୁବିନଙ୍କ ଦାଦାଙ୍କ ପୁଅ ଭାଇ । ଘଟଣା ବେଳେ ସେ ଜୁବିନଙ୍କ ସହ ସିଙ୍ଗାପୁରରେ ଥିଲେ । ଜୁବିନଙ୍କ ମୃତ୍ୟୁ ସମ୍ପର୍କରେ ସନ୍ଦୀପନଙ୍କୁ ଗତ କିଛିଦିନ ହେବ ପଚରାଉଚରା କରାଯାଉଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି । ତାଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ବିନା ଉଦ୍ଦେଶ୍ୟରେ ହତ୍ୟା, ବେପରୁଆ ମନୋଭାବ କାରଣରୁ ମୃତ୍ୟୁ ଭଳି ମାମଲା ରୁଜୁ କରାଯାଇଛି । ସିଙ୍ଗାପୁରର ନର୍ଥଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ଯୋଗ ଦେବାକୁ ଜୁବିନ ସିଙ୍ଗାପୁର ଯାଇଥିଲେ । ସେଠାରେ ସେ ଗୋଟିଏ ଦିନ ପୂର୍ବରୁ ସମୁଦ୍ରରେ ସ୍କୁବା ଡାଇଭିଂ କରିବାକୁ ପ୍ରୟାସ କରୁଥିବା ବେଳେ ସେପ୍ଟେମ୍ବର ୧୯ ରେ ଅସ୍ୱାଭାବିକ ଭାବେ ମୃତ୍ୟୁବରଣ କରିଥିଲେ । ଏଥିସହ ଏହି ମାମଲାରେ ଏପର୍ଯ୍ୟନ୍ତ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି । ଏହାପୂର୍ବରୁ ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲର ମୁଖ୍ୟ ଆୟୋଜକ ଶ୍ୟାମାକାନ୍ତ ମହନ୍ତ, ତାଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଓ ଦୁଇ ବ୍ୟାଣ୍ଡ ସଦସ୍ୟ ଶେଖର ଜ୍ୟୋତି ଗୋସ୍ୱାମୀ ଓ ଅମୃତ ପ୍ରଭା ମହନ୍ତଙ୍କୁ ଗିରଫ କରାଯାଇଥିଲା ।



# ପିକ୍‌ନିକ୍ ବେଳେ ଭାସିଗଲେ ୭

ବେଙ୍ଗାଲୁରୁ, ୮।୧୦(ସମିସ): ଛୁଟିରେ ବଣଭୋଜି କରିବାକୁ ଯାଇଥିଲେ । କିନ୍ତୁ ଏହା ଏକ ବଡ଼ ଦୁଘର୍ଟଣାରେ ରୂପ ନେଇଥିଲା । କର୍ଣ୍ଣାଟକର ତୁମାକୁରୁର ୧୫ଜଣ ଲୋକ ମାରକୋନାହାଲି ଡ୍ୟାମ୍‌କୁ ପିକ୍‌ନିକ କରିବାକୁ ଯାଇଥିଲେ । ଏମାନଙ୍କ ମଧ୍ୟରୁ ୭ ଜଣ ପାଣି ଭିତରେ ପଶିଥିଲେ । ଏତିକି ବେଳେ ଡ୍ୟାମରୁ ପାଣି ଛଡ଼ା ଯାଇଥିଲା । ଫଳରେ ପ୍ରବଳ ସୁଅ ଆସିଥିଲା ଓ ସମସ୍ତେ ଭାସି ଯାଇଥିଲେ । ସୂଚନା ପାଇ ଉଦ୍ଧାରକାରୀ ଦଳ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ନୱାଜ ବୋଲି ଜଣେ ଲୋକଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ତୁମାକୁରୁ ଏସ୍‌ପି କେଭି ଅଶୋକ କହିଛନ୍ତି । ଦୁଇଟି ମୃତଦେହ ଉଦ୍ଧାର କରାଯାଇଛି ବୋଲି ପୁଲିସ କହିଛି । ବାକି ୪ ଜଣଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି । କିଛି ସମୟ ପାଇଁ ସର୍ଚ୍ଚ ଅପରେସନକୁ ବନ୍ଦ ରଖାଯାଇଥିଲା ଓ ବୁଧବାର ସକାଳୁ ପୁଣି ଏହାକୁ ଆରମ୍ଭ କରାଯାଇଛି ବୋଲି କୁହାଯାଇଛି । ନୱାଜଙ୍କୁ ବାଦ୍ ଦେଲେ ଭାସିଯାଇଥିବା ଅନ୍ୟମାନେ ହେଲେ ମହିଳା ଓ ଛୋଟ ପିଲା ।

# ସାମାଜିକ ଗଣମାଧ୍ୟମରେ ପ୍ରଧାନବିଚାରପତିଙ୍କୁ କଟାକ୍ଷ; ପଞ୍ଜାବରେ ମାମଲା



**ଜଷ୍ଟିସ ଗଭାଇଙ୍କ ପରିବାର କ୍ଷୁବ୍ଧ**

ନୂଆଦିଲ୍ଲୀ, ୮।୧୦: ଗତ ସୋମବାର ଦିନ ସୁପ୍ରିମ କୋର୍ଟ ଭିତରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ଉପରେ ଜୋତା ଆକ୍ରମଣ ପାଇଁ ଉଦ୍ୟମ ଘଟଣା ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି । ଜଣେ ଆଇନଜୀବୀଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ଦଳ ଓ ସଂଗଠନ ନିନ୍ଦା କରିଥିବା ବେଳେ କେତେକ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଜଷ୍ଟିସ ଗଭାଇଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି । ସେପଟେ ଅଭିଯୁକ୍ତ ଆଇନଜୀବୀ ମଧ୍ୟ ଅନୁତାପ କରିବା ପରିବର୍ତ୍ତେ ଆକ୍ରମଣ ସପକ୍ଷରେ ପ୍ରଚାର କରିବାରେ ଲାଗିଛନ୍ତି ।

ଇତିମଧ୍ୟରେ ଜଷ୍ଟିସ ଗଭାଇଙ୍କ ପରିବାର ପକ୍ଷରୁ ଜୋତା ଆକ୍ରମଣ ଘଟଣାର ନିନ୍ଦା କରାଯାଇଛି । ଜଷ୍ଟିସ ଗଭାଇଙ୍କ ମାଆ କମଳ ଗଭାଇ ଏବଂ ଭଉଣୀ କିର୍ତ୍ତି ଗଭାଇ ଘଟଣାର ନିନ୍ଦା କରି କହିଛନ୍ତି ଯେ କୋର୍ଟ ରୁମ ଭିତରେ ଏଭଳି ଆଚରଣ ହେଉଛି ସମ୍ବିଧାନ ଉପରେ ଆକ୍ରମଣ । ଏଭଳି ଆଚରଣ ବନ୍ଦ ହେବା ଉଚିତ । ନହେଲେ ଭବିଷ୍ୟତ ପିଢ଼ି ଆମକୁ କେବେହେଲେ କ୍ଷମା ଦେବେ ନାହିଁ । ବିନା କୌଣସି କାର୍ଯ୍ୟାନୁଷ୍ଠାନରେ ସଂପୃକ୍ତ ଆଇନଜୀବୀଙ୍କୁ ଛାଡ଼ିଦେବା ଲାଗି ଜଷ୍ଟିସ ଗଭାଇଙ୍କ ପରାମର୍ଶ ତାଙ୍କର ବଡ଼ପଣିଆର ପ୍ରଦର୍ଶନ ଥିଲା । ଆକ୍ରମଣକାରୀଙ୍କ 'ବିଷାକ୍ତ ଆଦର୍ଶ'ର ସମାଲୋଚନା କରି ସେମାନେ କହିଛନ୍ତି ଯେ ଯେଉଁମାନେ ସମ୍ବିଧାନର ଅପମାନ କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର ।

ଅନ୍ୟପକ୍ଷରେ ଏହି ଘଟଣା ପରେ ସାମାଜିକ ଗଣମାଧ୍ୟମରେ କେତେକ ବ୍ୟକ୍ତି ଜଷ୍ଟିସ ଗଭାଇଙ୍କୁ କଟାକ୍ଷ କରିବା ଆରମ୍ଭ କରିଛନ୍ତି । ସେମାନେ ଆକ୍ରମଣକାରୀ ଓକିଲକୁ ସମର୍ଥନ କରି ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ଜାତିଆଣ ଟିପ୍ପଣୀ କରୁଛନ୍ତି । ଗତକାଲି ଠାରୁ ଏହି ଧାରା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ସେମାନେ କହିଛନ୍ତି ଯେ ସଂପୃକ୍ତ ଓକିଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେବା ପାଇଁ ସୁପ୍ରିମକୋର୍ଟ କହିଥିଲେ ମଧ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ । କୋର୍ଟ ରୁମ ଭିତରେ ପ୍ରଧାନ ବିଚାରପତିଙ୍କ ଉପରେ ଜୋତା ଆକ୍ରମଣ ଉଦ୍ୟମ ଏକ ଛୋଟ ଘଟଣା ନୁହେଁ । ସରକାର ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ସାମାଜିକ ଗଣମାଧ୍ୟମରେ ଗଭାଇଙ୍କୁ କଟାକ୍ଷ କରୁଥିବା ଲୋକମାନଙ୍କ ବିରୋଧରେ ପଞ୍ଜାବରେ ଏକାଧିକ ଏଫଆଇଆର୍ ଦାଖଲ କରାଯାଇଥିବା ଜଣାପଡ଼ିଛି ।



# ଇକୁଏଡ଼ର ରାଷ୍ଟ୍ରପତିଙ୍କୁ ହତ୍ୟା ଉଦ୍ୟମ; ୫ ଗିରଫ

ନୂଆଦିଲ୍ଲୀ, ୮।୧୦(ଏଜେନ୍ସି): ଉତ୍ତର ପଶ୍ଚିମ ଲାଟିନ ଆମେରିକୀୟ ଦେଶ ଇକୁଏଡର ରାଷ୍ଟ୍ରପତି ଡାନିଏଲ ନୋବୋଆଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଇଛି । ବୁଧବାର ସେ ନିଜର ସୁରକ୍ଷାକର୍ମୀଙ୍କ ସହ ଗାଡ଼ିରେ ଯାଉଥିବା ବେଳେ ୫୦୦ ଲୋକ ତାଙ୍କୁ ଘେରାଉ କରି ଟେକା ମାଡ଼ କରିବା ସହ ଗୁଳି ଚଳାଇଥିଲେ । ରାଷ୍ଟ୍ରପତିଙ୍କ କାର ଉପରେ ଗୁଳିର ଚିହ୍ନ ଦେଖିବାକୁ ମିଳିଛି । ତେବେ ତାଙ୍କର କୌଣସି କ୍ଷତି ହୋଇନାହିଁ । ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଘଟଣା ପରେ ୫ଜଣଙ୍କୁ ଗିରଫ କରାଯାଇଛି ବୋଲି ଇକୁଏଡର ପରିବେଶ ଓ ଶକ୍ତି ମନ୍ତ୍ରୀ ଆଇନେସ ମାଞ୍ଜାନୋ କହିଛନ୍ତି । ଲୋକଙ୍କ ଏଭଳି ଆଚରଣକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି । ସରକାର ଫୁଏଲ ସବ୍‌ସିଡିକୁ ବନ୍ଦ କରିଥିଲେ । ଫଳରେ ତାଙ୍କ ବିରୋଧରେ ଜନତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା ।

# ବାଣ କାରଖାନାରେ ବିସ୍ଫୋରଣ; ୬ ମୃତ

ହାଇଦରାବାଦ, ୮।୧୦(ଏଜେନ୍ସି): ଆନ୍ଧ୍ରପ୍ରଦେଶର ଡଃ ବିଆର୍ ଆମ୍ବେଡକର କୋନାସିମା ଜିଲ୍ଲାରେ ରାୟବରମରେ ବୁଧବାର ଏକ ବାଣ କାରଖାନାରେ ଭୀଷଣ ନିଆଁ ଲାଗିଛି । ଏଥିରେ ୬ ଜଣ ଲୋକ ପ୍ରାଣ ହରାଇଛନ୍ତି । ମୃତଦେହଗୁଡିକ ପୂରା ଜଳି ଯାଇଥିବାରୁ ଏଗୁଡିକର ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି । ଏଥିରେ ବହୁଲୋକ ଆହତ ମଧ୍ୟ ହୋଇଛନ୍ତି । ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ମୃତକଙ୍କ ଦେହ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି ବୋଲି ସ୍ଥାନୀୟ ଏସ୍‌ପି ରାହୁଲ ମିନା କହିଛନ୍ତି । ମୃତକ ଏହି ବାଣ କାରଖାନର ଶ୍ରମକ ହୋଇପାରନ୍ତି ବୋଲି କୁହାଯାଇଛି । ମୃତଦେହଗୁଡିକୁ ଚିହ୍ନଟ କରିବାକୁ ପାଇଁ ପ୍ରୟାସ ଜାରି ରହିଛି । ଏହି କାରଖାନା ପାଖରେ ବାଣ ତିଆରି କରିବାକୁ ଲାଇସେନ୍ସ ଥିଲା । ସର୍ଟ ସର୍କିଟ କାରଣରୁ ନିଆଁ ଲାଗିବା ସହ ଆଖୁ ପିଛୁଳାକେ ବ୍ୟାପୀ ଯାଇଥଲା ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି । ଏହି ଘଟଣାର ଭିଡିଓ ସାମ୍ନାକୁ ଆସିଛି ଓ ଏହା ସାମାଜିକ ଗଣମାଧ୍ୟମଗୁଡିରେ ଭାଇରାଲ ହୋଇଛି ।

# ଯୋଧପୁର ଜେଲ୍‌ରେ ୱାଙ୍ଗଚୁକ୍‌ଙ୍କୁ ଭେଟିଲେ ପତ୍ନୀ ଗୀତାଞ୍ଜଳି

ଯୋଧପୁର, ୮।୧୦(ଏଜେନ୍ସି): ଯୋଧପୁର ସେଣ୍ଟ୍ରାଲ ଜେଲ୍‌ରେ ଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ମଙ୍ଗଳବାର ରାତିରେ ପତ୍ନୀ ଗୀତାଞ୍ଜଳି ଓଙ୍ଗମୋ ଭେଟିଛନ୍ତି । ତାଙ୍କ ସହ ଓକିଲ ରିତମ ଖାରେ ଉପସ୍ଥିତ ଥିଲେ । ଗୀତାଞ୍ଜଳି ପତିଙ୍କୁ ମୁକ୍ତ କରିବାକୁ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି । ଅକ୍ଟୋବର ୧୪ରେ ଏହାର ଶୁଣାଣି ହେବ । ୱାଙ୍ଗଚୁକ୍‌ଙ୍କୁ ଭେଟିବା ପରେ ଗୀତାଞ୍ଜଳି ବୁଧବାର ସାମାଜିକ ଗଣମାଧ୍ୟମରେ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ଡିଟେନସନ ଆଦେଶକୁ ଚ୍ୟାଲେଞ୍ଜ କରିବୁ ବୋଲି ସେ ଉଲ୍ଲେଖ କରିଛନ୍ତି । ଉଲ୍ଲେଖଥାଉ କି, ସେପ୍ଟେମ୍ବର ୨୪ରେ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବା ଓ ଲଦାଖକୁ ରାଜ୍ୟ ପାହ୍ୟା ଦାବି ନେଇ ଆନ୍ଦୋଳନ ହୋଇଥିଲା । କିନ୍ତୁ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା ଓ ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିଲେ । ଏହି ଆନ୍ଦୋଳନରେ ଯୁବକଙ୍କୁ ଉସୁକାଇଥିବା ସହ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ସୋନମଙ୍କୁ ଜାତୀୟ ସୁରକ୍ଷା ଅଧିନିୟମ (ଏନ୍‌ଏସ୍‌ଏ) ଅନୁସାରେ ଗିରଫ କରାଯାଇଥିଲା । ଲେହରୁ ତାଙ୍କୁ ଗିରଫ କରାଯିବା ପରେ ତାଙ୍କୁ ଜୟପୁର କେନ୍ଦ୍ରୀୟ ଜେଲକୁ ନିଆ ଯାଇଥିଲା । ଅକ୍ଟୋବର ୨ରେ ଗୀତାଞ୍ଜଳି ୱାଙ୍ଗଚୁକ୍‌ଙ୍କୁ ମୁକ୍ତ କରିବା ନେଇ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ଫଳରେ ଅକ୍ଟୋବର ୫ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ସମେତ ଲଦାଖ ପ୍ରଶାସନ, ଯୋଧପୁର କେନ୍ଦ୍ରୀୟ ଜେଲ ଅଧିକ୍ଷକଙ୍କୁ ନୋଟିସ ଜାରି କରିଥିଲେ ।



# ୬୦ କୋଟି ଜମା କରିବାକୁ ଶିଳ୍ପାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ମୁମ୍ବାଇ, ୮।୧୦(ଏଜେନ୍ସି): ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିଦେଶ ଗସ୍ତ ନେଇ ବମ୍ବେ ହାଇକୋର୍ଟ ଏକ ସର୍ତ୍ତ ରଖିଛନ୍ତି । ପ୍ରଥମେ ୬୦ କୋଟି ଟଙ୍କା ଜମା କର । ତାପରେ ଯାଇ ଦୁହିଁଙ୍କ ବିଦେଶ ଗସ୍ତ ନେଇ ବିଚାର କରାଯିବ ବୋଲି କୋର୍ଟ କହିଛନ୍ତି । ବୁଧବାର ଦୁହିଁଙ୍କ ଆବେଦନ ଉପରେ ଶୁଣାଣି ହୋଇଥିଲା । ଅର୍ଥ ଠକାମୀ ମାମଲାରେ ଅଭିଯୁକ୍ତଙ୍କୁ ବିଦେଶ ଯାତ୍ରା ପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି କୋର୍ଟ କହିଥିଲେ । ଇଓଡବ୍ଲ୍ୟୁ ଦ୍ୱାରା ଜାରି କରାଯାଇଥିବା ଲୁକ୍ ଆଉଟ ନୋଟିସ୍‌କୁ ୩ ମାସ ପାଇଁ ନିଲମ୍ବିତ କରିବାକୁ ଦୁହେଁ ଆବେଦନ କରିଥିଲେ । ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶରେ ଦୁହେଁ ନିରାଶ ହୋଇଛନ୍ତି ।

# ଆଲୋଭେରା ସାମ୍ପୁ



**ରାସାୟନିକ ସାମ୍ପୁ ବ୍ୟବହାର କଲେ ଏହା କେଶକୁ କ୍ଷତି ପହଞ୍ଚାଇଥାଏ । ତେଣୁ କେଶକୁ ଘନ ଓ ମଜଭୂତ କରିବାକୁ ଚାହୁଁଥିଲେ ରାସାୟନିକ ସାମ୍ପୁ ବଦଳରେ ଘରେ ଆଲୋଭେରା ସାମ୍ପୁ ପ୍ରସ୍ତୁତ କରି ଲଗାଇପାରିବେ ।**

### ସାମ୍ପୁ ପ୍ରସ୍ତୁତି ବିଧି

- ଗୋଟିଏ କାଚ ବାଉଲ୍‌ରେ ଆଲୋଭେରା ଜେଲ୍ ନେଇ ସେଥିରେ ନଡ଼ିଆ କ୍ଷୀର, ମହୁ ଓ ବାଦାମତେଲ ଦେଇ ଭଲ ଭାବେ ମିକ୍ସ କରି ଦିଅନ୍ତୁ ।
- ଏହାକୁ ଗ୍ରାଇଣ୍ଡିଂ ଜାର୍‌ରେ ଦେଇ ଦୁଇ ତିନି ବୁନ୍ଦା ଏସେନ୍‌ସିଆଲ୍ ଅଏଲ୍ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ । ଏଥିରେ ରୋଜମେରୀ ଏସେନ୍‌ସିଆଲ୍ ଅଏଲ୍ ମିଶାଇ ଏୟାରଟାଇଟ୍ ବୋତଲରେ ଭରି ଫ୍ରିଜ୍‌ରେ ଷ୍ଟୋର କରନ୍ତୁ ।
- ପ୍ରଥମେ କେଶକୁ ଓଦା କରନ୍ତୁ । ଏହାପରେ ଅଳ୍ପ ମାତ୍ରାରେ ସାମ୍ପୁ ନେଇ ସ୍କାଲ୍‌ପରେ ହାଲୁକା ମସାଜ୍ କରନ୍ତୁ । ଏହାକୁ ଦୁଇ, ତିନି ମିନିଟ୍ ରଖି ପାଣିରେ ଧୋଇ ଦିଅନ୍ତୁ ।

### ସାମ୍ପୁର ଫାଇଦା

- ଏହା କେଶକୁ ପ୍ରାକୃତିକ ପୋଷଣ ଦେବା ସହ କେଶରେ ଚମକ ବୃଦ୍ଧି କରିଥାଏ ।
- କେଶକୁ କୋମଳ କରି ରୂପିକୁ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ । ଏହା ସମ୍ପୂର୍ଣ୍ଣ ରସାୟନ ମୁକ୍ତ ।
- ଏହାକୁ ଦଶରୁ ପନ୍ଦର ଦିନ ଫ୍ରିଜ୍‌ରେ ଷ୍ଟୋର କରି ରଖିପାରିବେ । ନିୟମିତ ବ୍ୟବହାର ଦ୍ୱାରା ଏହାକେଶକୁ ମଜଭୂତ କରିଥାଏ ।

# ସିକ୍କି କଳାକୃତିରୁ ଆତ୍ମନିର୍ଭର



**ବର୍ତ୍ତମାନ ସମୟରେ ମହିଳାମାନେ ଘରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି । କିଏ ଚାଷ କାର୍ଯ୍ୟ ତ କିଏ ବ୍ୟବସାୟ ତଥା କୁଟୀର ଶିଳ୍ପ ଦ୍ୱାରା ରୋଜଗାରକ୍ଷମ ହୋଇପାରୁଛନ୍ତି । ଏହାଦ୍ୱାରା ସେମାନେ ପରିବାର ପ୍ରତିପୋଷଣ ଭାର କାନ୍ଧକୁ ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ସିକ୍କି ଘାସରୁ ଭଳିକି ଭଳି ଟ୍ରେ, ଚାଙ୍ଗୁଡ଼ି, ଟୋକେଇ, ବାକ୍ସ, ପାଛିଆ, ଖେଳନା ଆଦି ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି, ବିହାର ଚମ୍ପାରନ ଜିଲ୍ଲା ବଗହାର ଆଦିବାସୀ ମହିଳାମାନେ ।**

### ସିକ୍କି କଳାକୃତିର ବିଶେଷତା

ବିହାରର ପ୍ରଚଳିତ ପ୍ରାଚୀନ ଲୋକକଳା ମଧ୍ୟରୁ ଗୋଟିଏ ସିକ୍କି କଳା । ନଦୀପଠାରେ ମିଳୁଥିବା ସିକ୍କି ଘାସରୁ ଏହି କଳାକୃତି କରାଯାଏ । ଏହା ୪୦୦ ବର୍ଷ ପୁରୁଣା । ବଗହା ଗାଁ ମହିଳାଙ୍କ କହିବାନୁଯାୟୀ, ଏଥିରୁ ତିଆରି ସାମଗ୍ରୀ ଯଥା- ଟୋକେଇ, ଆସନ, ଚାଙ୍ଗୁଡ଼ି ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିଲା । କିନ୍ତୁ ସମୟକ୍ରମେ ଏଥିରୁ ଏବେ ଭଳିକି ଭଳି ଘରସଜ୍ଜା ସାମଗ୍ରୀ ପ୍ରସ୍ତୁତ ହେଉଛି । ଏହି ଘାସ ବିଶେଷ କରି ବିହାର ମିଥିଳା ନଦୀତଟ, ତଥା ପୋଖରୀ କୂଳରେ ଦେଖିବାକୁ ମିଳିଥାଏ । ଏହି ଘାସକୁ ପ୍ରଥମେ କାଟି ଖରାରେ ଶୁଖାଯାଏ । ଶୁଖିଗଲା ପରେ ରଙ୍ଗ ବୁଡ଼ାଇ ସିକ୍କି ଜାଲି ଉପକରଣରେ ଏହାକୁ ସୂତା ଆକାର ଦିଆଯାଏ । ଏହାପରେ ହାତରେ ବୁଣି ବିଭିନ୍ନ କଳାକୃତି ପ୍ରସ୍ତୁତ କରାଯାଏ ।

### ଶୁଭକାର୍ଯ୍ୟରେ ଦିଆଯାଏ ଉପହାର

ପୌରାଣିକ କାହାଣୀ ଅନୁଯାୟୀ, ରାଜା ଜନକ ସୀତାଙ୍କୁ ବିଦାୟବେଳେ ସିକ୍କି କଳାକୃତି ନିର୍ମିତ ଟୋକେଇ, ଚାଙ୍ଗୁଡ଼ି, ଆଦି ଦେଇଥିଲେ । ଅବଶ୍ୟ କେତେକ ଗ୍ରାମାଞ୍ଚଳରେ ଏବେ ଝିଅ ଶାଶୁଘରକୁ ଗଲେ ସିକ୍କିରେ ତିଆରି ସାମଗ୍ରୀ ଦେବାର ପରମ୍ପରା ରହିଛି । ସେହିପରି ଘାସ ତିଆରି ଜିନିଷକୁ ଶୁଭ ମନଯାଏ । ଏଥିପାଇଁ ଏହାକୁ ଶୁଭକାର୍ଯ୍ୟରେ ବ୍ୟବହାର କରିବା ସହ ଉପହାର ଦିଆଯାଏ ।

### ଆତ୍ମନିର୍ଭର ହୋଇଛନ୍ତି ଆଦିବାସୀ ମହିଳା



ସ୍ଥାନୀୟ ଅଞ୍ଚଳର ଶହ ଶହ ଆଦିବାସୀ ମହିଳା ଏହି କଳାକୃତି ଦ୍ୱାରା ଆତ୍ମନିର୍ଭର ହୋଇଛନ୍ତି । ଘରର କାର୍ଯ୍ୟ ସାରି ଦିନକୁ ଦୁଇ ତିନି ଘଣ୍ଟା ଏହି କଳାକୃତି କରିଥାନ୍ତି । ଏହାଦ୍ୱାରା ସେମାନେ ଅର୍ଥଉପାର୍ଜନ କରିବା ସହ ପାରମ୍ପରିକ କଳାକୁ ଜୀବିତ ରଖିଛନ୍ତି । ଏଥିସହ ମହିଳାମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇ ସିକ୍କି କଳାରେ ଆଧୁନିକ ସାମଗ୍ରୀ ପ୍ରସ୍ତୁତ କରନ୍ତି । ଏହି କଳାକୃତିକୁ ବିଭିନ୍ନ ମେଳାଗୁଡ଼ିକରେ ଷ୍ଟଲ୍ ପକାଇ ବିକ୍ରିବଟା କରିଥାନ୍ତି । ସେହିପରି କିଛି ଏନ୍‌ଜିଓ ସହାୟତାରେ ଏହାକୁ ଅନ୍‌ଲାଇନ୍‌ରେ ମଧ୍ୟ ବିକ୍ରି କରିଥାନ୍ତି । କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ଏହାର ଚାହିଦା ବୃଦ୍ଧି ପାଇଛି ।

# ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍

**ସମୟ ଅନୁସାରେ ବିଭିନ୍ନ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ମଙ୍ଗଳସୂତ୍ର ବ୍ରେସ୍‌ଲେଟର ଟ୍ରେଣ୍ଡ ଚାଲିଛି । ମହିଳାମାନେ ବେକ ଅପେକ୍ଷା ହାତରେ ମଙ୍ଗଳସୂତ୍ର ପିନ୍ଧିବାକୁ ବେଶୀ ପସନ୍ଦ କରୁଛନ୍ତି । ତେବେ ବିଭିନ୍ନ ଡିଜାଇନର ମଙ୍ଗଳସୂତ୍ର ରହିଛି, ଜାଣିବା ସେ ବିଷୟରେ...**

### ଫୁଲ ଡିଜାଇନ୍

ଫୁଲ ଡିଜାଇନର ମଙ୍ଗଳସୂତ୍ର ପିନ୍ଧିପାରିବେ । ଏହା ହାତକୁ ଖୁବ୍ ସୁନ୍ଦର ମାନିଥାଏ । ଏହା ଷ୍ଟାଇଲିଶ୍ ଦେଖାଯିବା ସହ କାର୍ଯ୍ୟ କରିବାରେ ସୁବିଧା ହୋଇଥାଏ ।

### ପେଣ୍ଡେଣ୍ଟ ଡିଜାଇନ୍

ସେହିପରି ଚାହିଁଲେ, ପେଣ୍ଡେଣ୍ଟ ଡିଜାଇନ୍‌ର ମଙ୍ଗଳସୂତ୍ର ପିନ୍ଧିପାରିବେ । ଏଥିପାଇଁ ବେକ ମଙ୍ଗଳସୂତ୍ରରୁ ଲକେଟ୍ କାଢ଼ି କଳାମାଳିରେ ଗୁନ୍ଥି ହାତରେ ପିନ୍ଧିପାରିବେ ।

### ଲିଫ୍ ଡିଜାଇନ୍


ଏହି ବ୍ରେସ୍‌ଲେଟ୍ ବେଶ୍ ସୁନ୍ଦର ହୋଇଥାଏ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।



# କାନଫୋଡ଼ାଇବା ପରବର୍ତ୍ତୀ ଯତ୍ନ

**ଅଧିକାଂଶ ମହିଳା ଶୀତଦିନେ କାନ ଫୋଡ଼ାଇଥାନ୍ତି । କାରଣ ଏ ଦିନେ କାନ ଶୀଘ୍ର ଶୁଖିଯାଏ । କିନ୍ତୁ ଏବେ ମହିଳାମାନେ ଟ୍ରେଣ୍ଡ ଅନୁଯାୟୀ କାନ ଫୋଡ଼ାଉଛନ୍ତି । ଫଳରେ ଏହାଦ୍ୱାରା କାନ ସଂକ୍ରମଣ ହୋଇଥାଏ । ତେଣୁ କାନ ଫୋଡ଼ାଇବାର ପରବର୍ତ୍ତୀ ଯତ୍ନ କିପରି ନେବେ ଜାଣିବା ସେ ବିଷୟରେ...**

- ଉପର କାନ ଫୋଡ଼ାଉଥିଲେ, ଏହା ସଂକ୍ରମଣ ହେବାର ବେଶୀ ଆଶଙ୍କା ଥାଏ । ତେଣୁ କାନକୁ ସର୍ବଦା ସଫା ରଖିବା ଜରୁରୀ ।
- ଏଥିସହ ଉଷୁମ ପାଣିରେ ତୁଳା ବୁଡ଼ାଇ କାନଫୋଡ଼ାଇ ଥିବା ସ୍ଥାନକୁ ସଫା କରନ୍ତୁ । ଏହାଦ୍ୱାରା କାନ ପାଚେ ନାହିଁ ।
- ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, କାନରେ କ୍ରିମ୍ ବା ତେଲ ଲଗାଇପାରିବେ । ଏହା କାନଦରଜ ଦୂର କରିଥାଏ ।
- ସେହିପରି କାନ ଶୁଖିଗଲେ ସଙ୍ଗେ ସଙ୍ଗେ କିଣା କାନଫୁଲ କାଢ଼ି ସୁନା କିମ୍ବା ରୂପା କାନ ଫୁଲ ଲଗାଇବା ଭଲ । ଏହା କାନକୁ ପାଚିବାକୁ ଦିଏନି ।
- ସେହିପରି ଭାରି କାନଫୁଲ ବଦଳରେ ହାଲୁକା ଟପ୍ସ ଲଗାଇପାରିବେ ।
- ବିଭିନ୍ନ ଡିଜାଇନର ଛୋଟ କାନଫୁଲ ପିନ୍ଧିପାରିବେ ।



ମୋ ହାଣ୍ଡିଶାଳରୁ...

# ମଶରୁମ୍ ମସାଲା



### ଆବଶ୍ୟକ ସାମଗ୍ରୀ

ମଶରୁମ୍ – ୫୦୦ ଗ୍ରାମ୍, କଟା
ପିଆଜ – ଏକ କପ୍, କଞ୍ଚା ଲଙ୍କା- ତିନୋଟି,
ଜିରା – ଏକ ଚାମଚ, ଗୋଟା ଧନିଆ – ଏକ ଚାମଚ, ପାହମଧୁରୀ- ଏକ ଚାମଚ, ଗୋଲମରିଚ – ଚାରିଗୋଟି, ଅଦା ରସୁଣ ପେଷ୍ଟ – ଏକ ଚାମଚ, ଶୁଖିଲା ଲଙ୍କା – ତିନୋଟି, ହଳଦୀଗୁଣ୍ଡ - ଏକ ଚାମଚ, ଭୃସଙ୍ଗ ପତ୍ର – ଅଳ୍ପ, ଲୁଣ –ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ । ସେଥିରେ ଜିରା, ଧନିଆ, ରାଶି, ଜାଇଫଳ, ଗୋଲମରିଚ, ଲବଙ୍ଗ, ପକାଇ ଧିମା ଆଞ୍ଚରେ ଭାଜନ୍ତୁ । ଥଣ୍ଡା ହୋଇଗଲେ ଏହାକୁ ଏକ ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ । ଏହାପରେ ମଶରୁମ୍‌କୁ ମଝିରୁ ଦୁଇଫାଳ କରି ଭଲରେ ଧୋଇ ଦିଅନ୍ତୁ । ଏଥିରେ ଅଳ୍ପ ଲେମ୍ବୁରସ, ଲୁଣ, ଅଦାରସୁଣ ପେଷ୍ଟ ଓ ହଳଦୀଗୁଣ୍ଡ ଦେଇ ୨୦ ମିନିଟ୍ ଗୋଳାଇ ରଖନ୍ତୁ । ଏହାପରେ କଡ଼େଇ ବସାଇ ତେଲ ଦିଅନ୍ତୁ । ସେଥିରେ କଟାପିଆଜ ଦେଇ ହାଲୁକା ନାଲି ହେବା ଯାଏ ଭାଜନ୍ତୁ । ଏହାପରେ ମ୍ୟାରିନେଡ୍ କରି ରଖିଥିବା ମଶରୁମ୍‌କୁ ଦେଇ ଏପାଖସେପାଖ କରନ୍ତୁ । ସେଥିରେ କଞ୍ଚାଲଙ୍କା, ଭୃସଙ୍ଗପତ୍ର ସହ ମସଲାଗୁଣ୍ଡ ଦେଇ ଭାଜି ଦିଅନ୍ତୁ । ଦୁଇ ତିନି ମିନିଟ୍ ଭାଜି ହୋଇଗଲେ , ଧନିଆ ପତ୍ର ପକାଇ ପରଷନ୍ତୁ ମଶରୁମ୍ ମସାଲା ।

# ବିବାହ ଲେହେଙ୍ଗା କିଣୁଥିଲେ



### ବଜେଟ୍

ଲେହେଙ୍ଗା କିଣିବାକୁ ଯିବାପୂର୍ବରୁ ପ୍ରଥମେ ନିଜର ବଜେଟ୍ ପ୍ରସ୍ତୁତ କରନ୍ତୁ । ବଜେଟ୍ ଅନୁସାରେ ପସନ୍ଦ ମୁତାବକ ଜିନିଷ କିଣିପାରିବେ । ଏଥିସହ ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ ।

### ଟ୍ରେଣ୍ଡ

ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଲାଟେଷ୍ଟ ଡିଜାଇନ୍ ଦେଖନ୍ତୁ । ଏହାଦ୍ୱାରା ଆପଣଙ୍କୁ କେଉଁ ରଙ୍ଗର ଲେହେଙ୍ଗା ପସନ୍ଦ ସେ ବିଷୟରେ ସମ୍ୟକ୍ ଧାରଣା ମିଳିଥାଏ ।

### ରଙ୍ଗ ଚୟନ

ନିଜ ତ୍ୱଚା ରଙ୍ଗ ଅନୁସାରେ ଲେହେଙ୍ଗା ଚୟନ କରନ୍ତୁ । ଲାଲ, ଖଇରିଆ ଓ ଗୋଲାପୀ ଭଳି ପାରମ୍ପରିକ ରଙ୍ଗ ବ୍ୟତୀତ ପେଷ୍ଟାଲ୍ ଓ ଅନ୍ୟ ଉଜ୍ଜ୍ୱଳ ରଙ୍ଗ ବାଛିପାରିବେ ।

### ଋତୁ ଅନୁଯାୟୀ ଫ୍ୟାବ୍ରିକ୍

ବିବାହଋତୁକୁ ଧ୍ୟାନରେ ରଖି କପଡ଼ା ଚୟନ କରନ୍ତୁ । ଗରମ ଦିନେ ଜର୍ଜେଟ୍ ତଥା ନେଟ୍ ଲେହେଙ୍ଗା ଭଲ ହୋଇଥିବାବେଳେ, ଶୀତଦିନେ ଭେଲଭେଟ୍ ଲେହେଙ୍ଗା ଭଲ ହୋଇଥାଏ ।

### ଶରୀର ଅନୁଯାୟୀ କିଣନ୍ତୁ ଲେହେଙ୍ଗା

ଉଚ୍ଚତା ଓ ଶାରୀରିକ ଗଠନ ଅନୁସାରେ ଲେହେଙ୍ଗା ଚୟନ କରନ୍ତୁ । ଡେଙ୍ଗା ଯୁବତୀଙ୍କୁ ଓଜନିଆ ଲେହେଙ୍ଗା ଭଲ ମାନିଥାଏ । ସେହିପରି କମ୍ ଉଚ୍ଚତା ଯୁବତୀଙ୍କୁ ହାଲୁକା କାମ ଥିବା ଲେହେଙ୍ଗା ସୁନ୍ଦର ଦେଖାଯାଏ ।

# ବେସିନ୍ ସଫେଇ

**ୱାସ୍ ବେସିନ୍‌ରୁ ଲଗାତାର ପାଣି ଝରିଲେ, ସେଥିରେ କ୍ୟାଲ୍‌ସିୟମ୍ ପରସ୍ତ ଜମିଯାଏ । ଅନେକ ସମୟରେ ସାବୁନ ଓ ଟୁଥ୍‌ପେଷ୍ଟ ଲାଗି ମଧ୍ୟ ବେସିନ୍ ହଳଦିଆ ହୋଇଯାଏ । ଫଳରେ ଏହା ଖୁବ୍ ଅପରିଷ୍କାର ଦେଖାଯାଏ । ତେଣୁ ସହଜ ଉପାୟ ଆପଣାଇ କିପରି ବେସିନ୍ ସଫା କରିବେ । ଜାଣି ରଖନ୍ତୁ ।**

- ବେସିନ୍ ସଫା ପାଇଁ ଦୁଇଟି ଲେମ୍ବୁ, ଏକ ଚାମଚ ବେକିଂ ସୋଡ଼ା, ଓ ଏକକପ୍ ଉଷୁମ ପାଣି ନିଅନ୍ତୁ । ପ୍ରଥମେ ଲେମ୍ବୁରୁ ରସ କାଢ଼ି ସେଥିରେ ବେକିଂସୋଡ଼ା ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ୱାସବେସିନ୍‌ର ହଳଦିଆ ଓ ଅପରିଷ୍କାର ସ୍ଥାନରେ ଲଗାଇ ଦଶରୁ ପନ୍ଦର ମିନିଟ୍ ଛାଡ଼ି ଦିଅନ୍ତୁ । ଏହାପରେ ନଖଉଷୁମ ପାଣିରେ ଧୋଇ ଏହାକୁ ସଫା କରନ୍ତୁ । ବେସିନ୍ ନୂଆ ଭଳି ଚକ୍ ଚକ୍ ହୋଇଯିବ ।
- ଲେମ୍ବୁରେ ଥିବା ଏସିଡ୍ ଅପରିଷ୍କାର ଓ ଦାଗକୁ ଦୂର କରିଥାଏ । ଏହା ବେସିନ୍‌କୁ ନୂଆ ଭଳି ସଫା କରିଥାଏ । ବେକିଂସୋଡ଼ା ଦାଗକୁ ନ ଘଷି ସହଜରେ ସଫା କରିଥାଏ ।



### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଭାରତ

ବିଶାଖାପାଟନମ୍, ୮ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଆୟୋଜକ ଭାରତ ଏହାର ୩ୟ ମୁକାବିଲାରେ ଗୁରୁବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ବିଶାଖାପାଟନମର ୱାଇଏସ୍ ରାଜଶେଖର ଷ୍ଟାଡିୟମରେ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତୀୟ ମହିଳା ଦଳ ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ରହିଛି। ହରମନପ୍ରୀତ୍ କୌରଙ୍କ ଦଳ ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ ୫୯ ରନରେ ଶ୍ରୀଲଙ୍କାକୁ ଏବଂ ଦ୍ୱିତୀୟ ମୁକାବିଲାରେ ୮୮ ରନରେ ପାକିସ୍ତାନକୁ ମାତ୍ ଦେଇଥିଲେ। ୪ ପଏଣ୍ଟ ସହ ଭାରତୀୟ ଦଳ ବର୍ତ୍ତମାନ ପଏଣ୍ଟ ଟେବଲରେ ୨ୟ ସ୍ଥାନରେ ରହିଛି। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ୨ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇଛି। ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚରେ ୧୦ ୱିକେଟ୍‌ରେ ଇଂଲଣ୍ଡ ନିକଟରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ତେବେ ପରବର୍ତ୍ତୀ ମ୍ୟାଚରେ ୬ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ପଏଣ୍ଟ ଖାତା ଖୋଲିଥିଲା। ତେଣୁ ଆଫ୍ରିକା ମହିଳା ଦଳ ମଧ୍ୟ ବିଜୟକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛି।





**ଆଜିର ମ୍ୟାଚ୍**
**ଭାରତ - ଦ. ଆଫ୍ରିକା**
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : ବିଶାଖାପାଟଣମ୍

### ମନ୍ଧାନାଙ୍କ ଫର୍ମକୁ ନେଇ ଚିନ୍ତା

ଘରୋଇ ଭାରତୀୟ ଦଳର ପ୍ରମୁଖ ବ୍ୟାଟର୍ ସ୍ମୃତି ମନ୍ଧାନାଙ୍କ ଫର୍ମକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତାରେ ରହିଛି। ମନ୍ଧାନା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ମ୍ୟାଚରେ ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ମାତ୍ର ୨୩ ରନ କରିବାକୁ ସମର୍ଥ ହୋଇଥିଲେ। ତେଣୁ ଦକ୍ଷିଣ ଆଫ୍ରିକା ଭଳି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ମ୍ୟାନେଜମେଣ୍ଟ ତାଙ୍କ ନିକଟରୁ ବଡ଼ ସ୍କୋର ଆଶାରେ ରହିଛି। ମନ୍ଧାନାଙ୍କ ସହ ଅଧିନାୟିକା ହରମନପ୍ରୀତ୍ ମଧ୍ୟ ଆଖିଦୃଶିଆ ପାଳି ବର୍ତ୍ତମାନ ସୁଦ୍ଧା ଖେଳିପାରି ନାହାନ୍ତି। ପ୍ରଥମ ଦୁଇଟି ମ୍ୟାଚରେ କୌର ମାତ୍ର ୪୦ ରନ କରି ନିରାଶ କରିଛନ୍ତି। ତେବେ ଦୀପ୍ତି ଶର୍ମା ଓ ସ୍ନେହ ରାଣାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପ୍ରଥମ ଦୁଇଟି ମ୍ୟାଚରେ ବେଶ୍ ଉଲ୍ଲେଖନୀୟ ରହିଥିଲା। ସେହଭଳି ହର୍ଲିନ ଦେଓଲ୍‌ଙ୍କ ବ୍ୟାଟିଂ ମଧ୍ୟ ପ୍ରଶଂସନୀୟ ରହିଛି।

### ଭାରତ-୨୧; ଦ.ଆଫ୍ରିକା- ୧୨

ରେକର୍ଡ ଉପରେ ନଜର ପକାଇଲେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ପଲା ବେଶ୍ ଭାରି ରହିଛି। ମହିଳା ଦିନିକିଆ କ୍ରିକେଟ୍‌ରେ ଉଭୟ ଦଳ ପରସ୍ପର ୩୪ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ଭାରତ ୨୧ ମ୍ୟାଚ୍ ଓ ଦକ୍ଷିଣ ଆଫ୍ରିକା ୧୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚର ଫଳାଫଳ ବାହାରିନାହିଁ।

## ଅଷ୍ଟ୍ରେଲିଆର ସମ୍ମାନ ରଖିଲେ ମୁନୀ



ବେଥ୍ ମୁନୀ
ରନ - ୧୦୯
ବଲ୍ - ୧୧୪
ଚୌକା - ୧୧


କଲମ୍ବୋ, ୮ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ୯ମ ମୁକାବିଲାରେ ବୁଧବାର ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ପାକିସ୍ତାନ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଆର୍ ପ୍ରେମଦାସ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ବେଥ୍ ମୁନୀଙ୍କ ଦମ୍‌ଦାର ଶତକ ବଳରେ ୯ ୱିକେଟ୍‌ରେ ୨୨୧ ରନ କରିଛି। ଜବାବରେ ୨୨୨ ରନର ଲକ୍ଷ୍ୟକୁ ପିଛା କରିଥିବା ପାକିସ୍ତାନ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶେଷ ଖବର ସୁଦ୍ଧା ପାକିସ୍ତାନ ୨୪ ଓଭରରେ ୮ ୱିକେଟ୍ ହରାଇ ୯୦ ରନ କରି ପରାଜୟ ଅଭିମୁଖେ ଅଗ୍ରସର ହେଉଛି। କିମ୍ ଗାର୍ଥ ୩ଟି ଓ ମେଗନା ସ୍କଟ୍ ୨ଟି ୱିକେଟ୍ ନେଇଛନ୍ତି। ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚରେ ୮୯ ରନରେ ନ୍ୟୁଜିଲାଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଶ୍ରୀଲଙ୍କା ବିପକ୍ଷ ୨ୟ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ଅପରପକ୍ଷରେ ପାକିସ୍ତାନ ୨ଟି ମ୍ୟାଚ୍‌ରୁ ଦୁଇ ପରାଜୟ ସହ ଖାତା ଖୋଲିପାରି ନାହିଁ।

ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ପାକିସ୍ତାନ ଅଧିନାୟିକା ଫତିମା ସାନା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭୬ ରନରେ ୭ଟି ଏବଂ ୧୧୫ ରନରେ ୮ଟି ୱିକେଟ୍ ହରାଇଥିଲା। ଏପରିକି ଦଳ ଦେଢ଼ଶ ରନ ଅତିକ୍ରମ କରିବା ନେଇ ସନ୍ଦେହରେ ରହିଥିଲା। ତେବେ ମଧ୍ୟକ୍ରମରେ ବେଥ୍ ମୁନୀ ତାଙ୍କ ଅଭିଜ୍ଞତାର ପରିଚୟ ଦେଇ ଦମ୍‌ଦାର ଶତକୀୟ ପାଳି ଖେଳିବା ସହ ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। ସେ ୧୧ ଚୌକା ବଳରେ ୧୧୪ ବଲରୁ ୧୦୯ ରନ କରି ଇନିଂସର ଶେଷ ବଲରେ ଆଉଟ୍ ହୋଇଥିଲେ। ଦିନିକିଆରେ ଏହା ତାଙ୍କର ୪ର୍ଥ ଶତକ ଥିଲା। ଫଳରେ ଅଷ୍ଟ୍ରେଲିଆ ୯ ୱିକେଟ୍‌ରେ ୨୨୧ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଅଷ୍ଟ୍ରେଲିଆ ଇନିଂସର ୧୦ମ ସ୍ଥାନରେ ଆସିଥିବା ଲେଗ୍-ସ୍ପିନର ଆଲାନ କିଙ୍ଗ୍ ମଧ୍ୟ ୪୯ ବଲରେ ଅପରାଜିତ ୫୧ ରନ କରି ମୁନୀଙ୍କୁ ସହାୟତା କରିଥିଲେ। ଉଭୟଙ୍କ ମଧ୍ୟରେ ୯ ୱିକେଟ୍‌ରେ ୧୦୬ ରନର ମହତ୍ତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ଆଲିସା ହେଲୀ ୨୦, ଏଲିସେ ପେରୀ ୫, ଆସଲେ ଗାର୍ଡନର ଓ ଆନ୍ନାବେଲ୍ ସଦରଲାଣ୍ଡ ୧ ରନ ଲେଖାଏ କରିଥିଲେ। ବୋଲିଂରେ ପାକିସ୍ତାନର ନାଶରା ସାନ୍ଧୁ ୩ ଏବଂ ଅଧିନାୟିକା ସାନା ଓ ରମୀନ ସମୀମ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

### ବୟୋଜ୍ୟେଷ୍ଠ ଜୀବିତ ଟେଷ୍ଟ କ୍ରିକେଟର୍

## ୯୭ ବର୍ଷରେ ପାଦ ଥାପିଲେ ନେଲ୍ ହାର୍ଭେ

ସିଡ୍‌ନୀ, ୮ ।୧୦ (ଏଜେନ୍ସି): ଅଷ୍ଟ୍ରେଲିଆର ମହାନ କ୍ରିକେଟର୍ ନେଲ୍ ହାର୍ଭେ ବୁଧବାର ୯୭ ବର୍ଷ ବୟସରେ ପାଦ ଥାପିଛନ୍ତି। ବିଶ୍ୱରେ ଜୀବିତ ଥିବା ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର୍ ଭାବେ ସେ ବିବେଚିତ ହେଉଛନ୍ତି। ସେହିଭଳି ଅଷ୍ଟ୍ରେଲୀୟ କ୍ରିକେଟର ଭାବେ ସର୍ବାଧିକ ବର୍ଷ ବଞ୍ଚିବାର ରେକର୍ଡ ମଧ୍ୟ ନେଲ୍‌ଙ୍କ ନାମରେ ରହିଛି। ଏଥିସହ କିମ୍ବଦନ୍ତୀ ବ୍ୟାଟର୍ ଡନ୍ ବ୍ରାଡ୍‌ମ୍ୟାନଙ୍କ ନେତୃତ୍ୱରେ ଖେଳିଥିବା ଶେଷ ଅଷ୍ଟ୍ରେଲୀୟ ହେଉଛନ୍ତି ହାର୍ଭେ। ୧୯୪୮ରେ ବ୍ରାଡ୍‌ମ୍ୟାନଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ଇଂଲଣ୍ଡ ଗସ୍ତ କରିଥିବାବେଳେ ହାର୍ଭେ ଏହି ଦଳର ସଦସ୍ୟ ରହିଥିଲେ। ଭିକ୍ଟୋରିଆ ଜନ୍ମିତ ବାମହାତୀ ବ୍ୟାଟର୍ ହାର୍ଭେ ୧୯୪୮ରୁ ୧୯୬୩ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ୭୯ଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏଥିରେ ସେ ୪୮.୪୧ ହାରରେ ୬,୧୪୯ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୨୧ ଶତକ ଓ ୨୪ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିଭଳି ୩୦୬ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ହାର୍ଭେ ୬୭ ଶତକ ଓ ୯୪ ଅର୍ଦ୍ଧଶତକ ସହ ୨୧ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୧୯୫୨-୫୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ହାର୍ଭେ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରି ୯ଟି ଇନିଂସରୁ ୮୩୪ ରନ କରିଥିଲେ। ସେହିଭଳି ୧୯୪୯-୫୦ ସିଜନରେ ଦକ୍ଷିଣ ଆଫ୍ରିକା ଗସ୍ତରେ ହାର୍ଭେ ୫ଟି ଟେଷ୍ଟ ମ୍ୟାଚରେ ୪ଟି ଶତକ ସହ ୬୬୦ ରନ ସଂଗ୍ରହ କରିଥିଲେ। ହାର୍ଭେ ତାଙ୍କର ପ୍ରଥମ ୧୩ଟି ଟେଷ୍ଟରେ ୬ଟି ଶତକ ମାରି ବେଶ୍ ଚର୍ଚ୍ଚାରେ ରହିଥିଲେ। ଅବସର ପରେ ସେ ଅଷ୍ଟ୍ରେଲିଆ ଜାତୀୟ ଦଳର ଚୟନକର୍ତ୍ତା ଭାବେ ୧୨ ବର୍ଷ ଦାୟିତ୍ୱ ତୁଲାଇଥିଲେ।



### ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଅଷ୍ଟ୍ରେଲିଆ ପରାସ୍ତ

## ସିରିଜ କ୍ଲିନସୁଇପ୍ କଲା ଭାରତ

ମାକୟ, ୮ ।୧୦ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ବାଳକ ଦଳ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ଦ୍ୱିତୀୟ ୟୁଥ୍ ଟେଷ୍ଟ ମ୍ୟାଚକୁ ଭାରତ ୭ ୱିକେଟ୍‌ରେ ସହଜରେ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୫୮ ରନରେ ଜିତିଥିବା ଭାରତୀୟ ୧୯ ବର୍ଷରୁ କମ୍ ଦଳ ଏଥିସହ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି।

ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ମାତ୍ର ୧୩୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଭାରତୀୟ ୟୁଥ୍ ଦଳ ୧୭୧ ରନରେ ସୀମିତ ରହିବା ସହ ୩୬ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଲାଭ କରିଥିଲା। ମ୍ୟାଚର ଦ୍ୱିତୀୟ ଦିବସରେ ବୁଧବାର ଅଷ୍ଟ୍ରେଲିଆ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦ୍ୱିତୀୟ ପାଳିରେ ୧୧୬ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଫଳରେ ଭାରତ ସମ୍ମୁଖରେ ମାତ୍ର ୮୧ ରନ ଟାର୍ଗେଟ୍ ରହିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆଲେକ୍ସ ଲି ୟଙ୍ଗ୍ ସର୍ବାଧିକ ୩୮ ରନ କରିଥିଲେ। ଭ୍ରମଣକାରୀ ଭାରତ ପକ୍ଷରୁ ହେନିଲ ପଟେଲ ଓ ନମନ ପୁଷ୍ପକଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ୮୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୧୨.୨ ଓଭରରେ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ବେଦାନ୍ତ ତ୍ରିବେଦୀ ୩୩ ଓ ରାହୁଲ କୁମାର ୧୩ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିହାନ ମାଲହୋତ୍ରା ୨୧ ଓ ଅଧିନାୟକ ଆୟୁଷ ମହାତ୍ରେ ୧୩ ରନ କରିଥିଲେ। ତାରକା ଖେଳାଳି ବୈଭବ ସୂର୍ଯ୍ୟବଂଶୀ ଖାତା ଖୋଲିବା ପୂର୍ବରୁ ପ୍ରଥମ ବଲରେ ଆଉଟ୍ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଗସ୍ତରେ ଭାରତୀୟ ୟୁଥ୍ ଦଳ ପୂର୍ବରୁ ୩ଟି ଯାକ ଦିନିକିଆ ମ୍ୟାଚକୁ ମଧ୍ୟ ଜିତିଥିଲା। ଫଳରେ ଭାରତ ସିରିଜ ସୁଇପ୍ କରିନେଇଛି।

### ଜାତୀୟ ସିନିଅର ମହିଳା ଟି-୨୦

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

କଟକ,୮।୧୦(ସମିସ): ବିସିସିଆଇ ଆନୁକୂଲ୍ୟରେ ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫି ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ପରାଜୟର ଅଭିଯାନ ଆରମ୍ଭ କରିଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବ ରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଓଡ଼ିଶାକୁ ୫ ୱିକେଟରେ ହାଇଦ୍ରାବାଦ୍ ପରାସ୍ତ କରିଛି। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନର ମାଧୁରୀ ମେହଟା (୩୨ ରନ୍) ଏବଂ ଅଧିନାୟିକା ସୁଶ୍ରୀ(୨୮ ରନ୍)ଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଆଶାନୁରୂପ ପ୍ରଦର୍ଶନ କରି ପାରିନଥିଲେ। ହାଇଦରାବାଦର ସାକ୍ଷୀ ରାଓ, ମହେଶ କାବ୍ୟା, କେଶରୀ ଧ୍ରୀତ୍ୟ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଜବାବରେ ୧୮.୩ ଓଭରରେ ୫ ୱିକେଟ ହରାଇ ହାଇଦରାବାଦ୍ ବିଜୟୀ ହୋଇଥିଲା। ଜି ତ୍ରୀଶା ୩୫ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ସୁଶ୍ରୀଙ୍କୁ ୨ଟି ୱିକେଟ ମିଳିଥିଲା। ଗୁରୁବାର ହିମାଚଳପ୍ରଦେଶ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟ୍‌ବଲ ୧୪ରୁ

ଭୁବନେଶ୍ୱର, ୮ ।୧୦ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ ଆନୁକୂଲ୍ୟରେ ଆସନ୍ତା ୧୪ରୁ ତୃତୀୟ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ 'ୟୁନିଲାଇଟ୍ କପ୍' ଆରମ୍ଭ ହେବ। ନକ୍‌ଆଉଟ୍‌ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ୯ ଗୋଟି ଦଳ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟରେ ଗୋଟିଏ ପ୍ରି-କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ୟୁନିଟ-୧ ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବ। ସେହିଭଳି ଅକ୍ଟୋବର ୨୩ରେ ଫ୍ଲଡଲାଇଟ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ବୁଧବାର ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ସଂଘର ସଭାପତି ନବରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୧୫ ହଜାର ଓ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏହାବାଦ୍ ତୃତୀୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳ ମଧ୍ୟ ଯଥାକ୍ରମେ ୭ ହଜାର ଓ ୫ ହଜାର ଟଙ୍କା ପାଇବେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରାଯାଇ ପରେ ସେମାନଙ୍କୁ ଟାଟା ଫୁଟ୍‌ବଲ୍ ଏକାଡେମୀରେ ଏକ ମାସ ଧରି ପ୍ରଶିକ୍ଷଣ ଦିଆଯିବ ବୋଲି ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ସୂଚନା ଦେଇଛନ୍ତି। ସେହିଭଳି ଟୁର୍ଣ୍ଣାମେଣ୍ଟ ମଝିରେ ବିଡ଼ାନାସୀ, ରେଭେନ୍‌ସା, ଜାଗମରା ଓ ଓଡ଼ିଶା ପୋଲିସ ଦଳକୁ ନେଇ ଭେଟେରାନ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦେବବ୍ରତ ମହାନ୍ତି, ଉପସଭାପତି ପ୍ରଦୀପ କୁମାର ବଳିୟାରସିଂ, ବିରଞ୍ଚି ନାରାୟଣ ମହାନ୍ତି, ଚିନ୍ମୟ ଦାସ, ଶ୍ରୀମନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।





## ଆନ୍ତଃଜିଲ୍ଲା ଅସିଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ



କଟକ,୮।୧୦(ସମିସ): ଓଡ଼ିଶା ଅସିଚାଳନା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଜବହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚତୁର୍ଥ ରାଜ୍ୟ ଆନ୍ତଃଜିଲ୍ଲା ଅସିଚାଳନା ପ୍ରତିଯୋଗିତା ବୁଧବାର ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ତିନି ଦିନ ଧରି ଚାଲିବ। ଓଡ଼ିଶା ବାର କାଉନସିଲର ପୂର୍ବତନ ସଭାପତି ବିଜୟ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ନୟନ କିଶୋର ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ଓଡ଼ିଶା କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା, ରାଜ୍ୟ ଜିମ୍ନାଷ୍ଟିକ ସଂଘ ସମ୍ପାଦକ ଅଶୋକ କୁମାର ସାହୁ, ଓଡ଼ିଶା ସାଇକ୍ଲିଷ୍ଟ ସଂଘ ସମ୍ପାଦକ ପ୍ରସନ୍ନ କୁମାର ରାଉତ, ଓଡ଼ିଶା ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ରମେଶ ମଲ୍ଲିକ, ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୧୦ଟି ଜିଲ୍ଲାରୁ ୩୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ରୀଡ଼ା ସାମ୍ବାଦିକ ବିମଳ କୁମାର ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦବ୍ୟତୀତ ଦେବେନ୍ଦ୍ର ସାହୁ ଜାତୀୟ ଅସିଚାଳନା ସଂଘର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପକନିଷ୍ଠ ବାଳିକା ବର୍ଗରେ ଇପି ଇଭେଣ୍ଟରେ ବଲାଙ୍ଗିର ଅଭିପ୍ସା ରାଣୀ ମିଶ୍ର ପ୍ରଥମ ସ୍ଥାନ ଗ୍ରହଣ କରିଛନ୍ତି। ଭୁବନେଶ୍ୱରର ହିମାଂଦରୀ ସୁନାନୀ, ସମ୍ବଲପୁରର ହର୍ଷିତା ନାଏକ ଯଥାକ୍ରମେ ଦ୍ୱିତୀୟ ଏବଂ ୩ୟ ସ୍ଥାନ ହାସଲ କରିଥିଲେ। ସେହିପରି ସାବର ଇଭେଣ୍ଟରେ ସମ୍ବଲପୁରର ବରଣ୍ୟ ଗୌତମୀ ବରାଳ, ବଲାଙ୍ଗିରର ଆରୋସୀ ସାହୁ ଓ ପାୟଲ ବାରିକ ପ୍ରଥମରୁ ୩ୟ ସ୍ଥାନ ଅଧିକାର କରିଛନ୍ତି। ଫଏଲ ଇଭେଣ୍ଟରେ ଭୁବନେଶ୍ୱରର ପ୍ରଜ୍ଞାନ ମହାନ୍ତି ପ୍ରଥମ, ବଲାଙ୍ଗୀରର ଇଶିପ୍ରଜ୍ଞା ସ୍ୱାଇଁ ଦ୍ୱିତୀୟ, ସାରିକା ପଟେଲ ୩ୟ, ବାଳକ ବିଭାଗ ସାବର ଇଭେଣ୍ଟରେ ବଲାଙ୍ଗୀରର କାହ୍ନା ଗଡ଼ତୀୟ ୧ମ, ଆକାଶ ପ୍ରଧାନ ୨ୟ ଏବଂ ସୌମ୍ୟ ପ୍ରଧାନ ୩ୟ, ଇପି ଇଭେଣ୍ଟରେ ବଲାଙ୍ଗୀରର ବିଭୁତି ଶଙ୍କର ପଟେଲ ପ୍ରଥମ, ଭୁବନେଶ୍ୱରର ଦିବ୍ୟାଂଶୁ ୩ୟ ଓ ବଲାଙ୍ଗିର ରୁଦ୍ରାଂଶ ସ୍ୱାଇଁ ୩ୟ ସ୍ଥାନ ହାସଲ କରିଥିଲେ।

### ୨୯ତମ ବାପୁନା କପ୍


## ଓଡ଼ିଶା ଚାମ୍ପିଅନ




କଟକ,୮।୧୦(ସମିସ): ବିଦର୍ଭ କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ୨୯ତମ ବାପୁନା କପ୍‌ରେ ଓଡ଼ିଶା ୨୩ ବର୍ଷରୁ କମ୍ ଦଳ ଚାମ୍ପିଅନ ହୋଇଛି। ଦ୍ୱି-ଦିବସୀୟ ଫର୍ମାଟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ୪ଟି ଯାକ ଲିଗ୍ ମ୍ୟାଚ୍‌କୁ ଡ୍ର ରଖିବାରେ ଓଡ଼ିଶା ସଫଳ ହୋଇଥିଲା। ଏପରିକି ଦିନାସ୍ୱାଶ ଏକାଦଶ, ବାପୁନା ଏକାଦଶ ଏବଂ ମହାରାଷ୍ଟ୍ର ବିପକ୍ଷ ପ୍ରଥମ ତିନୋଟି ଯାକ ମ୍ୟାଚ୍‌ରେ ଓଡ଼ିଶା ଦଳକୁ ଇନିଂସ ଅଗ୍ରଣୀ ପଏଣ୍ଟ ମିଳିଥିଲା। କେରଳ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିବାବେଳେ କେରଳ ୪ ପଏଣ୍ଟ ଏବଂ ଓଡ଼ିଶା ୩ ପଏଣ୍ଟ ସଂଗ୍ରହ କରିଥିଲା। ତେବେ ପଏଣ୍ଟ ଭିତ୍ତିରେ ଓଡ଼ିଶାକୁ ଚାମ୍ପିଅନ ଘୋଷିତ କରାଯାଇଛି। ୩ଟି ମ୍ୟାଚ୍‌ରେ ୬ଟି ୱିକେଟ ଅକ୍ତିଆର କରିଥିବା ଓଡ଼ିଶାର ମହମ୍ମଦ ଡାନିସ୍ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର ବିବେଚିତ ହୋଇଛନ୍ତି। ପୁରସ୍କାର ସ୍ୱରୂପ ଡାନିସଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ମିଳିଛି। ଚାମ୍ପିଅନ ଓଡ଼ିଶା ଦଳକୁ ଓସିଏ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ବେଙ୍ଗଲ ରଣଜୀ ଦଳର ନେତୃତ୍ୱ ନେବେ ଈଶ୍ୱରନ

କୋଲକାତା, ୮ ।୧୦ (ଏଜେନ୍ସି): ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହେବାକୁଯାଉଛି। ଏଥିଲାଗି ବୁଧବାର ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱରେ ୧୭ ଜଣିଆ ବେଙ୍ଗଲ ଦଳ ଘୋଷଣା କରାଯାଇଛି। ସେହିଭଳି ଉଦୀୟମାନ ୱିକେଟ୍‌ରକ୍ଷକ ଅଭିଷେକ ପୋରେଲଙ୍କୁ ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଘୋଷିତ ଦଳରେ ଦୁଇ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ଓ ଆକାଶଦୀପ ରହିଥିବାରୁ ବେଙ୍ଗଲ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ହୋଇଛି। ସେହିଭଳି ବ୍ୟାଟିଂରେ ଅନୁଷ୍ଟୁପ ମଜୁମଦାର, ସୁଦୀପ୍ ଚାଟାର୍ଜୀଙ୍କ ଭଳି ଅଭିଜ୍ଞ ଓ ସୁଦୀପ୍ ଘରାମୀଙ୍କ ଭଳି ଯୁବ ପ୍ରତିଭା ରହିଛନ୍ତି। ଏଥର ରଣଜୀ ଟ୍ରଫିରେ ବେଙ୍ଗଲ ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଗୁଜରାଟ, ହରିୟାଣା, ସର୍ଭିସେସ୍, ରେଲୱେ, ତ୍ରିପୁରା, ଉତ୍ତରାଖଣ୍ଡ ଓ ଆସାମ ଦଳ ମଧ୍ୟ ରହିଛି। ଇଡେନ ଗାର୍ଡେନ୍ସରେ ଅକ୍ଟୋବର ୧୫ରେ ଉତ୍ତରାଖଣ୍ଡ ବିପକ୍ଷରେ ଖେଳି ବେଙ୍ଗଲ ଏହାର ଅଭିଯାନ ଆରମ୍ଭ କରିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS